READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ଭାରତ ରାଜନୀତିର ଅଜାତଶତ୍ରୁ, ବାଗ୍ମୀ, ପ୍ରଖ୍ୟାତ ଜନନାୟକ, ବିଶିଷ୍ଟ କବି ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ 'ଏକମାତ୍ର' ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି।

ବର୍ଷ-୨ ସଂଖ୍ୟା-୩୨ ୨୦ - ୨୬ ଅଗଷ୍ଟ, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-32 20th - 26th AUGUST, 2018 BHUBANESWAR ₹ 5/- (8 Pages)

## ଭାରତ ରାଜନୀତିର ଅଜାତଶତ୍ରୁଙ୍କ ବିୟୋଗରେ ଏକ ଯୁଗର ଅବସାନ

# ଅଟଳ ଅମର



**ନୂଆଦିଲ୍ଲୀ :** ଆଉ ଇହଜଗତରେ ନାହାନ୍ତି ମହାନ୍ ରାଷ୍ଟ୍ରନୀତିଜ୍ଞ, ବିଚକ୍ଷଣ ବାଗ୍ମୀ, ପ୍ରଖ୍ୟାତ କବି ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ। ଭାରତୀୟ ରାଜନୀତିର ଏହି ଅଜାତ ଶତ୍ରୁଙ୍କ ବିୟୋଗରେ ଏକ ଯୁଗର ଅବସାନ ଘଟିଛି। ଅଗଷ୍ଟ ୧୬ ତାରିଖ ସଂଧ୍ୟା ୫.୦୫ ମିନିଟ୍‌ରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ରେ ୯୩ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା। ଦେଶର ତିନିଥର ପ୍ରଧାନମନ୍ତ୍ରୀ, ୧୦ଥର ଲୋକସଭା ସଦସ୍ୟ ଓ ୨ଥର ରାଜ୍ୟସଭା ସଦସ୍ୟ ଥିବା ଅଟଳଜୀ ଅସୁସ୍ଥତା ହେତୁ ଏମ୍ସରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ତାଙ୍କ ଅବସ୍ଥା ଉଦ୍‌ବେଗଜନକ ଥିବାରୁ ତାଙ୍କୁ ଲାଇଫ୍ ସପୋଟରେ ରଖାଯାଇଥିଲା। ଏହି ବିଚକ୍ଷଣ ବାଗ୍ମୀ ତଥା କବି ବାଜପେୟୀ ବିଜେପିର ଅନ୍ୟତମ ପ୍ରତିଷ୍ଠାତା ଥିଲେ। ସେ ୧୯୯୬ରେ ୧୩ଦିନ ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୯୮ରୁ ୧୯୯୯ରେ ୧୩ମାସ ପାଇଁ ଏନ୍‌ଡିଏର ନେତୃତ୍ୱ ନେଇଥିଲେ। ଏହାପରେ ୧୯୯୯ ରୁ ୨୦୦୪ ପର୍ଯ୍ୟନ୍ତ ୫ ବର୍ଷ ଧରି ନିରଙ୍କୁଶ ଭାବେ ଦେଶର ପ୍ରଧାନମନ୍ତ୍ରୀ ରହିଥିଲେ। ପାଞ୍ଚବର୍ଷ ଧରି କ୍ଷମତାରେ ରହିବାରେ ବାଜପେୟୀ ଥିଲେ ପ୍ରଥମ ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ। ୨୦୦୫ରେ ସେ ସକ୍ରିୟ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ। ତାଙ୍କ ପାର୍ଥିବ ଶରୀର ଗତ ଶୁକ୍ରବାର ଦିନ ଦିଲ୍ଲୀର ଯମୁନା ନଦୀ କୂଳ ସ୍ମୃତି ସ୍ଥଳରେ ପଞ୍ଚଭୂତରେ ବିଲୀନ ହୋଇଯାଇଛି। ଅଟଳଜୀଙ୍କ ଅବର୍ତ୍ତମାନରେ ତାଙ୍କର ଅଟଳ ବିଚାର, ସିଦ୍ଧାନ୍ତ ଓ ➤ ପୃ-୬

## ଓଡ଼ିଶା ପାଇଁ ଅବଦାନ ଅବିସ୍ମରଣୀୟ



**ଭୁବନେଶ୍ୱର :** ଗରିବଙ୍କ ଉତ୍‌ଥାନ ଓ ଦେଶର ବିକାଶ ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନ ଯେତିକି ସ୍ମରଣୀୟ ସେହିଭଳି ଓଡ଼ିଶାର ବିକାଶ ପାଇଁ ତାଙ୍କର ଅବଦାନ ସେତିକି ପ୍ରଶଂସନୀୟ ଓ ସ୍ମରଣୀୟ। ଶିଳ୍ପ ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସହିତ ଓଡ଼ିଶାରେ ଜାତୀୟ ରାଜପଥର ଉନ୍ନତିକରଣ ପଛରେ ବାଜପେୟୀଙ୍କ ସମ୍ପୂର୍ଣ୍ଣ ଅବଦାନ ରହିଛି। ଯେଉଁଥିପାଇଁ ଓଡ଼ିଶାବାସୀ ସବୁଦିନ ପାଇଁ ତାଙ୍କୁ ମନେ ରଖିବେ। ନାଲକୋ, ଇଣ୍ଡିଆନ୍ ଅଏଲ୍ ରିଫାଇନାରୀ, ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ (ଏମ୍ସ) ଦ୍ୱାରା ଉପକୃତ ଓ ଜାତୀୟ ରାଜପଥ ଉପରେ ନିର୍ଭରଶୀଳ ଓଡ଼ିଶାର ଜନସାଧାରଣ ବାଜପେୟୀଙ୍କ ପରଲୋକରେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ସମଗ୍ର ଦେଶ ପାଇଁ ଯେଉଁ ୬ଟି ସ୍ଥାନରେ ଏମ୍ସ ପ୍ରତିଷ୍ଠା ଘୋଷଣା ହୋଇଥିଲା ସେଥିମଧ୍ୟରୁ ଓଡ଼ିଶାରେ ଗୋଟିଏ ଏମ୍ସ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୨୦୦୩ ମସିହା ଜୁଲାଇ୧୫ ତାରିଖରେ ଭୁବନେଶ୍ୱର ସହର ଉପକଣ୍ଠ ସିଜୁଆଠାରେ ବାଜପେୟୀ ଏହାର ଶିଳାନ୍ୟାସ କରିଥିଲେ। ଯାହା ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି। ତେବେ ଏହି ଶିଳାନ୍ୟାସ ଉତ୍ସବରେ ବାଜପେୟୀଙ୍କ ୨୦ ମିନିଟ୍‌ର ଅଭିଭାଷଣ ଉପସ୍ଥିତ ଜନତାକୁ ଏତେ ମାତ୍ରାରେ ପ୍ରଭାବିତ କରିଥିଲା ଯେ ସମଗ୍ର ରାଜ୍ୟରେ ଏହାକୁ ନେଇ ଦୀର୍ଘଦିନ ପର୍ଯ୍ୟନ୍ତ ଚର୍ଚ୍ଚା ଲାଗି ରହିଥିଲା। ୧୯୯୯ ଲୋକସଭା ନିର୍ବାଚନରେ ବିଜେପି-ବିଜେଡି ମେଣ୍ଟକୁ ଯଥେଷ୍ଟ ସଫଳତା ମିଳିଥିଲା। ବାଜପେୟୀଙ୍କ ଅଗ୍ନିବର୍ଷୀ ଅଭିଭାଷଣ ଓ ବିକାଶମୂଳକ କାର୍ଯ୍ୟର ଘୋଷଣା ରାଜ୍ୟରେ କଂଗ୍ରେସ ପତନର ବିଜରୋପଣ କରିଥିଲା। ବାଜପେୟୀଙ୍କ ସରକାରରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ୟାବିନେଟ୍ ମନ୍ତ୍ରୀ ରହିଥିଲେ। ସେତେବେଳେ ନବୀନ ବାଜପେୟୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ 'ସେ ଜଣେ ମହାନ ନେତା, ତାଙ୍କ ଅଧୀନରେ କାର୍ଯ୍ୟ କରିବାର ଏକ ସୁଖଦ ସୁଯୋଗ ପାଇଛନ୍ତି'। ତେବେ ଜନତା ଦଳକୁ ଭାଙ୍ଗି ବିଜେଡି ନାଁ ରେ ଏକ ଆଞ୍ଚଳିକ ଦଳ ଗଠନ ପାଇଁ ବିଜେପି ନେତା ପ୍ରମୋଦ ମହାଜନ ପ୍ରତ୍ୟକ୍ଷ ସହଯୋଗ କରିଥିଲେ ଓ ବିଜୁ ଜନତା ଦଳ ଗଠନ ପଛରେ ବାଜପେୟୀଙ୍କ ଇଙ୍ଗିତ ଥିବା ନେଇ ରାଜନୀତିକ ମହଲରେ ଖୁବ୍ ଚର୍ଚ୍ଚା ହୁଏ। ଜନତା ଦଳ ଭାଙ୍ଗିବା ଓ ବିଜେଡି ଗଠନ ହେବା ପଛରେ ବାଜପାୟୀଙ୍କ ପରୋକ୍ଷ ସହଯୋଗକୁ ନେଇ ସେହି ସମୟରେ ରାଜ୍ୟର ଏକ ପ୍ରମୁଖ ଓଡ଼ିଶା ସମ୍ବାଦପତ୍ରରେ ପ୍ରକାଶିତ କାର୍ଟୁନ୍ ରାଜ୍ୟବ୍ୟାପୀ ଝଡ଼ ସୃଷ୍ଟି କରିଥିଲା। ➤ ପୃ-୬

### ଅବ୍ୟବ୍ୟସ୍ଥା ଘେରରେ କଳାହାଣ୍ଡି ତହସିଲ

## ଆଇନ୍‌କୁ ଅଣଦେଖା

**ଭବାନୀପାଟଣା,(ଅଭିରାମ ପ୍ରସାଦ ପଟ୍ଟନାୟକ) :** ଓଡିଶା ସରକାରଙ୍କ ଓଆରଟିପିଏସ ଆକ୍ଟ ଅନୁସାରେ ୯୦ ଦିନ ଭିତରେ ଜମିର ଦାଖଲ ଖାରଜ କରି ପଟ୍ଟା ଦିଆଯିବା ବାଧ୍ୟତାମୂଳକ। ନଚେତ୍ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଠାରୁ ଜରିମନା ଆଦାୟ କରାଯିବ। ଜମି କିଣା ବିକା ସମୟରେ ରେଜିଷ୍ଟ୍ରାର ବା ସବ୍‌ରେଜିଷ୍ଟ୍ରାର ସ୍ୱତଃ ଏହାର ଦାଖଲ ଖାରଜ କରିବାର ନିୟମ ରହିଛି। ଓଡିଶା ସର୍ଭେ ଓ ସେଟଲମେଣ୍ଟ ରୁଲ ୧୯୬୨ ପାରା ୪ରେ ସରକାର ଆର୍‌ଆଇ ମାନଙ୍କୁ ଏଥିପାଇଁ କ୍ଷମତା ଦେଇଛନ୍ତି। ୩୦.୫.୧୬ ଓ ୨୨.୬.୧୬ ସରକାରୀ ଆଦେଶ ସଂଖ୍ୟା ଜିଓଏମ୍‌ଏସ୍ ୧୫୫ ଏମ୍‌ଏ ଓ ନଗର ଉନ୍ନୟନ ବିଭାଗ ଓ ଜିଓଏମ୍‌ଏସ୍ ସଂଖ୍ୟା ୧୯୨ ଏମ୍‌ଏ ଓ ନଗର ଉନ୍ନୟନ ବିଭାଗ ବହୁପ୍ରକାର ପରିବର୍ତ୍ତନ କରିଛନ୍ତି। ଯେଉଁଥିରେ ରେଜିଷ୍ଟ୍ରେସନ ଓ ଷ୍ଟାମ୍ପ ବିଭାଗ ଦାଖଲ ଖାରଜ ଫିଜ୍ ଆଦାୟ କରି ୱେବସର୍ଭିସ ଦ୍ୱାରା କାର୍ଯ୍ୟକରିବେ। ହେଲେ ଏସବୁର ବ୍ୟତିକ୍ରମ ଦେଖାଦେଇଛି କଳାହାଣ୍ଡି ତହସିଲ କାର୍ଯ୍ୟାଳୟରେ। ଏଠାରେ ତହସିଲଦାର କିମ୍ବା କାର୍ଯ୍ୟାଳୟର କୌଣସି କର୍ମଚାରୀ ଜନସାଧାରଣଙ୍କୁ ପ୍ରଶ୍ନର ଉତ୍ତର ଦିଅନ୍ତି ନାହିଁ। ପତ୍ର ମାଧ୍ୟମରେ କୌଣସି ତଥ୍ୟ ମାଗିଲେ ମଧ୍ୟ ଏଠାରୁ ମିଳେନାହିଁ। ଏପରିକି ସୂଚନା ଅଧିକାର ନିୟମକୁ ମଧ୍ୟ ତହସିଲଦାର ଖାତିର କରନ୍ତିନାହିଁ। 'ଏକମାତ୍ର'ରେ ଏଥିପୂର୍ବରୁ ଏନେଇ କିଛି ଗୁରୁତ୍ୱପୂର୍ଣ୍ଣ ଖବର ପ୍ରକାଶ ପାଇଥିଲା। ଯାହାକୁ ନେଇ ସ୍ଥାନୀୟ ଜନସାଧାରଣ ଆଶା କରିଥିଲେ ଖବର ପ୍ରକାଶ ପରେ ତହସିଲ କାର୍ଯ୍ୟାଳୟରେ କିଛି ପରିବର୍ତ୍ତନ ଦେଖାଦେବ। ଅଦ୍ୟାବଧି କାର୍ଯ୍ୟାଳୟର କାର୍ଯ୍ୟଧାରାରେ କୌଣସି ପରିବର୍ତ୍ତନ ଘଟିନାହିଁ। 'ଏକମାତ୍ର' ଜିଲ୍ଲା ପ୍ରତିନିଧି ସମସ୍ୟା ସମ୍ପର୍କରେ ତହସିଲଦାରଙ୍କୁ ସାକ୍ଷାତ କରି ସମାଧାନ ସମ୍ପର୍କରେ ପଚାରିଥିଲେ ବି ସେ ଅତ୍ୟନ୍ତ ବେପରୁଆ ଢଙ୍ଗରେ କହିଥିଲେ 'ମୁଁ ଖବରକାଗଜ ପଢ଼େନାହିଁ କି ସାମ୍ବାଦିକଙ୍କୁ ଡରେନାହିଁ।' ଏସବୁ କରିବା ପାଇଁ ମୋ ପାଖରେ ସମୟ ନାହିଁ। ➤ ପୃ-୬

## ବିବାହ ଆଳ : ବାହାରକୁ ଶିଶୁକନ୍ୟା ଚାଲାଣ




**ଭୁବନେଶ୍ୱର :** ବାଲ୍ୟ ବିବାହ ପରେ କେତେକ କ୍ଷେତ୍ରରେ ଶିଶୁକନ୍ୟା ମାନଙ୍କୁ ମଧ୍ୟପ୍ରାଚ୍ୟ ଓ ଅନ୍ୟ ଦେଶକୁ ଚାଲାଣ କରାଯାଉଥିବା ଜଣାପଡିଛି। ଏପରିକି ଓଡ଼ିଶାରୁ ମଧ୍ୟ ଝିଅମାନଙ୍କୁ ବିବାହ ଆଳରେ ଉତ୍ତରପ୍ରଦେଶ, ପଞ୍ଜାବ ଓ ହରିଆଣା ଭଳି ରାଜ୍ୟଗୁଡ଼ିକୁ ମଧ୍ୟ ଚାଲାଣ କରାଯାଉଛି। ବିବାହ ନାଁରେ ଝିଅମାନଙ୍କୁ କିଣା ଯାଉଛି ଏବଂ ଅନ୍ୟ ରାଜ୍ୟ ଓ ଦେଶ ବାହାରେ ବିକ୍ରି କରାଯାଉଛି। ଏହା ଏକ ବେଶ ସମ୍ବେଦନଶୀଳ ପ୍ରସଙ୍ଗ ବୋଲି କହିଛନ୍ତି ସୋଆର ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ'ର ଡିନ୍ ପ୍ରଫେସର ପ୍ରବୀର କୁମାର ପଟ୍ଟ ନାୟକ। ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' ଏବଂ ସାମାଜିକ ସଂଗଠନ 'ପିକକ୍' ପକ୍ଷରୁ ଆୟୋଜିତ 'ଭାରତରେ ବାଲ୍ୟ ବିବାହ ଏବଂ ଆଇନ୍‌ରୁ ନ୍ୟାୟପାଳିକା' ଶୀର୍ଷକ କର୍ମଶାଳାରେ ନିଜ ବକ୍ତବ୍ୟ ରଖି ପ୍ରଫେସର ପଟ୍ଟନାୟକ କହିଥିଲେ ଯେ, ଅନେକ ବାଲ୍ୟବିବାହ ବାପା ମା'ଙ୍କର ଅନୁମତିରେ ହେଉଥିବାବେଳେ କେତେକ ଅପ୍ରାପ୍ତବୟସ୍କା ନିଜେ ମଧ୍ୟ ବିବାହ କରିନେଉଛନ୍ତି। କିନ୍ତୁ ଏହାର ପରିଣାମ ଭୟଙ୍କର। ରାଜ୍ୟ ସରକାର ବାଲ୍ୟବିବାହକୁ ରୋକିବା ପାଇଁ ବିଶେଷଭାବେ ଚାଇଲ୍ଡ ମ୍ୟାରେଜ୍ ପ୍ରୋହିବିସନ୍ ଅଫିସର ନିଯୁକ୍ତି ଦେବା କ୍ଷେତ୍ରରେ ଜୋର ଦେଇଛନ୍ତି ପ୍ରଫେସର ପଟ୍ଟନାୟକ। ସାରା ଦେଶରେ ବାଲ୍ୟବିବାହର ପରିମାଣ ୨୭ ପ୍ରତିଶତ ରହିଥିବାବେଳେ ଓଡ଼ିଶାରେ ୨୧ ପ୍ରତିଶତ ରହିଛି। ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ଏହାର ପରିମାଣ ହ୍ରାସ ପାଇବା ଅପେକ୍ଷା ବୃଦ୍ଧି ପାଇବାରେ ଲାଗିଛି। ୨୦୧୧ର ସେନ୍‌ସସ୍ ଅନୁଯାୟୀ ଓଡ଼ିଶାର ମାଲକାନଗିରି, ନବରଙ୍ଗପୁର, ➤ ପୃ-୬

## ଶିକ୍ଷା ପାଇଁ ଦେଶ ଛାଡୁଛନ୍ତି ଭାରତୀୟ

**ନୂଆଦିଲ୍ଲୀ :** ଦେଶରେ ଶିକ୍ଷାର ମାନ ବଢ଼ାଇବା ପାଇଁ ବିଭିନ୍ନ ଯୋଜନା ହେଉଛି ଏବଂ ଉଚ୍ଚଶିକ୍ଷାକୁ ଅଧିକ ବ୍ୟାପକ କରିବାପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ହେଁ ଅଧିକରୁ ଅଧିକ ଭାରତୀୟ ଛାତ୍ରମାନେ ବିଦେଶରେ ପଢ଼ିବାକୁ ଇଚ୍ଛୁକ ହେଉଥିବା ଜଣାଯାଇଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦେଇଥିବା ତଥ୍ୟ ଅନୁଯାୟୀ ଟ୍ୟୁସନ୍ ଏବଂ ହଷ୍ଟେଲ ଫି ବାବଦକୁ ଭାରତୀୟ ଛାତ୍ରମାନେ୨୦୧୩-୧୪ ମସିହାରେ ୧୯୦ କୋଟି ଡଲାର ଦେଉଥିଲେ। ୨୦୧୭-୧୮ ବେଳକୁ ଏଥିରେ ୪୪ ପ୍ରତିଶତ ବୃଦ୍ଧି ପାଇଛି ଏବଂ ଏହା ୨୮୦ କୋଟି ଡଲାରରେ ପହଞ୍ଚିଯାଇଛି। ଅନ୍ୟପକ୍ଷରେ ସେହି ନିର୍ଦ୍ଦିଷ୍ଟ ସମୟରେ ବିଦେଶୀ ଛାତ୍ରମାନେ ୨୦୧୫-୧୬ରେ ସେହି ସମାନ ଉଦ୍ଦେଶ୍ୟରେ ୫୫.୭ କୋଟି ଡଲାର ଖର୍ଚ୍ଚ କରିଥିଲେ, ଯାହାକି ୨୦୧୭-୧୮ ବେଳକୁ ୪୭.୯ କୋଟି ଡଲାରକୁ ଖସିଆସିଛି। ୨୦୧୫-୧୬ରେ ଭାରତୀୟ ଛାତ୍ରମାନଙ୍କ ବିଦେଶରେ ହୋଇଥିବା ଖର୍ଚ୍ଚ ପରିମାଣରେ ୨୦ ପ୍ରତିଶତ ହ୍ରାସ ପାଇବାକୁ ନେଇ ଭିନ୍ନ ସମୀକରଣ ସୃଷ୍ଟି ହୋଇଥିଲା। ଏହି ସମୟରେ କୁହାଯାଇଥିଲା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି), ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ(ଆଇଆଇଏମ୍) ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆଦି ଶିକ୍ଷା ଅନୁଷ୍ଠାନରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିଥିବାରୁ ଭାରତୀୟ ଛାତ୍ରମାନେ ସେଗୁଡ଼ିକ ପ୍ରତି ଆକୃଷ୍ଟ ହୋଇଛନ୍ତି। ପ୍ରକୃତରେ ବ୍ରିଟେନ୍ ଏବଂ ଅନ୍ୟାନ୍ୟ ରାଷ୍ଟ୍ରରେ ପ୍ରବାସୀମାନଙ୍କ ପାଇଁ ନିୟମ କଡ଼ାକଡ଼ି ହେବାକୁ ନେଇ କିଛି ଦିନ ପାଇଁ ଭାରତୀୟ ଛାତ୍ରଙ୍କ ବିଦେଶ ଯିବାରେ ସମସ୍ୟା ହୋଇଥିଲା। ବର୍ତ୍ତମାନ ଏହି ସଂଖ୍ୟାରେ ପରିବର୍ତ୍ତନ ଆସିବା ସୂଚାଉଛି ସ୍ଥିତି ବଦଳିଛି ଏବଂ ଶିକ୍ଷା ପାଇଁ ପ୍ରାୟ ସଂଖ୍ୟାରେ ଭାରତୀୟ ବିଦେଶମୁହାଁ ହୋଇଛନ୍ତି। ଅନ୍ୟ ଅର୍ଥରେ କହିବାକୁ ଗଲେ ଆମେରିକା, ବ୍ରିଟେନ୍ ଏବଂ ଅଷ୍ଟ୍ରେଲିଆ ଆଦି ପ୍ରମୁଖ ସ୍ଥାନକୁ ହିଁ ଭାରତୀୟ ଛାତ୍ରଙ୍କ ସୁଅ ଛୁଟିବାରେ ଲାଗିଛି। ୨୦୧୪-୧୫ରେ ଏହି ସଂଖ୍ୟା ୧,୩୨,୮୮୮ ଥିଲା ଯାହାକି ୨୦୧୬-୧୭ରେ ୧,୮୬,୨୬୭କୁ ବୃଦ୍ଧି ପାଇଛି। ଭାରତରେ ଅଷ୍ଟ୍ରେଲିଆର ଉପ ରାଷ୍ଟ୍ରଦୂତ ରଡ୍ ହିଲଟନ୍ ଗତ ସପ୍ତାହରେ କହିଥିଲେ, ଅଷ୍ଟ୍ରେଲିଆରେ ବର୍ତ୍ତମାନ ୬୮ ହଜାର ଭାରତୀୟ ଅଧ୍ୟୟନ କରନ୍ତି ଯାହାକି ୨୦୧୬ରେ ୬୦ ହଜାର ଥିଲା। ଆଉ ଶିକ୍ଷା ହିଁ ➤ ପୃ-୬

### ବକ୍ରବାଣୀ



ଆଜି ଗିରିଧାରୀ କାନ୍ଦେ କଇଁ କଇଁ ହେଇ
ଅନେଶତ କଥା କା'ର ମନେ ଅଛି ଭାଇ
ଗୋଟାଏ ଭୋଟରେ ତାଙ୍କୁ ଦେଇଥିଲେ ବଳି
ତେର ମାସିଆ ସର୍କାର ଯାଇଥିଲା ଟଳି
ନଅଟି ବରଷ କଉଠି କେମିତି ଥିଲେ
ମିଡିଆ ନେତାଏ ସଭିଁଏ ପାଶୋରି ଦେଲେ
କିଏ କହି କାନ୍ଦେ ଆଜି ବାପା ଥିଲେ ମୋର
ଦିନେ ହେଲେ ସିଏ ପାଶ ଗଲେ ନାହିଁ ତାର
ଆମ ଅଟଳ ବିହାରୀ ରହିବେ ଅମର
ଆମେ କେବେ ତାଙ୍କୁ ନୁହେଁ ପାଶୋରି ଦବାର।

— ଟୁଟୁ

ସ୍ୱାଧୀନତା ଦିବସ ଅବସରରେ ଟିଟିଲାଗଡର
ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।





ଗୋବର୍ଦ୍ଧନ ବାଗ
ଅଧ୍ୟକ୍ଷ
ଟିଟିଲାଗଡ଼ ମ୍ୟୁନିସିପାଲିଟି

ସନ୍ତୋଷ କୁମାର ବେହେରା
ନିର୍ବାହୀ ଅଧିକାରୀ
ଟିଟିଲାଗଡ଼ ମ୍ୟୁନିସିପାଲିଟି



ଅଞ୍ଜନା ବର୍ମା
ଉପାଧ୍ୟକ୍ଷା
ଟିଟିଲାଗଡ଼ ମ୍ୟୁନିସିପାଲିଟି

ଟିଟିଲାଗଡ଼ ମ୍ୟୁନିସିପାଲିଟି, ଟିଟିଲାଗଡ଼

## ସାବାଡ ହେବେ ରୋଡ୍ ରୋମିଓ

**ଭୁବନେଶ୍ୱର :** ରଙ୍ଗୱେରେ ଏଣିକି ଗାଡି ଚଲାଇଲେ ଜରିମନା ଗଣିବାକୁ ପଡିବ। ଏହିଭଳି କଡା ନିର୍ଦ୍ଦେଶନାମା ଜାରି କରିଛନ୍ତି ନୂଆ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି। ବିଶେଷକରି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏହିଭଳି ଦୁଇଟି ସ୍ଥାନରେ ଏହି ନିୟମ ଲାଗୁ କରାଯାଇଛି। ବିଶେଷକରି ଫୁଟ୍‌ପାଥରେ ଡ୍ରାଇଭିଂ କରିବା, ଦ୍ରୁତ ବେଗରେ ଗାଡି ଚାଳନା, ରଙ୍ଗ ଡ୍ରାଇଭିଂ କରିବା, ବେପରୁଆ ଗାଡି ଚାଳନା, ମଦ୍ୟପାନ କରି ଗାଡି ଚଳାଇବା ଓ ବିନା ହେଲ୍‌ମେଟ୍‌ରେ ଗାଡି ଚଳାଇବା ଉପରେ ରୋକ୍ ଲାଗିଛି। ଏହାଦ୍ୱାରା ରୋଡ ରୋମିଓମାନେ ସାବାଡ୍ ହେବା ସହିତ ଜନସାଧାରଣ ଏହାର ଭରପୂର ଫାଇଦା ପାଇପାରିବେ। ରାଜଧାନୀରେ ଏହିଭଳି ସ୍ପିଡ୍ ଚାଳନା ଯୋଗୁଁ ଛାତ୍ର ଓ ଯୁବକମାନେ ନିଜେ ମୃତ୍ୟୁ ମୁଖରେ ପଡିବା ସହ ଅନ୍ୟମାନଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ଅକାରଣରେ ବହୁ ମୂଲ୍ୟବାନ ଜୀବନ ଯାଉଛି। ରାଜଧାନୀର କେତେକ ଦୁର୍ଘଟଣା ପ୍ରବଣ ସ୍ଥାନକୁ ମଧ୍ୟ ଚିହ୍ନଟ କରାଯାଇଛି। ଏହିସବୁ ସ୍ଥାନରେ ଟ୍ରାଫିକ୍ ନିୟମକୁ କଡାକଡି କରାଯିବା ସହ ସ୍ପିଡ୍ ବାଇକ୍ ଚାଳକଙ୍କ ଉପରେ ନିୟମ ଲାଗୁ କରିବା ଫଳରେ ଏହାକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। ନୂଆ ପୋଲିସ କମିଶନରଙ୍କ ଏଭଳି କାର୍ଯ୍ୟକୁ ରାଜଧାନୀବାସୀ ସ୍ୱାଗତ କରିଛନ୍ତି। ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ। ବ୍ୟବସାୟୀମାନେ ଲାଭବାନ୍ ହେବେ

**ବୃଷ** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧାନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ।

**ମିଥୁନ** ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**କର୍କଟ** ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ସିଂହ** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ନୂତନବନ୍ଧୁଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।

**ତୁଳା** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ।

**ବିଛା** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ହାସଲ କରିବେ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ। ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ରାଜନୈତିକ ବ୍ୟକ୍ତିମାନେ ଚିନ୍ତିତ ରହିବେ।

**ଧନୁ** ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। କୌଣସି ବଡ କମ୍ପାନୀରେ ଆପଣଙ୍କୁ ଚାକିରର ପ୍ରସ୍ତାବ ମିଳିପାରେ।

**ମକର** ମାତାପିତାଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବେ। ସମାଜ ସେବାରେ ସମୟ ଅତିବାହିତ ହେବ। ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ କମ୍ ଲାଭବାନ୍ ହେବେ। କୋର୍ଟକେଚେରୀରେ ମାମଲା ଲାଗି ରହିବ।

**କୁମ୍ଭ** ଭାଇଙ୍କ ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ।

**ମୀନ** ଆର୍ଥିକ ପରିସ୍ଥିତି ସୁଧାର ଆସିବ। ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ପୂଜାପାଠରେ ମନ ଅଧିକ ଲାଗି ରହିବ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ଦୁର୍ଘଟଣା ଘଟିପାରେ। ନୂତନ କର୍ମକ୍ଷେତ୍ରରେ ଯୋଗଦେବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ସେପ୍ଟେମ୍ବର ୨୫ରୁ 'ଆୟୁଷ୍ମାନ ଭାରତ'



**ନୂଆଦିଲ୍ଲୀ :** ୭୨ତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଲକିଲ୍ଲାରୁ ରାଷ୍ଟ୍ରକୁ ସମ୍ବୋଧିତ କରିଛନ୍ତି। ଏଥିସହ ଜନସାଧାରଣଙ୍କ ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯୋଜନା ସମ୍ପର୍କରେ ସୂଚନା ଦେଇଛନ୍ତି। ପ୍ରଥମତଃ, ଚାଷୀଙ୍କ ଆୟ ବଢ଼ାଇବା ନିମିତ୍ତ ସରକାର ଖୁବ୍‌ଶୀଘ୍ର ଏଗ୍ରୀକଲ୍‌ଚର୍ ଏକ୍ସପୋର୍ଟ ପଲିସି ବା 'କୃଷି ରପ୍ତାନୀ ନୀତି' ଆଣିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଦ୍ୱିତୀୟରେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରର ମହତ୍ତ୍ୱାକାଂକ୍ଷୀ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ବା 'ଆୟୁଷ୍ମାନ ଯୋଜନା'କୁ ଆସନ୍ତା ସେପ୍ଟେମ୍ବର ୨୫ରେ ସମଗ୍ର ଦେଶରେ ଶୁଭାରମ୍ଭ କରାଯିବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ଆସନ୍ତା ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ପୂର୍ବରୁ ଲକ୍ଷ୍ୟ ପୁରଣକୁ ନେଇ ସନ୍ଦେହ ଉପୁଜିଥିଲା, କିନ୍ତୁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି କରାଯିବା ପରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି ଲକ୍ଷ୍ୟକୁ ହାସଲ କରାଯାଇପାରିବ ବୋଲି ସେ କହିଛନ୍ତି। ପରିବର୍ତ୍ତିତ ସମୟରେ ଚାଷୀଙ୍କୁ ମଧ୍ୟ ବୈଷୟିକ ବଜାରରୁ ଅନେକ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡୁଛି। ତେଣୁ କୃଷି ରପ୍ତାନୀ ନୀତି ଉପରେ ବିଚାର କରାଯାଉଛି ବୋଲି ମୋଦି କହିଛନ୍ତି। ପ୍ରକାଶଯୋଗ୍ୟ, ଗତ ମାର୍ଚ୍ଚରେ ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ତରଫରୁ କୃଷି ରପ୍ତାନୀ ନୀତିର ତଥ୍ୟ ଜାରି କରାଯାଇଥିଲା। ଏହାକୁ ଦୁଇଗୁଣ କରିବା ତଥା ଭାରତୀୟ ଚାଷୀ ଏବଂ କୃଷି ସାମଗ୍ରୀକୁ ବୈଷୟିକ ମୂଲ୍ୟ ସହିତ ଏକୀକୃତ କରିବା ହେଉଛି ଏହି ନୀତିର ପ୍ରମୁଖ ଉଦ୍ଦେଶ୍ୟ। ମୋଦି କହିଛନ୍ତି, 'ଦେଶ ରେକର୍ଡ ସ୍ତରୀୟ ଖାଦ୍ୟଶସ୍ୟ ଉତ୍ପାଦନ କରୁଛି। ଆମ ପାଖରେ ପର୍ଯ୍ୟାପ୍ତ ପରିମାଣର ଅନ୍ନ ଭଣ୍ଡାର ରହିଛି।' ଏଥିସହ ସେ କହିଛନ୍ତି ଯେ ସୂକ୍ଷ୍ମ ଜଳସେଚନ, ବୁନ୍ଦା ଜଳସେଚନ, ଝର ଜଳସେଚନ ଆଦି ପ୍ରକ୍ରିୟାକୁ ଚାଷୀମାନେ ଆପଣାଉଛନ୍ତି। ତେଣୁ ସରକାର ଅନ୍ୟ ଜଳସେଚନ ପରିଯୋଜନାଗୁଡ଼ିକର ପୁନରୁଦ୍ଧାରରେ ଲାଗିପଡ଼ିଛନ୍ତି। ଚାଷୀଙ୍କ ସମୃଦ୍ଧି ଉପରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ୨୦୨୨ ସୁଦ୍ଧା କୃଷି କ୍ଷେତ୍ରରୁ ନେଇ ବଜାର ପର୍ଯ୍ୟନ୍ତ ଆଧୁନିକତା ଆଣି ମୂଲ୍ୟ ବର୍ଦ୍ଧିତ କରାଯିବ। ଏହାବ୍ୟତୀତ ସେ ନିଜ ସମ୍ବୋଧନରେ ମତ୍ସ୍ୟ କ୍ରାନ୍ତି, ମଧୁମକ୍ଷି ପାଳନ ଏବଂ ସୋଲାର ଫାର୍ମିଂ ସମ୍ବନ୍ଧରେ ମଧ୍ୟ କହିଛନ୍ତି। ଅପରପକ୍ଷେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରର ମହତ୍ତ୍ୱାକାଂକ୍ଷୀ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ବା 'ଆୟୁଷ୍ମାନ ଯୋଜନା' ସମ୍ପର୍କରେ କହିଛନ୍ତି। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତି ଅର୍ଥାତ୍ ଆସନ୍ତା ସେପ୍ଟେମ୍ବର ୨୫ରୁ ଏହି ଯୋଜନାକୁ ସମଗ୍ର ଦେଶରେ ଲାଗୁ କରାଯିବ। ଏହାଦ୍ୱାରା ଗରିବ ଏବଂ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ଥିବା ବ୍ୟକ୍ତିଙ୍କୁ ଅନେକ ଫାଇଦା ହେବ। ଏହାର ଲାଭକୁ ବିନା କୌଣସି ଅସୁବିଧା ଏବଂ ସମ୍ପୂର୍ଣ୍ଣ ପାରଦର୍ଶିତା ସହକାରେ ପ୍ରତ୍ୟେକ ଗରିବଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଟେକ୍ନୋଲୋଜିର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ। ଏହାକୁ ଦୃଷ୍ଟରେ ରଖି ଆସନ୍ତା ୬ ସପ୍ତାହ ମଧ୍ୟରେ ଏଥିରେ ବ୍ୟବହୃତ ହେବାକୁ ଥିବା ଟେକ୍ନୋଲୋଜିକୁ ପରୀକ୍ଷା କରାଯିବ। ଏହି ଯୋଜନା ଅନ୍ତର୍ଗତ ଦେଶବ୍ୟାପୀ ୧୦ କୋଟି ପରିବାରକୁ ପାଞ୍ଚଲକ୍ଷ ଟଙ୍କା ଲେଖାଏଁ ସ୍ୱାସ୍ଥ୍ୟ ବୀମାର ଲାଭ ଦିଆଯିବ। ସେହିପରି ୫୦ କୋଟି ଭାରତୀୟଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସୁବିଧା ମଧ୍ୟ ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀଙ୍କ କହିବା ମୁତାବକ ଏହାଦ୍ୱାରା ରୋଜଗାରର ଅନେକ ଅବସର ସୃଷ୍ଟି ହେବ। ସହରରେ ହସ୍ପିଟାଲ୍ ତିଆରି ହେବ ଏବଂ ମେଡିକାଲ୍ ଷ୍ଟାଫଙ୍କୁ ରୋଜଗାର ମିଳିବ। ଏହି ଯୋଜନାର ଲାଭାର୍ଥୀ ୟୁରୋପର ଜନସଂଖ୍ୟା ସହିତ ସମାନ ହେବେ ବୋଲି ମୋଦି ମତ ରଖିଛନ୍ତି।

## ସଂଶୋଧିତ ଫୌଜଦାରୀ ଆଇନକୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି

**ନୂଆଦିଲ୍ଲୀ :** ରାଷ୍ଟ୍ରପତି ରାମନାଥ କୋବିନ୍ଦ ସଂଶୋଧିତ ଫୌଜଦାରୀ ଆଇନ-୨୦୧୮ ପ୍ରଣୟନ ପାଇଁ ଅନୁମତି ଦେଇଛନ୍ତି। ସଂଶୋଧିତ ଆଇନ ବ୍ୟବସ୍ଥାରେ ୧୨ ବର୍ଷରୁ କମ୍ ବୟସର ନାବାଳିକାଙ୍କ ଦୁଷ୍କର୍ମକାରୀଙ୍କୁ ପ୍ରାଣଦଣ୍ଡର ବ୍ୟବସ୍ଥା ରହିଛି। ଏହି ଆଇନ ପ୍ରଣୟନ ପରେ ଉନ୍ନାଓ ମହିଳା ଓ କାଠୁଆ ନାବାଳିକାଙ୍କ ଦୁଷ୍କର୍ମ ପରେ ଜାରି ହୋଇଥିବା ଅଧ୍ୟାଦେଶ ସ୍ଥାନରେ ସଂଶୋଧିତ ଆଇନ୍ କାର୍ଯ୍ୟକାରୀ ହେବ। ସଂଶୋଧିତ ଅପରାଧ ଆଇନ-୨୦୧୮ ଗତ ଏପ୍ରିଲ ୨୧ ତାରିଖରୁ ବଳବତ୍ତର ରହିବ। ଏହି ଆଇନ୍ ଇଣ୍ଡିଆନ୍ ପେନାଲ କୋଡ୍, ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ, ୧୮୭୨, ଦି କୋଡ୍ ଅଫ୍ କ୍ରିମିନାଲ ପ୍ରୋସେଡ୍ୟୁର ୧୯୭୩ ଓ ଦି ପ୍ରୋଟେକ୍ସନ୍ ଅଫ୍ ଚିଲଡ୍ରେନ୍ ଫ୍ରମ ସେକ୍‌ସୁଆଲ ଅଫେନ୍ସ ଆକ୍ଟ ୨୦୧୨ରେ କିୟଦାଂଶ ସଂଶୋଧନ କରିଛି। ଦେଶରେ ୧୬ ବର୍ଷ ଓ ୧୨ ବର୍ଷରୁ କମ୍ ବୟସର ନାବାଳିକାଙ୍କ ପ୍ରତି ଯୌନ ନିର୍ଯାତନା ବୃଦ୍ଧି ପାଉଥିବାର ଦେଖି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏପରି ରୁକ୍ଷ ଆଭିମୁଖ୍ୟ ଗ୍ରହଣ କରିବାକୁ ବାଧ୍ୟ ହୋଇଛନ୍ତି। ମହିଳା ଦୁଷ୍କର୍ମକାରୀଙ୍କୁ ୭ ବର୍ଷରୁ ୧୦ ବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡ ବିଧାନ କରାଯାଇ ଥିବାବେଳେ ଆବଶ୍ୟକସ୍ଥଳେ ତାହା ଆଜୀବନ କାରାବାସକୁ ପରିବର୍ତ୍ତିତ ହୋଇ ପାରିବ। ସେହିଭଳି ୧୬ ବର୍ଷରୁ କମ୍ ବୟସର ନାବାଳିକାଙ୍କ ଦୁଷ୍କର୍ମକାରୀଙ୍କ ପାଇଁ ସର୍ବନିମ୍ନ ଜେଲଦଣ୍ଡକୁ ୧୦ ବର୍ଷରୁ ୨୦ ବର୍ଷକୁ ବଢ଼ାଇ ଦିଆଯାଇଛି। ଆବଶ୍ୟକସ୍ଥଳେ ତାହା ସ୍ୱାଭାବିକ ମୃତ୍ୟୁ ପର୍ଯ୍ୟନ୍ତ ବୃଦ୍ଧି ବ୍ୟବସ୍ଥା କରାଯାଇଛି। ୧୬ ବର୍ଷରୁ କମ୍ ବୟସର ନାବାଳିକା ଗଣଦୁଷ୍କର୍ମର ଶିକାର ହେଲେ, ଦୋଷୀଙ୍କୁ ଆଜୀବନ କାରାବାସ ଭୋଗିବାକୁ ପଡ଼ିବ। ୧୨ ବର୍ଷରୁ କମ୍ ବୟସର ନାବାଳିକାଙ୍କ ଦୁଷ୍କର୍ମକାରୀଙ୍କୁ ସର୍ବନିମ୍ନ ୨୦ ବର୍ଷ ଜେଲ୍ କିମ୍ବା ମୃତ୍ୟୁ ପର୍ଯ୍ୟନ୍ତ ଜେଲ ନଚେତ୍ ମୃତ୍ୟୁଦଣ୍ଡର ବ୍ୟବସ୍ଥା ରହିଛି। ୧୨ ବର୍ଷରୁ କମ୍ ବୟସର ନାବାଳିକା ଗଣଦୁଷ୍କର୍ମର ଶିକାର ହେଲେ, ସମସ୍ତ ଦୋଷୀଙ୍କୁ ଆଜୀବନ ଜେଲ୍ ନଚେତ୍ ମୃତ୍ୟୁଦଣ୍ଡ ମିଳିବାର ବିଧି ଗ୍ରହଣ କରାଯାଇଛି। ଏହା ସହିତ ଦୁଷ୍କର୍ମ ମାମଲାର ତୁରନ୍ତ ଫୈସଲା ଉପରେ ଗୁରୁତ୍ୱ ଦିଆଯାଇଛି। ସବୁ ଦୁଷ୍କର୍ମର ତଦନ୍ତ ଦୁଇମାସ ମଧ୍ୟରେ ସାରିବାକୁ ନିର୍ଦ୍ଦେଶନାମା ରହିଛି। କେବଳ ସେତିକି ନୁହେଁ, ଦୁଇମାସ ମଧ୍ୟରେ ବିଚାର ସାରିବାକୁ ନିର୍ଦ୍ଦେଶ ରହିଛି। ଦୁଷ୍କର୍ମ ଅପିଲ ମାମଲାର ଶୁଣାଣି ୬ ମାସ ମଧ୍ୟରେ ସାରିବାର ବିଧି ଗ୍ରହଣ କରାଯାଇଛି। ଅନ୍ୟ ପକ୍ଷରେ ୧୬ ବର୍ଷରୁ କମ୍ ବୟସର ନାବାଳିକାଙ୍କ ଦୁଷ୍କର୍ମ ଅଭିଯୁକ୍ତ ବା ଗଣଦୁଷ୍କର୍ମ ଅଭିଯୁକ୍ତଙ୍କୁ ଆଗୁଆ ଜାମିନ୍ ବ୍ୟବସ୍ଥା ନାହିଁ।

# ବାସଯୋଗ୍ୟ ସହର ତାଲିକାରେ ପୁଣେ ଶ୍ରେଷ୍ଠ



**ନୂଆଦିଲ୍ଲୀ :** କେନ୍ଦ୍ର ସହର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତୁତ ବାସଯୋଗ୍ୟ ସହର ତାଲିକାରେ ପୁଣେ ଶ୍ରେଷ୍ଠ ମାନ୍ୟତା ମିଳିଥିବା ବେଳେ ଭୁବନେଶ୍ୱର ରହିଛି ୧୮ତମ ସ୍ଥାନରେ। ପୁଣେ ପଛକୁ ନଭି ମୁମ୍ବାଇ ଏବଂ ଗ୍ରେଟର ମୁମ୍ବାଇ ଥିବା ଜଣାଯାଇଛି। ୧୧୧ଟି ସହର ଏହି ତାଲିକାରେ ସ୍ଥାନ ପାଇଥିବାବେଳେ ସାର୍ବସାଧାରଣ ଖୋଲା ସ୍ଥାନ ସହରରେ ଭୁବନେଶ୍ୱର ଶ୍ରେଷ୍ଠ ହୋଇଛି। ଶ୍ରେଷ୍ଠ ୧୦ଟି ସହର ମଧ୍ୟରେ ମହାରାଷ୍ଟ୍ରର ଏହି ତିନିଟି ସହର ଥିବାବେଳେ ଉତ୍ତରପ୍ରଦେଶ ଓ ତାମିଲନାଡୁର ସର୍ବାଧିକ ବଡ଼ ସହର ଏହି ତାଲିକାରେ ସ୍ଥାନ ପାଇଛନ୍ତି। କିଛି ଦିନ ମଧ୍ୟରେ ନିର୍ବାଚନ ସାମ୍ନା କରିବାକୁ ଥିବା ମଧ୍ୟପ୍ରଦେଶର ଭୋପାଳ ଓ ଛତିଶଗଡ଼ର ରାୟପୁର ଏହି ତାଲିକାରେ ସ୍ଥାନ ପାଇଛି। ଉତ୍ତରପ୍ରଦେଶର ରାମପୁର ଏହି ତାଲିକାରେ ସବୁଠାରୁ ଶେଷରେ ରହିଛି। ସରକାରଙ୍କ ତରଫରୁ ପ୍ରଥମଥର ପାଇଁ ଏଭଳି ପ୍ରୟାସ ଆରମ୍ଭ କରାଯାଇଛି, ଯାହାକି 'ଇଜ୍ ଅଫ୍ ଲିଭିଂ' ଭିତ୍ତିରେ ହୋଇଛି ଏବଂ ଏହାକୁ ନିର୍ଣ୍ଣୟ କରିବା ପାଇଁ ବିଭିନ୍ନ ପ୍ରସଙ୍ଗକୁ ଆଧାର କରାଯାଇଛି। ଆରମ୍ଭରୁ ୧୧୬ଟି ସହରକୁ ନେଇ ତାଲିକା କରାଯିବାର ଯୋଜନା ରହିଥିଲା। ଯେଉଁଥିରେ ୧୦୦ଟି ସ୍ମାର୍ଟ ସିଟି ଓ ଅନ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହରଗୁଡ଼ିକ ସାମିଲ ଥିଲେ। ହାଓ୍ୱଡା, ନ୍ୟୁ ଟାଉନ୍ କୋଲକାତା ଓ ଦୁର୍ଗାପୁର ଏହି ସର୍ବେକ୍ଷଣରେ ଭାଗ ନେଇ ନଥିଲେ। ନୟା ରାୟପୁର ଏବଂ ଅମରାବତୀ ସମ୍ପୂର୍ଣ୍ଣ ଗ୍ରୀନ୍‌ଫିଲ୍ଡ ସହର ହୋଇଥିବାରୁ ସେମାନେ ସର୍ବେକ୍ଷଣ ପାଇଁ ଯୋଗ୍ୟ ହୋଇନଥିଲେ। ବାସଯୋଗ୍ୟ ମୂଲ୍ୟାୟନ ପାଇଁ ମୁଖ୍ୟତଃ ୪ଟି କ୍ଷେତ୍ରକୁ ଯଥା ଆନୁଷ୍ଠାନିକ, ସାମାଜିକ, ଅର୍ଥନୀତିକ ଏବଂ ଶାରିରୀକକୁ ଗୁରୁତ୍ୱ ଦିଆଯାଇଥିଲା। ଏଗୁଡ଼ିକୁ ୧୫ ଭାଗ କରାଯାଇଥିଲା ଏବଂ ୭୮ଟି ସୂଚକାଙ୍କ ନିର୍ଦ୍ଧାରଣ ହୋଇଥିଲା। ସହରଗୁଡ଼ିକର ମୂଲ୍ୟାୟନ ୧୦୦ ପଏଣ୍ଟ ସ୍କେଲରେ ୭୮ଟି ଇଣ୍ଡିକେଟରକୁ ନେଇ କରାଯାଇଥିଲା। ଆନୁଷ୍ଠାନିକ ଏବଂ ସାମଜିକ ମାନକରେ ପ୍ରତିଟି ୨୫ ପଏଣ୍ଟ, ଶାରୀରିକ ମାନକରେ ସର୍ବାଧିକ ୪୫ ପଏଣ୍ଟ ଦିଆଯାଇଥିଲା। ଭୁବନେଶ୍ୱର ଶାସନ ବ୍ୟବସ୍ଥାରେ ୨୫, ପରିଚୟ ଓ ସଂସ୍କୃତିରେ ୧୯, ଶିକ୍ଷାରେ ୧୧, ସ୍ୱାସ୍ଥ୍ୟରେ ୫୯, ସୁରକ୍ଷା ଓ ନିରାପତ୍ତା ୧୭, ଅର୍ଥନୀତି ଓ ନିଯୁକ୍ତିରେ ୧୮, ଗୃହ ନିର୍ମାଣ ଓ ଅନ୍ତର୍ଭୁକ୍ତିକରଣରେ ୮୬, ମିଶ୍ରିତ ଜମି ଉପଯୋଗରେ ୮୨, ବିଦ୍ୟୁତ ଯୋଗାଣରେ ୨୨, ପରିବହନରେ ୧୦, ଜଳ ଯୋଗାଣରେ ୨୯, କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ୬୩ତମ ସ୍ଥାନରେ, ପ୍ରଦୂଷଣ ହ୍ରାସରେ ୪୩, ଆନୁଷ୍ଠାନିକ ମାନକରେ ୨୫, ସାମାଜିକ ମାନକରେ ୧୩, ଅର୍ଥନୀତିକ ମାନକରେ ୧୮ ଏବଂ ଶାରୀରିକ ମାନକରେ ୧୯ତମ ସ୍ଥାନରେ ରହିଛି।

## ସେପ୍ଟେମ୍ବରରେ କିମ୍ ଜଙ୍ଗ ଓ ମୁନ୍ ଜା-ଇନ୍ ଭେଟ

**ସିଓଲ :** ଆଗାମୀ ସେପ୍ଟେମ୍ବରରେ ଉତ୍ତର ଓ ଦକ୍ଷିଣ କୋରିଆ ରାଷ୍ଟ୍ରମୁଖ୍ୟ ପରସ୍ପରକୁ ପୋଙ୍ଗୟାଙ୍ଗରେ ଭେଟିବା ସମ୍ଭାବନା ରହିଛି। ସୋମବାର ଉଭୟ ରାଷ୍ଟ୍ର ତରଫରୁ ଏହି ଘୋଷଣାନାମା ପ୍ରକାଶ ପାଇଛି। ତୃତୀୟ ଥର ପାଇଁ ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜା-ଇନ୍ ଓ ଉତ୍ତର କୋରିଆ ରାଷ୍ଟ୍ରମୁଖ୍ୟ କିମ୍ ଜଙ୍ଗ ଉନ୍ ମିଳିତ ଆଲୋଚନାରେ ଏକାଠି ହେବେ। ଗତ ଏପ୍ରିଲରେ ଦୁଇ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହୋଇ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଥିଲା। ପରସ୍ପର ମଧ୍ୟରେ ଥିବା ତିକ୍ତ ସମ୍ପର୍କର ଭଙ୍ଗା ପକାଇ ଏକ ନୂତନ ଅଧ୍ୟାୟ ସୃଷ୍ଟି ଉପରେ ଦୁଇ ରାଷ୍ଟ୍ରମୁଖ୍ୟ ନିଷ୍ପତ୍ତି ନେଇଥିଲେ। ଉକ୍ତ ଆଲୋଚନାର ଫଳ ସ୍ୱରୂପ ଆସନ୍ତା ସେପ୍ଟେମ୍ବରରେ ସିଓଲ ଓ ପୋଙ୍ଗୟାଙ୍ଗର ଉଚ୍ଚସ୍ତରୀୟ ନେତୃବୃନ୍ଦ ଏକତ୍ର ହୋଇ ଦ୍ୱିପାକ୍ଷିକ ସମ୍ପର୍କକୁ ଆଗେଇନେବେ। ଉତ୍ତର କୋରିଆର ସରକାରୀ ମୁଖପାତ୍ର ରାଇ ସୋନ୍ ଗୁନ୍ ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ ଯେ ଦୁଇ ରାଷ୍ଟ୍ରରେ ନେତା ସେପ୍ଟେମ୍ବରରେ ମିଳିତ ହେବା ସୁନିଶ୍ଚିତ। ତେବେ ଭେଟ ତାରିଖ ନିର୍ଦ୍ଧାରିତ ହୋଇନାହିଁ। ଦୁଇରାଷ୍ଟ୍ର ପାନମୁନଜୋମ୍ ଘୋଷଣାନାମାକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ଉତ୍ତର କୋରିଆର ରାଜଧାନୀ ପୋଙ୍ଗୟାଙ୍ଗକୁ ତୃତୀୟ ଥର ପାଇଁ ଯାତ୍ରା କରିବେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ। ଅବଶ୍ୟ ଦୀର୍ଘ ଦଶନ୍ଧି ପରେ ଏହା ତାଙ୍କର ପ୍ରଥମ ଥର ପାଇଁ ପୋଙ୍ଗୟାଙ୍ଗ ଯାତ୍ରା ହେବ। ଦୁଇରାଷ୍ଟ୍ର ମୁଖ୍ୟଙ୍କ ମଧ୍ୟରେ ଶାନ୍ତି ପ୍ରତିଷ୍ଠାର ଏହା ଅୟମାରମ୍ଭ ନୁହେଁ। ୨୦୦୦ରେ ଦକ୍ଷିଣ କୋରିଆ ରାଷ୍ଟ୍ରପତି କିମ୍ ଦାଇଜଙ୍ଗ ପୋଙ୍ଗୟାଙ୍ଗ ଗସ୍ତରେ ଯାଇ ଉତ୍ତର କୋରିଆ ମୁଖ୍ୟ ଦ୍ୱିତୀୟ କିମ୍ ଜୋଙ୍ଗଙ୍କୁ ଭେଟିଥିଲେ। ୨୦୦୭ରେ ଦକ୍ଷିଣ କୋରିଆର ତତ୍କାଳୀନ ରାଷ୍ଟ୍ରମୁଖ୍ୟ ରୁହ ମୁ-ହ୍ୟୁନ୍ ପୋଙ୍ଗୟାଙ୍ଗ ଯାତ୍ରା କରି ଦ୍ୱିତୀୟ କିମ୍ ଜୋଙ୍ଗଙ୍କୁ ଭେଟିଥିଲେ। ସବୁଦିଗରୁ ଚିନ୍ତା କରି ଦକ୍ଷିଣ କୋରିଆ ରାଷ୍ଟ୍ରମୁଖ୍ୟ ମୁନ ଶୀତକାଳୀନ ଅଲିମ୍ପିକର ଉଷ୍ମ ବାତାବରଣ ଭିତରେ ଉନ ଜୋଙ୍ଗଙ୍କୁ ଭେଟିବାକୁ ସ୍ଥିର କରିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଉତ୍ତର କୋରିଆ ରାଷ୍ଟ୍ରମୁଖ୍ୟ ଉନ୍ ଜୋଙ୍ଗଙ୍କ ମଧ୍ୟରେ ସଂଘଟିତ ବୁଝାମଣା ଅନୁସାରେ ଦୁଇ କୋରିଆ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ଯୁଗାନ୍ତକାରୀ ହେବ ବୋଲି ଆଶା କରାଯାଏ।

## 'ଆଧାର' ଗୋପନୀୟତା ପାଇଁ ଏଫ୍‌ଏକ୍ୟୁ



**ନୂଆଦିଲ୍ଲୀ :** ଟ୍ରାଇ ମୁଖ୍ୟ ନିଜର ୧୨ ଟିକିଆ ଆଧାର ନମ୍ବରକୁ ସର୍ବସାଧାରଣରେ ପ୍ରକାଶ କରି ବିତର୍କର ବିଷୟବସ୍ତୁ ପାଲଟିବାପରେ ଆଧାର ନିୟନ୍ତ୍ରକ କର୍ତ୍ତୃପକ୍ଷ ୟୁଆଇଡିଏଆଇ ଏହି ବାୟୋମେଟ୍ରିକ୍ ନମ୍ବର କେଉଁଠାରେ ସାର୍ବଜନୀନ କରିବେ ଏବଂ କେଉଁଠାରେ ନକରିବେ ସେ ବାବଦରେ ଏକ ସତର୍କବାଣୀ ଜାରି କରିବେ। ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ଏପରି କରିବା ପଛରେ ରହିଥିବା ଉଦ୍ଦେଶ୍ୟ ହେଉଛି ଆଧାର ନମ୍ବର ସହିତ ଅନ୍ୟ ଗୁରୁତ୍ୱ ପୂର୍ଣ୍ଣ ତଥ୍ୟ ଯେପରିକି ପାନ୍, ଡ୍ରାଇଭିଂ ଲାଇସେନ୍ସ, ବ୍ୟାଙ୍କ ଆକାଉଣ୍ଟ ଏବଂ କ୍ରେଡିଟ କାର୍ଡ ନମ୍ବର ଆଦି ରହିଥିବାରୁ ଆଧାର ନମ୍ବରକୁ ସାର୍ବଜନୀନ ଫୋରମ୍ ଯେପରିକି ଟ୍ୱିଟର ଏବଂ ଫେସବୁକ୍‌ରେ ନଛାଡ଼ିବାକୁ ଏଥିରେ କୁହାଯାଇଛି। ଏନେଇ ୟୁଆଇଡିଏଆଇର ସିଇଓ ଅଜୟ ଭୂଷଣ ପାଣ୍ଡେ କହିଛନ୍ତି, ବର୍ତ୍ତମାନ ଲୋକମାନଙ୍କୁ ବୁଝାଇବାର ଆବଶ୍ୟକତା ରହିଛି ଯେ, ସେମାନେ ଆଧାରର ବ୍ୟବହାର ମୁକ୍ତଭାବେ ଏବଂ ନିର୍ଭୟଭାବେ କରିପାରିବେ ଏବଂ ଏହି ବାବଦରେ ଏକ ଫ୍ରିକ୍ୱେଣ୍ଟଲି ଆସ୍କଡ୍ କ୍ୱେଶ୍ଚିନ୍ ଜାରି କରାଯିବ। ଫ୍ରିକ୍ୱେଣ୍ଟଲି ଆସ୍କଡ୍ କ୍ୱେଶ୍ଚିନ୍(ଏଫ୍ ଏକ୍ୟୁ) ଅର୍ଥାତ ଉପଭୋକ୍ତାଙ୍କ ମନରେ ସାଧାରଣତଃ ଉଠୁଥିବା ପ୍ରଶ୍ନ। ୟୁଆଇଡିଏଆଇ ପକ୍ଷରୁ ଏହି ପ୍ରଶ୍ନ ସହିତ ଏହାର ଉତ୍ତର ସମୂହ ଏକାଠି ଜାରି କରାଯିବ। ବିଶେଷ କରି ଟ୍ରାଇ ଅଧ୍ୟକ୍ଷ ଆରଏସ୍ ଶର୍ମା ନିଜ ଟ୍ୱିଟରରେ ଆଧାର ନମ୍ବର ସାର୍ବଜନୀନ କରି ହଟହଟା ହେବାପରେ ଉଠିଥିବା ପ୍ରଶ୍ନ ଏବଂ ବିତର୍କର କ୍ରିୟଂଦଶ ଏଥିରେ ପ୍ରକାଶିତ ହେବାର ଅଛି। ଏହା ଦ୍ୱାରା ଜନସାଧାରଣଙ୍କ ସୂଚାଇ ଦିଆଯିବ ଯେ, ବ୍ୟକ୍ତିଗତ ତଥ୍ୟ ସାର୍ବଜନୀନ ନକରିବା ଫଳରେ ସେମାନେ ସେମାନଙ୍କ ତଥ୍ୟ ଉପରେ ଅଯାଚିତ ଆକ୍ରମଣ ପ୍ରୟାସରୁ ବଞ୍ଚିଯାଇପାରିବେ। ସେହି ସମାନ ସମୟରେ ଆଧାର ନିୟାମକଙ୍କ ପକ୍ଷରୁ କୁହାଯାଇଛି ଆଧାର ତଥ୍ୟ କେବଳ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ପାଇଁ ବ୍ୟକ୍ତିଗତ ପରିଚୟ ଚିହ୍ନଟ ପାଇଁ ବ୍ୟବହାର ହୋଇପାରିବ, ଯେପରିକି ବ୍ୟାଙ୍କ କାରବାର ପାଇଁ ବ୍ୟାଙ୍କ ତଥ୍ୟ ଦିଆଯାଇଥାଏ। ଏହି ପ୍ରସ୍ତାବିତ ଏଫ୍ ଏକ୍ୟୁରେ କୁହାଯାଇଛି ଆଧାର ବାବଦରେ ସମ୍ୟକ ତଥ୍ୟ ପାଇ କାହାକୁ ବ୍ୟକ୍ତିଗତଭାବେ କ୍ଷତି ପହଞ୍ଚାଇ ପାରିବନାହିଁ କିମ୍ବା କୌଣସି ସାମାନ୍ୟତମ ସ୍ୱାର୍ଥ ହାସଲ କରିହେବ ନାହିଁ। ଏହାର କାରଣ ସ୍ୱରୂପ ଏଥିରେ ବାୟୋମେଟ୍ରିକ୍ ଏବଂ ଓ୍ୱାନ୍ ଟାଇମ୍ ପାସ୍‌ୱାର୍ଡ ଆଦି ଦ୍ୱିସ୍ତରୀୟ ସୁରକ୍ଷା ରହିଛି। ଏହି ଅବସରରେ ବ୍ୟାଙ୍କ ଏବଂ ଅନ୍ୟ ଅନୁଷ୍ଠାନଗୁଡ଼ିକ ମଧ୍ୟ ଆଧାର ମାମଲାରେ ସତର୍କ ହେବାକୁ ପରାମର୍ଶ ଦିଆଯାଇଛି।

# ବରଗଡ଼ରେ ନିର୍ମାଣ ହେବ ଜୈବ ଇନ୍ଧନ ପ୍ରକଳ୍ପ

**ନୂଆଦିଲ୍ଲୀ :** ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ ଦ୍ୱାରା ବରଗଡ଼ ଜିଲ୍ଲା ବଉଲସିଂଘା ଗାଁରେ ହେବାକୁ ଥିବା ଜୈବ ଇନ୍ଧନ ପ୍ରକଳ୍ପକୁ ଶେଷରେ ମିଳିଛି ସବୁଜ ସଙ୍କେତ। ୭୪୭.୪୬ କୋଟି ନିବେଶରେ ହେବାକୁ ଥିବା ଏହି ଦ୍ୱିତୀୟ ପିଢ଼ିର ପ୍ଲାଣ୍ଟରେ କୃଷିଜାତ ବର୍ଜ୍ୟବସ୍ତୁ ପରି କଠିନ ବର୍ଜ୍ୟବସ୍ତୁରୁ ଜୈବ ଇନ୍ଧନ ଇଥାନଲ ପ୍ରସ୍ତୁତ ହେବ। ଏହି ଇଥାନଲ ଜୈବ ବିଶୋଧନାଗାରର କ୍ଷମତା ଦୈନିକ ୧୦୦ କିଲୋଲିଟର ରହିବ ଏବଂ ଏହା ବୁଲସିଂଘା ଗାଁର ୫୮.୪୪ ଏକର ବ୍ୟାପି ସ୍ଥାନରେ ପ୍ରତିଷ୍ଠିତ ହେବ। ବର୍ତ୍ତମାନ କେନ୍ଦ୍ର ସରକାର ଜାତୀୟ ଜୈବ ଇନ୍ଧନ ନୀତି ଆପଣାଇ ପରିବେଶ ଅନୁକୂଳ ଇନ୍ଧନ ପ୍ରସ୍ତୁତି ଦିଗରେ ଗୁରୁତ୍ୱ ଦେଉଛନ୍ତି ଏବଂ ଏହା ଜରିଆରେ ପେଟ୍ରୋଲ ସହିତ ୫ ପ୍ରତିଶତ ଇଥାନଲର ମିଶ୍ରଣ କରାଯିବ ବୋଲି ଜଣାଯାଇଛି। ଏହି ପ୍ରକଳ୍ପ ବାବଦରେ ଜଣେ ବରିଷ୍ଠ ସରକାରୀ ଅଧିକାରୀ ଜଣାଇଛନ୍ତି, ଗତ ମାସରେ ଏନ୍‌ଭର୍ଣ୍ଣମେଣ୍ଟ ଆସେସ୍‌ମେଣ୍ଟ କମିଟି ବିପିସିଏଲର ପ୍ରସ୍ତାବକୁ ଅନୁଧ୍ୟାନ କରିଥିଲେ ଏବଂ ଏହି ପ୍ରକଳ୍ପକୁ ସବୁଜ ସଙ୍କେତ ଦେବାପାଇଁ ସୁପାରିସ ପ୍ରଦାନ କରିଥିଲେ। ଏହାକୁ ଭିତ୍ତି କରି ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଏହି ଇଥାନଲ ପ୍ରକଳ୍ପକୁ ପରିବେଶ ମଞ୍ଜୁରି (ଇସି) ପ୍ରଦାନ କରାଯାଇଛି। ଏହି ମଞ୍ଜୁରି କିଛି ସର୍ତ୍ତ ରଖି ଦିଆଯାଇଥିବା ଜଣାଯାଇଛି ଏବଂ ପ୍ରକଳ୍ପର ମୋଟ ନିବେଶ ୭୪୭.୪୬ କୋଟି ଟଙ୍କା ରହିବ ବୋଲି ଜଣାଯାଇଛି। ପ୍ରସ୍ତାବରେ ବିପିସିଏଲ ପକ୍ଷରୁ ଆହୁରି ମଧ୍ୟ କୁହାଯାଇଛି ଏଥିରେ ୨୦୦ ଜଣ ସିଧାସଳଖ ନିଯୁକ୍ତ ହେବେ ଏବଂ କାର୍ଯ୍ୟାରମ୍ଭ ପରେ ୧ ହଜାର ଲୋକ ପରୋକ୍ଷରେ ନିଯୁକ୍ତ ହୋଇପାରିବେ। ଏଥିରେ କୃଷିଜାତ ବର୍ଜ୍ୟବସ୍ତୁ ବ୍ୟବହାର ହେବାକୁ ଥିବାରୁ ନବୀକରଣଯୋଗ୍ୟ ଇନ୍ଧନ ପାଇଁ ଆକର୍ଷଣୀୟ ଉପାୟ ହୋଇପାରିବ ଏବଂ ବିଶେଷ କରି ଇଥାନଲ ଉତ୍ପାଦନକୁ ଏହା ସୁହାଇବ। ୨୦୨୦ ସୁଦ୍ଧା ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ କରାଇବାର ଟାର୍ଗେଟ ରହିଥିବା ନେଇ ସରକାର ଗୁରୁତ୍ୱ ପ୍ରଦାନ କରୁଥିବାରୁ ଦ୍ୱିତୀୟ ପିଢ଼ିର ଇଥାନଲ ପ୍ଲାଣ୍ଟ ଜରୁରି ହୋଇପଡ଼ିଥିବା ଏହି ଅଧିକାରୀ ଜଣକ ଜଣାଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, "ପ୍ରଥମ ପିଢ଼ି ଜୈବ ଇନ୍ଧନ ପ୍ଲାଣ୍ଟ ଜରିଆରେ ଭାରତରେ ଥିବା ଚାହିଦାର ୩ ପ୍ରତିଶତ ପୂରଣ ହୋଇପାରିବ। କିନ୍ତୁ ଦେଶସାରା ଏଭଳି ଜୈବ ଇନ୍ଧନ ପ୍ଲାଣ୍ଟ ସ୍ଥାପନ ହୋଇପାରିଲେ, ଦ୍ୱିତୀୟ ପିଢ଼ି ଇଥାନଲରେ ଉତ୍ପାଦନରେ ବୃଦ୍ଧି ଦ୍ୱାରା ହିଁ ଏହି ଚାହିଦା ବହୁଗୁଣିତ ହୋଇପାରିବ।" ପୂର୍ବରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଏବଂ ବିପିସିଏଲ ମଧ୍ୟରେ ଏନେଇ ଏକ ବୁଝାମଣା ସ୍ୱାକ୍ଷର ସରିଛି। ଏଠାରେ ଜୈବ ଇନ୍ଧନ ତେୟାର ପ୍ରତିଷ୍ଠା ପାଇଁ ଏହି ବୁଝାମଣା ହୋଇଥିଲା ଏବଂ ଏଥିପାଇଁ ୫ କୋଟିର ବ୍ୟୟ ହେବ ବୋଲି କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୂର୍ବରୁ କହି ସାରିଛନ୍ତି। ଏତଦ୍ ବ୍ୟତୀତ ଆଖୁରୁ ଇଥାନଲ ପ୍ରସ୍ତୁତି ପାଇଁ ମଧ୍ୟ ପ୍ରୟାସ ଆରମ୍ଭ ହୋଇସାରିଛି।

**ନିବେଶ ହେବ ୭୪୭.୪୬ କୋଟି**

# ‘ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା’ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ





**ଭୁବନେଶ୍ୱର :** ସ୍ୱାଧୀନତା ଦିବସ ଅବସରରେ ଓଡ଼ିଶାର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟର ପ୍ରାୟ ୩ କୋଟି ଲୋକଙ୍କ ସ୍ୱାସ୍ଥ୍ୟ ସେବାକୁ ସୁନିଶ୍ଚିତ କରିବା ପାଇଁ ପୂର୍ବରୁ ଘୋଷଣା ହୋଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଗଷ୍ଟ ୧୫ ତାରିଖରୁ କାର୍ଯ୍ୟକାରୀ ହୋଇଛି। ମୁଖ୍ୟମନ୍ତ୍ରୀ କ୍ୟାପିଟାଲ ହସ୍ପିଟାଲରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ହେଲ୍ପ ଡେସ୍କ ଉଦ୍‌ଘାଟନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ପଞ୍ଜୀକୃତ ଚାଷୀ ପରିବାର ସମସ୍ତ ସୁବିଧା ପାଇବେ। ଏହି ଯୋଜନାରେ ହିତାଧୀକାରୀ ପରିବାର ୧ ଲକ୍ଷ ଟଙ୍କାର ସ୍ୱାସ୍ୟବୀମା ସୁବିଧା ପାଇବା ସହ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପାଇବେ। ଏହି ଯୋଜନାରେ ହିତାଧିକାରୀ ପରିବାର ସଂଖ୍ୟା ୬୯ ଲକ୍ଷ ୬୯ ହଜାର ୬୭୨କୁ ବୃଦ୍ଧି ପାଇବ। ଏହି ଯୋଜନାରେ ଗରିବ ଲୋକଟିଏ ମାଗଣାରେ ଉପଯୁକ୍ତ ଚିକିତ୍ସା ପାଇବା ସହ ସ୍ୱାସ୍ଥ୍ୟ ସୁରକ୍ଷାର ଲାଭ ମଧ୍ୟ ଉଠାଇ ପାରିବ। ଏହି ଯୋଜନାରେ ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇପାରିବ ଜଣେ ରୋଗୀ। ଯୋଜନାରେ ସାମିଲ ଥିବା ପୁରୁଷଙ୍କୁ ୫ ଲକ୍ଷ ଓ ମହିଳଙ୍କୁ ୭ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ଯୋଗାଇ ଦେବେ ରାଜ୍ୟ ସରକାର। ଗାଁ ଗଣ୍ଡାରେ ବାର୍ଷିକ ୫୦ ହଜାର ଟଙ୍କା ଓ ସହରାଂଚଳରେ ବାର୍ଷିକ ୬୦ ହଜାର ଟଙ୍କାରୁ କମ୍ ଆୟ ଥିବା ଲୋକଙ୍କୁ ଏହି ସୁବିଧା ମିଳିବ। ପୂର୍ବରୁ ଚାଲୁ ରହିଥିବା ରଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଓ ବିଜୁ କୃଷକ କଲ୍ୟାଣ ଯୋଜନାର ହିତାଧିକାରୀମାନେ ଏହି ସୁବିଧା ପାଇ ପାରିବେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ କୌଣସି ନୂତନ କାର୍ଡ ମିଳିବ ନାହିଁ। ପୂର୍ବରୁ ମିଳିଥିବା କାର୍ଡ ଦେଖାଇ ସେମାନେ ଏହି ସୁବିଧା ପାଇ ପାରିବେ। ଏହି ହିତାଧୀକାରୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଏକ ଚିଠି ସେମାନଙ୍କ ପାଖରେ ପହଞ୍ଚିବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସବିଶେଷ ତଥ୍ୟ ହିତାଧିକାରୀଙ୍କ ପାଇଁ ଏହି ଚିଠିରେ ଉଲ୍ଲେଖ ରହିଛି। ସାତ ଦିନ ଭିତରେ ଏହି ଚିଠି ପ୍ରଦାନ ପ୍ରକ୍ରିୟା ସମାପ୍ତ କରିବା ପାଇଁ ସମସ୍ତ ଜିଲ୍ଲାପାଳମାନଙ୍କୁ ସ୍ୱାସ୍ଥ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାଧୀନାତା ଦିବସ ଅବସରରେ ନିଜ ଅଭିଭାଷଣ ପ୍ରଦାନ କରିବା ସମୟରେ ସେ କହିଛନନ୍ତି ଯେ ଦେଶ ଆଗକୁ ବଢୁଛି। ଚାଷୀ, ମହିଳା ଓ ଯୁବଶକ୍ତି ହେଉଛନ୍ତି ଦେଶ ଆଗକୁ ବଢ଼ିବାର ମୁଖ୍ୟ ଆଧାର। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି କିଏ ସାହାଯ୍ୟ କରୁ ବା ନକରୁ ଓଡ଼ିଶାବାସୀଙ୍କ ଟଙ୍କା ଓ ସହଯୋଗରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ଓଡ଼ିଶା ଭଳି ଏକ ରାଜ୍ୟରେ ଅଧିକାଂଶ ସମୟରେ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତିତ ଥାନ୍ତି ଗରିବ ଲେକେ। ଅଧିକାଂଶ ଲୋକେ ଅର୍ଥାଭାବ ହେତୁ ସଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ପାଇପାରି ନଥାନ୍ତି। ଏସବୁ ଦୃଷ୍ଟିରେ ରଖି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଭଳି ମହାନ ଯୋଜନାର ଘୋଷଣା କରାଯାଇଛି। ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାରୁ ଓହରି ରାଜ୍ୟ ସରକାର ନିଜସ୍ୱ ଏହି ଯୋଜନା ଓଡ଼ିଶାବାସୀଙ୍କ ପାଇଁ କାର୍ଯ୍ୟକାରୀ କରିଛନ୍ତି।

# ନୂଆ ପିସିସିକୁ ନେଇ ଅସନ୍ତୋଷ ତେଜୁଛି

**ଭୁବନେଶ୍ୱର :** କଂଗ୍ରେସ ଦଳରେ ସରୁନି ଗୋଡ଼ଟଣା ନୀତି। ପିସିସି ସଭାପତି ଭାବେ ନିରଞ୍ଜନ ପଟ୍ଟନାୟକଙ୍କୁ ନିଯୁକ୍ତି ପରେ ଲାଗୁଥିଲା ସତେ ଯେପରି କଂଗ୍ରେସ ଦଳରେ ଏବେ ସବୁ କିଛି ଠିକ୍‌ଠାକ୍ ଚାଲିଛି। ଦଳ ବିଭିନ୍ନ ଜିଲ୍ଲାରେ ପୁଣିଥରେ ନିଜର ସଂଗଠନକୁ ମଜଭୁତ କରିବାରେ ଲାଗି ପଡ଼ିଛି। ନିରଞ୍ଜନଙ୍କ ନେତୃତ୍ୱରେ ୨୦୧୯ରେ ଦଳ ରାଜ୍ୟରେ ନିଶ୍ଚିତ ଭାବେ ବିଧାନସଭା ନିର୍ବାଚନରେ ଭଲ କରିବ। ଏନେଇ ଦଳର କର୍ମୀମାନଙ୍କ ମନରେ ଆଶା ସଞ୍ଚାର ହୋଇଥିଲା। କିନ୍ତୁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗତ ୧୫ ତାରିଖରେ ରାଜ୍ୟସ୍ତରୀୟ ପିସିସି ଟିମ୍ ଗଠନ ହୋଇଛି। ଏନେଇ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧିଙ୍କ ଅନୁମତି ମିଳିବା ପରେ ବିଧିବଦ୍ଧ ଭାବେ ପିସିସି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସମସ୍ତ କର୍ମକର୍ତ୍ତାଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଥିଲା। ତେବେ ନିରଞ୍ଜନଙ୍କ ଏହି ୨୫୦ ଜଣିଆ ଜୁମ୍ବୋ ଟିମ୍‌କୁ ନେଇ ଏବେ ପୁଣି ଥରେ ଦଳ ଭିତରେ ଅସନ୍ତୋଷର ଦାନାବାନ୍ଧିବା ଆରମ୍ଭ ହୋଇଛି। ନିରଞ୍ଜନ ତାଙ୍କ ନିକଟରେ ନିଜର ଅନୁଗତମାନଙ୍କୁ ସାମିଲ କରିଥିବା ନେଇ ଅଭିଯୋଗ ହେଉଛି। ଏପରିକି ପୂର୍ବରୁ ନିରଞ୍ଜନ ଅନ୍ୟ ପିସିସି ସଭାପତିଙ୍କ ବଡ଼ ଟିମ୍‌କୁ ସମାଲୋଚନା କରିବା ସହ ଏତେ ଲୋକରେ ମୂଷା ମରିବେନି ବୋଲି କହୁଥିବା ବେଳେ ନିଜ କିପରି ଏତେବଡ଼ ଟିମ୍ ଗଠନ କରିଛନ୍ତି ତାହାକୁ ନେଇ କଂଗ୍ରେସ କର୍ମୀମାନେ ଟାହିଟାପରା ଆରମ୍ଭ କରି ଦେଇଛନ୍ତି। ଏପରିକି ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସର କିଛି ଛାମୁଆ ନେତା ଦଳ ଛାଡ଼ିବା ପାଇଁ ଏକପ୍ରକାର ନିଷ୍ପତ୍ତି ନେଇଛନ୍ତି। ଏସବୁ ମଧ୍ୟରେ କଂଗ୍ରେସ ଦଳରୁ ଯୁବ ନେତା ଅଭିଳାଷ ମାଣିଆ ଇସ୍ତଫା ପ୍ରଦାନ କରିଛନ୍ତି। ଅଭିଳାଷ ପୂର୍ବରୁ ଯୁବ କଂଗ୍ରେସ ସମ୍ପାଦକ ଭାବେ ଦୀର୍ଘଦିନ ହେବ କାର୍ଯ୍ୟ କରି ଆସୁଥିଲେ। ତେବେ ସେ ପିସିସି କମିଟିରେ ସ୍ଥାନ ନ ପାଇବା କାରଣରୁ ଅସନ୍ତୋଷ ହୋଇ ଦଳ ଛାଡ଼ିଥିବା ତାଙ୍କ ସମର୍ଥକମାନେ ମତ ଦେଇଛନ୍ତି। ତେବେ ଅଭିଳାଷଙ୍କର ଉଭୟ ଯୁବ ଓ ଛାତ୍ର କଂଗ୍ରେସରେ ବେଶ୍ ଦବ୍‌ଦବା ଥିଲା। ଏପରିକି ଅଭିଳାଷ ନିଜ ଇସ୍ତଫା ପତ୍ରରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ, ଗତ ୨ ବର୍ଷ ହେବ ତାଙ୍କୁ ଦଳରେ ସେତେଟା ଗୁରୁତ୍ୱ ମିଳୁ ନ ଥିଲା। ତେଣୁ ସେ ଦଳ ଛାଡ଼ିବା ନିଶ୍ଚିତ ଭାବେ ଶୁଭଙ୍କର ନୁହେଁ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ନିରଞ୍ଜନଙ୍କ ଏହି ବିଶାଳ ଟିମ୍‌ରେ ବହୁ ବରିଷ୍ଠ ନେତାଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି କିଛି ନେତାଙ୍କୁ ନିରଞ୍ଜନ ଜାଣିଶୁଣି ଅପେକ୍ଷାକୃତ ଦୁର୍ବଳ ପଦରେ ଅବସ୍ଥାପିତ କରି ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଚେଷ୍ଟା କରୁଥିବା ବରିଷ୍ଠ କଂଗ୍ରେସ ନେତାମାନେ ଖୋଲାଖୋଲି ଗଣମାଧ୍ୟମ ସମ୍ମୁଖରେ ବିବୃତି ଦେବା ଆରମ୍ଭ କରିଦେଇଛନ୍ତି। ତେବେ ନିରଞ୍ଜନଙ୍କ କହିବା ଅନୁଯାୟୀ ଆଗକୁ ନିର୍ବାଚନ ଥିବାରୁ ଏତେ ସଂଖ୍ୟକ ଲୋକ ନିଶ୍ଚିତ ଦରକାର ପଡ଼ିବେ। ତେବେ କିଛି ବରିଷ୍ଠ ନେତା ବାଦ ପଡ଼ିଥିବାରୁ ପରବର୍ତ୍ତୀ ସମୟରେ ସେମାନଙ୍କୁ ମଧ୍ୟ ସାମିଲ କରାଯିବ। ଆଉ କିଛି ମହିଳାଙ୍କୁ ମଧ୍ୟ ସ୍ଥାନ ଦିଆଯିବ ବୋଲି ସେ କହିଛନ୍ତି।

# ବିଜୁ ମହିଳା ଜନତା ଦଳର ନୂଆ କର୍ମକର୍ତ୍ତା

**ଭୁବନେଶ୍ୱର :** ବିଜୁ ଜନତା ଦଳ ରାଜ୍ୟ ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ମହିଳା ଜନତା ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ପାଇଁ ମହିଳା ବିଜେଡି ରାଜ୍ୟ ସଭାନେତ୍ରୀ ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ସୁପାରିସ କ୍ରମେ ବିଜୁ ମହିଳା ଜନତା ଦଳକୁ ସଂପ୍ରସାରଣ କରି ରାଜ୍ୟ ପରିଚାଳନା କମିଟିରେ ଅତିରିକ୍ତ ୩ଜଣ ଉପ-ସଭାପତି, ଜଣେ ସାଧାରଣ ସଂପାଦକ, ୭ଜଣ ସଂପାଦକଙ୍କୁ ସଦସ୍ୟ ଭାବେ ମନୋନୀତ କରିଥିବା ବେଳେ ନୂତନ ଭାବେ ମୟୂରଭଞ୍ଜ ଜିଲ୍ଲା ସଭାପତି ଓ କାର୍ଯ୍ୟକାରୀ ସଭାପତି, ଢେଙ୍କାନାଳ ଜିଲ୍ଲା ସଭାପତି ଏବଂ ସୁନ୍ଦରଗଡ଼ ଜିଲ୍ଲା କାର୍ଯ୍ୟକାରୀ ସଭାପତିଙ୍କୁ ମନୋନୀତ କରିଛନ୍ତି। ରାଜ୍ୟ କମିଟିରେ ଉପ-ସଭାପତି ଭାବେ ଭାରତୀ ଦାସ, ରେଣୁବାଳା ପ୍ରଧାନ ଓ ସାଗରିକା ମିଶ୍ର, ସାଧାରଣ ସଂପାଦକ ଭାବେ ଜ୍ୟୋତିର୍ମୟୀ କବାଟ, ସଂପାଦକ ଭାବେ ଶ୍ରାବଣୀ ଦାସ, ସୀମା ଦାସ, ତନୁଜା ମହାନ୍ତ, ମିନତୀ ଦେବତା, ଉଷା ପ୍ରଧାନ, ମାନସୀ ମହାକୁଡ଼, ସ୍ମୃତିସୁଧା ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲା-୧ ପାଇଁ ସଭାପତି ଭାବେ ବୀଣାପାଣି ସାହୁ ଓ କାର୍ଯ୍ୟକାରୀ ସଭାପତି ଭାବେ ସବିତା ବେହେରା, ମୟୂରଭଞ୍ଜ ଜିଲ୍ଲା-୨ ପାଇଁ ସଭାପତି ଭାବେ ମମତା ମହାନ୍ତ ଓ କାର୍ଯ୍ୟକାରୀ ସଭାପତି ଭାବେ ଭାରତୀ ହେମ୍ବ୍ରମ୍, ଢେଙ୍କାନାଳ ଜିଲ୍ଲା ସଭାପତି ଶ୍ରୀମତୀ ସାଇଶ୍ରୀ ପଟ୍ଟନାୟକ ଏବଂ ସୁନ୍ଦରଗଡ଼ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭାବେ ଆରତୀ ଚୌଧୁରୀଙ୍କୁ ମନୋନୀତ କରିଛନ୍ତି।

# ୧୨୦ ଲକ୍ଷ୍ୟ ପୂରଣ ହେବ : ଜାଭେଡକର

**ବ୍ରହ୍ମପୁର :** ସାଧାରଣ ନିର୍ବାଚନ ପାଇଁ ଆଉ ବାକି ରହିଲା ଅଳ୍ପ କେଇମାସ। ଏହାରି ମଧ୍ୟରେ କର୍ମୀ ଏବଂ ନେତାମାନେ ମନ ପ୍ରାଣ ଏକ କରି କାର୍ଯ୍ୟ କରିଲେ ବିଜେପି ରାଷ୍ଟ୍ରାଧ୍ୟକ୍ଷ ଅମିତ୍ ଶାହଙ୍କ ୧୨୦ ମିଶନ କ’ଣ ତାହା ଠାରୁ ଅଧିକ ବିଧାୟକ ସିଟ ଓ ଅଧିକ ସାଂସଦ ସିଟ୍ ବିଜେପି ହାସଲ କରିବ। ଦଳର ପ୍ରତ୍ୟେକ କର୍ମୀ ତୃଣମୂଳସ୍ତରରୁ କାର୍ଯ୍ୟ କରିବା ସହ କେନ୍ଦ୍ର ସରକାରଙ୍କ ୪ବର୍ଷର ସଫଳ କାର୍ଯ୍ୟକ୍ରମକୁ ଲୋକଲୋଚନକୁ ନେବାକୁ ପଡ଼ିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭ୍‌ଡେକର ସୂଚନା ଦେଇଛନ୍ତି। ଯେଉଁ ରାଜ୍ୟରେ ବିଜେପିର ସିଟ ସଂଖ୍ୟା ମାତ୍ର ୨/୩ ରହୁଥିଲା ସେଠାରେ ମଧ୍ୟ ଦଳୀୟ କର୍ମୀ ଏବଂ ନେତାମାନେ କାର୍ଯ୍ୟ କରି କ୍ଷମତା ଦଖଲ କରିଛନ୍ତି। ଓଡ଼ିଶାରେ ମଧ୍ୟ ଦଳ ଯେଉଁ ମିଶନ ରଖିଛି ସେଥିରେ ନିଶ୍ଚିତ ସଫଳ ହେବ ବୋଲି ମନ୍ତ୍ରୀ କହିଛନ୍ତି। କେନ୍ଦ୍ରର ବିଭିନ୍ନ ଯୋଜନାକୁ ବର୍ତ୍ତମାନ ରାଜ୍ୟ ସରକାର ନିଜ ନାମରେ ନାମିତ କରି ବାଃ ବାଃ ନେଉଛନ୍ତି। ଏକଥା ରାଜ୍ୟବାସୀ ଠିକ୍ ଭାବେ ବୁଝି ସାରିଥିବା ସେ କହିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କା ଘର ଭାବେ ନାମିତ କରିଥିବା ବେଳେ ଅନେକ ଯୋଜନାର ନାମ ମଧ୍ୟ ସରକାର ଜାଣିଶୁଣି ବଦଳାଇଛନ୍ତି। ରାଜ୍ୟରେ ସରକାରୀ ବାବୁମାନେ ହିଁ ଶାସନକୁ ଅକ୍ତିଆର କରିଥିବା କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସରକାରୀବାବୁମାନଙ୍କ ଉପରେ ଚାପ ପ୍ରୟୋଗ କରାଯାଇ କାମ କରାଯାଉଥିବା ବେଳେ ବିରୋଧୀ ଦଳକୁ ଦମନ କରିବାକୁ ପୁଲିସ୍‌କୁ ବ୍ୟବହାର କରାଯାଉଛି। ବିରୋଧୀ ଦଳର କର୍ମୀ ଏବଂ ନେତାଙ୍କ ଉପରେ ମଧ୍ୟ ମିଥ୍ୟା ମୋକଦ୍ଦମା କରି ଜେଲରେ ଭର୍ତ୍ତି କରାଯାଉଥିବା ନେଇ ଗୁରୁତର ଅଭିଯୋଗ ସେ ଆଣିଛନ୍ତି। ଏସବୁର ହିସାବ କିତାବ ତାଙ୍କ ନିକଟରେ ରହିଛି ଏବଂ ଉଚିତ ସମୟରେ ଏହାର ଜବାବ ଦିଆଯିବ ବୋଲି ମଧ୍ୟ କହିଥିଲେ। ଏହି ଦୁଇଦିନିଆ ଗସ୍ତରେ ସେ ବ୍ରହ୍ମପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ମଣ୍ଡଳ ସଭାପତି, ନେତା ଏବଂ କର୍ମୀମାନଙ୍କୁ ଭେଟି ସେମାନଙ୍କର ମତ ନେଇଥିଲେ।

# ଜମ୍ବୁ-ମାର୍ଶାଘାଇ କେନାଲରେ ଦଳଭର୍ତ୍ତି

**ମାର୍ଶାଘାଇ :** ଜମ୍ବୁ-ମାର୍ଶାଘାଇ କେନାଲରେ ମାର୍ଶାଘାଇ ଠାରୁ ବାଲଣା ପୋଲ ପର୍ଯ୍ୟନ୍ତ ପ୍ରାୟ ୭ କିଲୋମିଟର କେନାଲରେ ଘଞ୍ଚ କଟିକି ଦଳ ହେବାରୁ ମାର୍ଶାଘାଇ ଲକ୍ ଠାରୁ ବାଲଣା ପୋଲ ପର୍ଯ୍ୟନ୍ତ କେନାଲ କୂଳିଆ ଚାଷଜମିକୁ ପାଣି ଯାତାୟତ କରିବାରେ ବାଧା ଉପୁଜୁଛି। ଯାହା ଫଳରେ ପ୍ରାୟ ୫ଶହ ଏକର ଚାଷୀ ଜମିକୁ ସଠିକ୍ ସମୟରେ ପାଣି ପହଂଚିପାରୁନାହିଁ। ଚାଷୀ ମାନେ ଚାଷକାର୍ଯ୍ୟ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନାଲ କୂଳବର୍ତ୍ତୀ ମାର୍ଶାଘାଇ ତୁଳସୀପୁର ,ଦୁମୁକା,ଗିରଙ୍ଗ ,ଶିଳିପୁର ,ଢ଼ଅଁରମୁଣ୍ଡ,ଦଶିପୁର ,ପଳାଶପୁର ,ବାଲଣା ଆଦି ଗ୍ରାମର ପ୍ରାୟ ୫ଶହ ଏକର ଚାଷ ଜମିକୁ ପାଣି ମାଡ଼ିପାରୁନାହିଁ। ଏହି ଜମ୍ବୁ-ମାର୍ଶାଘାଇ କେନାଲରେ ବର୍ଷ ବର୍ଷ ଧରି ଘଂଚ କଟିକି ଦଳ ଯୋଗୁଁ ଏଥିରେ ବିଷାକ୍ତ ସାପ ଓ ମଶାଙ୍କ ପାଦୁର୍ଭାବ ବଢିଚାଲିଛି। ଫଳରେ କେନାଲକୂଳବର୍ତୀ ଲୋକମାନେ ଏହି ପାଣିରେ ଗାଧୋଇ ବା ହେତୁ ବିଭିନ୍ନ ଚର୍ମ ରୋଗରେ ଆକ୍ରାନ୍ତ ହେବା ସହ ମେଲେରିଆ ଓ ଡ଼େଙ୍ଗୁ ଜ୍ୱରରେ ଆକ୍ରାନ୍ତ ହେଉଛନ୍ତି। ଏହି କେନାଲରେ ବିଷାକ୍ତ ସାପଙ୍କ ଭୟରେ ପାଣିରେ ଶୌଚାଦି କାର୍ଯ୍ୟ କରିପାରୁନାହାନ୍ତି। ବର୍ଷ ବର୍ଷ ଧରି ଏହି ଦଳ ସଫା କରିବା ପାଇଁ କେନ୍ଦ୍ରାପଡ଼ା ଜଳସେଚନ ବିଭାଗ ତରଫରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏହାର ସ୍ଥାୟୀ ପ୍ରତିକାର ପାଇଁ କର୍ତୃପକ୍ଷ ଦୃଢ ପଦକ୍ଷେପ ନେବାକୁ କେନାଲ କୂଳ ବାସିନ୍ଦା ମାର୍ଶାଘାଇର ଧ୍ରୁବକିଶୋର ନାୟକ ତୁଳସୀପୁରର କବିନ୍ଦ୍ର ସାହୁ ଗିରଙ୍ଗ ଗ୍ରାମର ବିକଳି ଚରଣ ସ୍ୱାଇଁ ,ବାବାଜୀ ସ୍ୱାଇଁ ,ପଳାଶପୁର ଟହଲି ରାଉତ,ରଞ୍ଜନ ଦାସ, ନିମାଁଇ ପ୍ରଧାନ ,ବାଲଣା ଗ୍ରାମର ଅଞ୍ଜନ ରାଉତ, କ୍ଷିରୋଦ ରାଉତ ପ୍ରମୁଖ ଦାବି କରିଛନ୍ତି।

# ପୁଣ୍ୟ ଉତ୍କଳ ପକ୍ଷରୁ ପଲିଥିନ୍ ବର୍ଜନ ସଚେତନତା



**କେନ୍ଦ୍ରାପଡ଼ା :** ରାଜ୍ୟର ଅଗ୍ରଣୀ ସାଂସ୍କୃତିକ ଓ ସେବା ଅନୁଷ୍ଠାନ “ପୁଣ୍ୟ ଉତ୍କଳ”କେନ୍ଦ୍ରାପଡା ଶାଖା ପକ୍ଷରୁ ୭୨ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସହରର ବଡହାଟ ଠାରେ ଆୟୋଯିତ ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ତଥା କେନ୍ଦ୍ରାପଡା କ୍ରେଡ଼ିଟ୍ କୋ-ଅପରେଟିଭ୍ ବ୍ୟାଙ୍କର ସଭାପତି ପ୍ରମୋଦ ସାହୁ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତଳନ କରିବା ସହ ଦେଶର ସ୍ୱାଧୀନତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସଂଗଠନ ପକ୍ଷରୁ ପଲିଥିନ୍ ବା ପ୍ଲାଷ୍ଟିକ୍ ବର୍ଜନ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଂଗଠନର କର୍ମୀମାନେ ‘ସାରା ଦେଶ ହେଉ ପଲିଥିନ୍ ମୁକ୍ତ’ ସ୍ଲୋଗାନ ଦେବା ସହ, ଜାତୀୟ ପତାକା ତଳେ ଏହାକୁ ବର୍ଜନ କରିବାର ସପଥ ନେଇଥିଲେ। ଜିଲ୍ଲା ସମ୍ପାଦକ ଅନନ୍ତ ଗୋପାଳ ସାହୁଙ୍କ ସଂଚାଳନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ କିଶୋର କୁମାର ସାହୁ, ଦିନବନ୍ଧୁ ବେହେରା, ବାବୁ ବେହେରା, କାର୍ତ୍ତିକ ଚନ୍ଦ୍ର ସାହୁ, ବସନ୍ତ କୁମାର ଦାସ, ଅରୁଣ କୁମାର ସାହୁ, ସନ୍ତୋଷ କୁମାର ବସନ୍ତରାଏ, ସସ୍ମିତା ସାହୁଙ୍କ ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ।

# ରାସନ କାର୍ଡ ଫର୍ମ ସଂଗ୍ରହ ପାଇଁ ବ୍ଲକ ପାଲଟିଛି ଜନସମୁଦ୍ର



**ଦଶପଲ୍ଲା :** ରାଜ୍ୟସରକାରଙ୍କ ଖାଉଟି କାର୍ଡ ସୁରକ୍ଷା ଯୋଜନା ଅନୁଜାୟୀ ଅକ୍ଟୋବର ୨ ତାରିଖରୁ ଆରମ୍ଭ ହେଉଥିବା ଯୋଜନାରେ ସାମିଲି ହେବାପାଇଁ ଜନସାଧାରଣ ଖଣ୍ଡେ ଫର୍ମ ନେବା ପାଇଁ ଦଶପଲ୍ଲା ବ୍ଲକ ପରିସରରେ ଏକ ପ୍ରକାର ଜନସମୁଦ୍ର ସୃଷ୍ଟି ହୋଇଥିଲା। ଶହ ଶହ ସଂଖ୍ୟାରେ ଜନସାଧାରଣ ଖରାରେ ଠେଲାପେଲା ମଧ୍ୟରେ ଫର୍ମ ଖଣ୍ଡେ ପାଇଁ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡିଥିଲା। କିଛି ସମୟ ପରେ ପ୍ରାୟ ୬/୭ କାଉଁଟର ଖୋଲାଯାଇ ଫର୍ମ ଯୋଗାଇ ଦେବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ଏଠାରେ ସୂଚନା ଥାଉ କି ,କି ଗରିବ କି ଧନୀ ଖାଉଟି କାର୍ଡ ଫର୍ମ ଖଣ୍ଡେ ପାଇବା ପାଇଁ ସେମାନଙ୍କର ଡହକବିକଳ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା।

# ଭାଗଚାଷୀଙ୍କ ପାଇଁ କୋହଳ ହେଲା ନିୟମ

**ଭୁବନେଶ୍ୱର :** ପ୍ରଥମଥର ପାଇଁ ଭାଗଚାଷୀଙ୍କ ପାଇଁ ନିୟମ କୋହଳ କରିଛନ୍ତି ରାଜ୍ୟ ସରକାର। ଜମି ମାଲିକ କିମ୍ବା ସରପଞ୍ଚଙ୍କ ଅନୁମତି ପତ୍ର ନଥିଲେ ଭାଗଚାଷୀ ନାଁ ପଞ୍ଜୀକରଣ କରିପାରିବେ। କୋଅପରେଟିଭ୍ ସୋସାଇଟିର ରେଜିଷ୍ଟ୍ରାର ଏ ନେଇ ସବୁ ଡିଭିଜିନାଲ୍ ଡେପୁଟି ରେଜିଷ୍ଟ୍ରାର୍ ଓ ସେଣ୍ଟ୍ରାଲ୍ କୋଅପରେଟିଭ୍ ବ୍ୟାଙ୍କ୍ ସେକ୍ରେଟାରୀଙ୍କୁ ଚିଠି ଲେଖିଛନ୍ତି। ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ପଛେଇ ଥିବାରୁ ସରକାର ଏହି ପଦକ୍ଷେପ ନେଇଛନ୍ତି। ଖରିଫରେ ଧାନ କିଣିବା ପାଇଁ ରାଜ୍ୟର ୨୫ଶହ ପ୍ରାଥମିକ କୃଷି ସମବାୟ ସମିତି, ପ୍ୟାକ୍ସ ମଧ୍ୟରୁ ୬୯୧ ପ୍ୟାକ୍ସ ଏ ପର୍ଯ୍ୟନ୍ତ ଚାଷୀଙ୍କ ନାଁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରିନାହାନ୍ତି। ଗତବର୍ଷ ତୁଳନାରେ ୩୩ ପ୍ରତିଶତ ଅଧିକ ଚାଷୀଙ୍କୁ ପଞ୍ଜିକୃତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ମାତ୍ର ୧ ପ୍ରତିଶତ ନୂଆ ଚାଷୀ ଏବେ ସୁଦ୍ଧା ନାଁ ପଞ୍ଜୀକରଣ କରିଛନ୍ତି। ପୂର୍ବଥର ନାଁ ପଞ୍ଜୀକରଣ କରିଥିବା ୧୧ ପ୍ରତିଶତ ଚାଷୀ ନାଁ ନବୀକରଣ କରାଇଛନ୍ତି। ତେବେ ଟାର୍ଗେଟ୍ ତୁଳନାରେ ଚାଷୀଙ୍କ ନାଁ ପଞ୍ଜିକୃତ ହେଉନଥିବାରୁ ଏଥିରେ ଖିଲାପ କରୁଥିବା ପ୍ୟାକ୍ସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ଚେତାବନୀ ଦେଇଛନ୍ତି। ଗତବର୍ଷ ଖରିଫ ପାଇଁ ୧୧ ଲକ୍ଷ ୨୦ହଜାର ଚାଷୀ ନାମ ପଞ୍ଜୀକରଣ କରାଇଥିଲେ। ଏଥର ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୩୨ହଜାର ଚାଷୀ ନାଁ ପଞ୍ଜୀକରଣ କରିଛନ୍ତି। ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବ। ତେବେ ଚାଷୀଙ୍କୁ ଋଣ ଦେବା ସହ ସେମାନଙ୍କ ପାଇଁ ଥିବା ସୁବିଧା ବିଷୟରେ ଅବଗତ ପାଇଁ ସରକାର କୋଅପରେସନ୍ ଆଟ୍ ୟୋର୍ ଡୋରଷ୍ଟେପ୍ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଏହା ସତ୍ତ୍ୱେ ଜିଲ୍ଲା ସ୍ତରରେ ଭାଗଚାଷୀଙ୍କ ପାଇଁ ସରକାରଙ୍କ ଏ ବାର୍ତ୍ତା ବୋଧହୁଏ ପହଞ୍ଚିପାରିନି। ଏବେ ଚାଷ କାମ ଛାଡ଼ି ନା ପଞ୍ଜୀକରଣ କରିବାକୁ ଚାଷୀ ଚାହୁଁନଥିବା ଜଣାଯାଇଛି। ଏଥର ଖରିଫ ଋତୁର ଚାଷୀ ପଞ୍ଜୀକରଣ ପାଇଁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପଞ୍ଜିକୃତ କରିବାକୁ ଗତ ଜୁଲାଇ ୨୮ରେ ବିଭାଗୀୟ ସଚିବଙ୍କୁ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଚିଠି ଦେଇଥିଲେ। ଏଥିପାଇଁ ପ୍ୟାକ୍ସ ଲ୍ୟାମ୍ପ୍ସ ସମବାୟ ବ୍ୟାଙ୍କ, ବ୍ଲକ୍ ,ତହସିଲ୍ ଓ ଜିଲ୍ଲା କୃଷି ଅଧିକାରୀଙ୍କ ଅଫିସ୍‌ରେ ବ୍ୟାନର୍ ଓ ବୋର୍ଡ ଲଗାଯାଇ ଚାଷୀଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ୩୦ରେ ଏସ୍‌ସି/ଏସ୍‌ଟି କନକ୍ଲେଭ୍

# ଉଦ୍ୟୋଗୀ ହେବା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ : ଧର୍ମେନ୍ଦ୍ର



**ଭୁବନେଶ୍ୱର :** ଆସନ୍ତା ୩୦ରେ ଅନୁସୂଚିତ ଜାତି ଓ ଜନଜାତି କନକ୍ଲେଭ୍ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏଥିନେଇ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏନ୍‌ଟିପିସି, ନାଲକୋ, ଏନ୍‌ଏସ୍‌ଆଇସି, ଏମ୍‌ସିଏଲ୍, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଓ ଏସ୍‌ବିଆଇ ସହିତ କେନ୍ଦ୍ର ସରକାରଙ୍କ ବିଭିନ୍ନ ପିଏସ୍‌ୟୁର ପ୍ରତିନିଧିମାନେ ତଥା ଆର୍ଥିକ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଆସନ୍ତା ୩୦ରେ ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍‌ର ଏନ୍‌ଏସ୍‌ଆଇସି କମ୍ପ୍ଲେକ୍ସରେ ହେବାକୁ ଥିବା ଏହି କନକ୍ଲେଭ୍‌ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ବୈଠକରେ ଆଲୋଚନା କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ, ଅନୁସୂଚିତ ଜାତି ଓ ଜନଜାତି ସମୁଦାୟର ଯୁବକ ଯୁବତୀଙ୍କୁ ଉଦ୍ୟୋଗୀ ହେବା ପାଇଁ ସବୁ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଏହି କନକ୍ଲେଭ୍‌ରେ ସେମାନଙ୍କୁ ଉଦ୍ୟୋଗ ସମ୍ପର୍କରେ ସଚେତନ କରାଯିବ। ଏହି ସମ୍ମିଳନୀକୁ ସଫଳତାର ସହ ଆୟୋଜନ କରିବା ପାଇଁ ସମସ୍ତ ଅନୁଷ୍ଠାନ ନିଜ ନିଜ ଭୂମିକା ନିର୍ବାହ କରିବା ସହ ସହାୟତାର ଆବଶ୍ୟକତା ରହିଛି। ଅନୁସୂଚିତ ଜାତି, ଜନଜାତିଙ୍କ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ସମସ୍ତ କେନ୍ଦ୍ରୀୟ ଅନୁଷ୍ଠାନ ଓ ବ୍ୟାଙ୍କ ଉପଯୁକ୍ତ ଭୂମିକା ଗ୍ରହଣ କରିବା ଦିଗରେ ପଦକ୍ଷେପ ନେବା ଉଚିତ। ଯେପରିକି ଅନୁସୂଚିତ ଜାତି ଓ ଜନଜାତି ସମୁଦାୟ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରିବେ। ପ୍ରତ୍ୟେକ କେନ୍ଦ୍ରୀୟ ସଂସ୍ଥା ନିଜ ନିଜ ଅନୁଷ୍ଠାନର ଏହି ବର୍ଗର ସଦସ୍ୟମାନଙ୍କୁ ଏହି କାର୍ଯ୍ୟକ୍ରମ ପାଇଁ ସାମିଲ କରିବା ସହ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ସଂପର୍କରେ ଅବଗତ କରାଇବେ ବୋଲି ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ୍ ମାଧ୍ୟମରେ ସମସ୍ତ ବ୍ୟାଙ୍କ୍ ଓ ସିପିଏସ୍‌ଇମାନେ ନିଜ ନିଜ ଉତ୍ପାଦ ପ୍ରଦର୍ଶନ କରିବା ସହ ଏହାର ଲାଭ କିପରି ଉଠାଇପାରିବେ ସେ ସମ୍ପର୍କରେ ବିସ୍ତୃତ ବିବରଣୀ ରଖିବେ ବୋଲି ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଅନୁସୂଚିତ ଜାତି, ଜନଜାତି ସମ୍ମିଳନୀ, ଏନ୍‌ଏସ୍‌ଆଇସି ନୂତନ ବିଲ୍ଡିଂ ଉଦ୍‌ଘାଟନ, ଏନ୍‌ଏସ୍‌ଆଇସି ପକ୍ଷରୁ ନୂତନ ଆପାରେଲ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା, ଏନ୍‌ଏସ୍‌ଆଇସି କମ୍ପ୍ଲେକ୍ସରେ ଏନ୍‌ଏସ୍‌ଡିସି ଏବଂ ଏସ୍‌ଏସ୍‌ଟିଆଇର ଶୁଭାରମ୍ଭ ପ୍ରମୁଖ ସମ୍ପର୍କରେ ଏନ୍‌ଏସ୍‌ଆଇସି ସିଏମ୍‌ଡି ତଥ୍ୟ ଉପସ୍ଥାପନ କରିଥିଲେ।



ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୦ - ୨୬ ଅଗଷ୍ଟ, ୨୦୧୮

# ଲୋକମତ ଶ୍ରେଷ୍ଠ

**ସ୍ୱା**ଧୀନ ଭାରତରେ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ଯେତେବେଳେ ଜନବିରୋଧୀ ବୋଲି ଆକଳନ କରାଯାଏ, ସେତେବେଳେ ସମାଜରେ ଏହାକୁ ବିରୋଧ କରାଯାଇଥାଏ। ତେଣୁ ଏହି ବିରୋଧ ନେତୃ ସ୍ତରରେ ହେଉ ବା ବ୍ୟକ୍ତି ସ୍ତରରେ ହେଉ ଏଥିପାଇଁ ପ୍ରବଳ ଜନମତ ଲୋଡା ହୁଏ। ତେଣୁ ଏହି ଜନମତ ସୃଷ୍ଟି କରିବା ପାଇଁ ବିଜ୍ଞ ରାଜନେତା ତଥା ସ୍ଥାନୀୟ ବୁଦ୍ଧିଜୀବୀମାନେ ଚିନ୍ତା କରିଥାନ୍ତି। ଚିନ୍ତା ଫଳବତୀ କରିବା ପାଇଁ ଏମାନଙ୍କୁ ବିଭିନ୍ନ ପନ୍ଥା ଅବଲମ୍ବନ କରିବାକୁ ପଡେ। ତନ୍ମଧ୍ୟରୁ ସଭା ସମିତି, ସଚେତନତା ସୃଷ୍ଟି ଓ ବ୍ୟକ୍ତିଗତ ଉଦ୍ୟମରେ ଲୋକମାନଙ୍କୁ ବୁଝାଇପାରିବା ହେଉଛି ବଡକଥା। ଯେତେବେଳେ ସାଧାରଣ ଲୋକ ବୁଝି ଯାଆନ୍ତି ଯେ, କୌଣସି ପ୍ରକଳ୍ପ ହେବା ଦ୍ୱାରା ସେମାନଙ୍କର ପ୍ରଭୂତ କ୍ଷତି ହେବ ଏବଂ ଜୀବନ ଜୀବିକା ଉପରେ ଏହାର କୁପ୍ରଭାବ ପଡିବ ସେତେବେଳେ ବିରୋଧର ସ୍ୱର ଶାଣିତ ହୋଇ ଏହା ଆନ୍ଦୋଳନର ରୂପ ଧରେ। ଏହି ଆନ୍ଦୋଳନ ସ୍ୱାଧୀନତା ପୂର୍ବରୁ ଚାଲିଥିଲା ଓ ଅଦ୍ୟାବଧି ଚାଲିଆସିଛି। ସେତେବେଳେ ବିଦେଶୀ ଶକ୍ତି ବିରୋଧରେ ଦେଶବାସୀ ତଥା ଆମ ଜନପ୍ରିୟ ନେତାମାନେ ଭାରତକୁ ସ୍ୱାଧୀନ ଦେଶର ମର୍ଯ୍ୟାଦା ଦେବା ପାଇଁ କାରାବରଣ ଠାରୁ ଆରମ୍ଭ କରି ପ୍ରାଣବଳୀ ଦେବା ପର୍ଯ୍ୟନ୍ତ ଘଟଣା ଘଟିଥିଲା। ଯାହାକି ଆଜି ଇତିହାସରେ ଲିପିବଦ୍ଧ ହୋଇ ବର୍ତ୍ତମାନର ପିଢ଼ିକୁ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ଦିଗ୍‌ଦର୍ଶନ ଦେଇଚାଲିଛି।

ହେଲେ ଆଜିକାଲି ଦେଖାଯାଉଛି ଲୋକଙ୍କୁ ଭ୍ରାନ୍ତ ଧାରଣା ଦେଇ ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଏକଜୁଟ କରାଯିବା ସହିତ ସେମାନଙ୍କ ମନରେ ସରକାର ବିରୋଧୀ ନକାରାତ୍ମକ ଭାବନା ସୃଷ୍ଟି କରାଯାଉଛି। ପରିଣାମ ସ୍ୱରୂପ ଏଇଆ ହେଉଛି ଯେ, ବ୍ୟବସ୍ଥା ନେଇଥିବା ନିଷ୍ପତ୍ତି ବିରୋଧରେ ପ୍ରବଳ ଜନମତ ସୃଷ୍ଟି ହେବା ଫଳରେ ଆବଶ୍ୟକ ଥିବା ପ୍ରକଳ୍ପ ଗୁଡିକ ଅଟକି ଯାଉଛି। ଗୋଟିଏ କାର୍ଯ୍ୟର ଦୁଇଟି ଦିଗକୁ ସମାନ ଭାବେ ବିଚାର ନକରି ଯେଉଁମାନେ ରାଜନୈତିକ ଅଭିସନ୍ଧି ରଖି ଏହାକୁ ପରିଚାଳନା କରୁଛନ୍ତି ସେଥିରେ ସେମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ଓ ଦଳୀୟ ସ୍ୱାର୍ଥ ନିହିତ ରହୁଛି। ଯେଉଁଥିପାଇଁ କାଦୁଅ ଫିଙ୍ଗା ରାଜନୀତି ଲୋକଙ୍କ ମନରେ ଏକପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଯେଉଁ ଦ୍ୱନ୍ଦ୍ୱକୁ ନେଇ ସାଧାରଣ ଲୋକ ବିଭିନ୍ନ ଚିନ୍ତାରେ ଘାଣ୍ଟି ହେଉଥିଲା ବେଳେ ଏଥିରୁ ନ୍ୟସ୍ତ ସ୍ୱାର୍ଥ ନେତା ବା ସ୍ୱାର୍ଥପର ସାମାଜିକ କର୍ମୀ ଫାଇଦା ଉଠାଇ ଚାଲିଛନ୍ତି। ହେଲେ ସରକାର ନେଇଥିବା ନିଷ୍ପତ୍ତିର ସୁଫଳ ବା ସୁଦିଗ ଲୋକେ ଜାଣି ନପାରି ଅନ୍ୟକୁ ଦୋଷ ଦେବା କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଗୋପନରେ ଏସବୁ ବାବଦରେ ଯେଉଁମାନେ ବୁଦ୍ଧି ଖଟାଉଛନ୍ତି ସେମାନଙ୍କ ଅଭିପ୍ରାୟ ସହଜରେ ବୁଝି ହେଉନଥିଲେ ମଧ୍ୟ କ୍ଷତି ହିଁ ସାଧାରଣ ଲୋକଙ୍କର ହେଉଛି। ପୂର୍ବେ ରାଜନୀତି ଏଭଳି ନଥିଲା। ସତ୍ୟ, ଧର୍ମ ଓ ନ୍ୟାୟ ପାଇଁ ନେତା ଲୋକଙ୍କ ସହ ମିଶି ସେମାନଙ୍କର ସମସ୍ୟାର ସମାଧାନ ପାଇଁ ଆଗକୁ ବାହାରୁଥିଲା ବେଳେ ବର୍ତ୍ତମାନ ଏହା ସ୍ୱାର୍ଥସର୍ବସ୍ୱ ରାଜନୀତି ହୋଇପଡିଛି। ଆଜିକାଲିର ନେତାମାନେ ଆଉ ଆଗଭଳି ହୃଦୟତାର ସହିତ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱଦେବା ଅପେକ୍ଷା ଏଥିରେ ନିଜର ବା ନିଜ ଦଳର କେତେ ସ୍ୱାର୍ଥ ହାସଲ ହୋଇପାରିଲା ତାକୁ ଗୁରୁତ୍ୱ ଦେଉଛନ୍ତି। ଯେଉଁଥିପାଇଁ ଦଳ ଦଳ ମଧ୍ୟରେ ଚିନ୍ତାଧାରାର ପାର୍ଥକ୍ୟ ଓ କାର୍ଯ୍ୟଧାରାର ପାର୍ଥକ୍ୟ ଲୋକଙ୍କୁ ହନ୍ତସନ୍ତ କରୁଛି। ଲୋକେ ମଧ୍ୟ ଏକଥାଟିକୁ ଭଲଭାବେ ବୁଝି ନପାରି ଅନ୍ଧ ସମର୍ଥକ ଭାବେ ନେତାଙ୍କ ପଛରେ ଧାଇଁବା ଦ୍ୱାରା ନେତା ଧନୀ ହେଉଛନ୍ତି, ଲୋକ ଗରିବ ହେଉଛନ୍ତି। ସମସ୍ୟା ଯେଉଁଠି ଥିଲା ସେଇଠି ରହୁଛି। ସାମ୍ପ୍ରତିକ ସମାଜରେ ବସ୍ତୁବାଦ ଚିନ୍ତା ଓ ମାଗଣା ଖାଇବା ଚିନ୍ତା ଲୋକଙ୍କ ମନକୁ ଏଭଳି ଗ୍ରାସ କରିଛି ଯେ, ଲୋକେ କାହାଠୁ ଓ କାହିଁକି ମାଗଣା ଖାଇଲେ ସେ କଥା ଚିନ୍ତା କରିବାର ଅବସର ଜୁଟୁନାହିଁ। ମାଗଣା ମିଳିଲେ ପିତୁ ଖାଇବା ନ୍ୟାୟରେ ଯିଏ ଯାହା ପାଇଲା ଲୁଟି ଚାଲିଛି। ଏଥିରେ ନା' ନିଜର ବା ନିଜ ପରିବାରର କୌଣସି ଉନ୍ନତି ହେଉନାହିଁ। ବରଂ କର୍ମବିମୁଖ ରାଜନୈତିକ କର୍ମୀ ମାଗଣା ଖାଇବା ଚିନ୍ତାରେ ନେତାଙ୍କ ଚାମଚା ସଦୃଶ ଧାଉଁଛି ଯେ ଧାଉଁଛି। ଏ ଧାଇଁବା ପଛରେ ନିଜର, ସମାଜର, ରାଜ୍ୟର ବା ରାଷ୍ଟ୍ରର କେତେ କ୍ଷତି ଘଟୁଛି ତାହା କଳନା କରିବା ତା'ପକ୍ଷେ ସମ୍ଭବ ହୋଇପାରୁନି। ଯେଉଁଥିପାଇଁ କ୍ଷୁଦ୍ର କ୍ଷତି ବୃହତ୍ତର ଲାଭ ଉପରେ ରୋକ ଲଗାଉଛି। କେନ୍ଦ୍ର ହେଉ କି ରାଜ୍ୟ ସରକାର ଲୋକଙ୍କ ପାଇଁ କରୁଥିବା ଯୋଜନା ଅଧାବାଟରେ ଲଟକି ରହି କେବଳ ରାଜନୈତିକ ପ୍ରସଙ୍ଗ ବ୍ୟତୀତ ସମସ୍ୟା ସମାଧାନର ଆଧାର ହୋଇପାରୁନାହିଁ। ଏବେ ଏ ପ୍ରସଙ୍ଗରେ ଆମ ରାଜ୍ୟର କିଛି ଘଟଣା ବିଚାରକୁ ନେବା। ପୋସ୍କୋ ହୋଇଥିଲେ ଜଗତସିଂହପୁର ଜିଲ୍ଲା ସମେତ ସାରା ରାଜ୍ୟର ଉନ୍ନତି ହୋଇଥାନ୍ତା। ଏଭଳି ବହୁକୋଟି ଟଙ୍କାର ଏକ ପ୍ରକଳ୍ପ ପାଇଁ ଅନ୍ୟ ଦେଶର ଶିଳ୍ପପତିଙ୍କୁ ଡାକିଆଣିବା ଓ ସରକାରଙ୍କ ପ୍ରସ୍ତାବରେ ସେମାନେ ରାଜି ହେବା ସହଜ କଥା ନୁହେଁ। କିନ୍ତୁ ଏ କ୍ଷେତ୍ରରେ ଓଡ଼ିଶାର ନବୀନ ପଟ୍ଟନାୟକଙ୍କ ସରକାର ସଫଳ ହୋଇଥିଲେ ମଧ୍ୟ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁଁ ପୋସ୍କୋ ପ୍ରକଳ୍ପ ଆରମ୍ଭ ପୂର୍ବରୁ କାର୍ଯ୍ୟ ବନ୍ଦ ହୋଇଗଲା। ଜମି ଅଧିଗ୍ରହଣ ବେଳେ ସରକାର ଆନ୍ତରିକତା ଦେଖାଇଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳରେ କିଛି କୁଜିନେତା ପରିବେଶ, ଭିଟାମାଟି ତଥା ଜୀବନ ଜୀବିକା ହରାଇବା ପ୍ରସଙ୍ଗ ଆଳରେ ଲୋକଙ୍କୁ ମତାଇଲେ। ଲୋକେ ମଧ୍ୟ କିଛି ନବୁଝି ମାତିଲେ। ପରିଶେଷରେ ଏଇଆ ହେଲା ଯେ, ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ ହେବା ସତ୍ତ୍ୱେ ପୋସ୍କୋ ପ୍ରକଳ୍ପ ହୋଇପାରିଲା ନାହିଁ। ଏଥିରେ ବିରୋଧୀଙ୍କ ଚାଲ୍ କାମ କଲା। କିନ୍ତୁ କ୍ଷତି ହେଲା ଲୋକଙ୍କର। ଏହି ପ୍ରକଳ୍ପ ହୋଇଥିଲେ ଗୋଟିଏ ଜିଲ୍ଲାର ସାମଗ୍ରିକ ବିକାଶ ସହିତ ଅର୍ଥନୀତି ଓ ରୋଜଗାର ଯୋଗାଇବା କ୍ଷେତ୍ରରେ ଯେଉଁ ଆଶା ଦେଖାଦେଇଥିଲା ତାହା ଚୁରମାର ହୋଇଗଲା। ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ମଧ୍ୟ ଏଭଳି ସମସ୍ୟା ଉତ୍ପନ୍ନ ହେବା ଫଳରେ ତାହା ମଧ୍ୟ ସମ୍ଭବ ହୋଇପାରିଲାନି। ଏ ଦୁଇଟି ଘଟଣାରେ ଜନମତ ସରକାରଙ୍କ ବିରୋଧରେ ସୃଷ୍ଟି ହେବା ଫଳରେ ଆମ ରାଜ୍ୟରେ ପୁଞ୍ଜି ବିନିଯୋଗର ନକାରାତ୍ମକ ପରିବେଶ ସୃଷ୍ଟି ହେଲା। କୌଣସି ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବାକୁ ହେଲେ ସେଠାରେ କିଛି କିଛି ସମସ୍ୟା ଦେଖାଦେଇଥାଏ। ଏହାରି ମଧ୍ୟରେ ବିସ୍ଥାପନ, ପରିବେଶ ଓ ଲୋକଙ୍କ ପାରମ୍ପରିକ ଚଳଣୀରେ ସମସ୍ୟା ଦେଖାଦେବା ସ୍ୱାଭାବିକ। ଏସବୁ ଭରଣା କରିବା ଦାୟିତ୍ୱ ସରକାରଙ୍କର ଥିଲେ ବି ଲୋକଙ୍କୁ ଅସଲ କଥା ନକହି ରାଜନୀତି ନାଁରେ ସେମାନଙ୍କ ମନରେ ବିଷ ଭରିଦିଆଯାଏ। ଫଳରେ ଭବିଷ୍ୟତରେ ହେବାକୁ ଥିବା ଲାଭ ସମ୍ପର୍କରେ ଲୋକେ ଆଉ ଚିନ୍ତା କରିବାର ସମୟ ନପାଇ ଆନ୍ଦୋଳନ ବେଳର ସାମାନ୍ୟ ସ୍ୱାର୍ଥରେ ମଜି ରହନ୍ତି। ସମ୍ପ୍ରତି ଚିଲିକାରେ ସି' ଏରୋଡ୍ରମକୁ ନେଇ ଏଭଳି କିଛି ସମସ୍ୟା ଦେଖାଦେଇଛି। ରାଜ୍ୟରେ ବିଜେଡି ସରକାର ଓ କେନ୍ଦ୍ରରେ ଏନ୍‌ଡିଏ। ତେଣୁ ଉଭୟଙ୍କ ମଧ୍ୟରେ ସମନ୍ୱୟ ନହେଲେ ଏହି କାର୍ଯ୍ୟ ଏତେ ସହଜରେ ହେଲା ଭଳି ଲାଗୁ ନାହିଁ। ତେଣୁ ପ୍ରକଳ୍ପ ବିରୋଧରେ ଜନମତ ଆସିବା ଆଗରୁ ନେତାମାନେ ନିଜ ଭିତରେ ଯେଭଳି କଳି ଆରମ୍ଭ କରିଛନ୍ତି ତାହା ଲୋକଙ୍କ ସ୍ୱାର୍ଥ ସପକ୍ଷରେ ବା ବିପକ୍ଷରେ ସେ ନେଇ ଜନମତ ଆସୁ।

ସମ୍ପାଦକୀୟ
ତାରକ ମହାନ୍ତି



ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬ ,ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବାଜପେୟୀ, ବିଜେଡି ଓ ନବୀନ ବାବୁ



ଡାକ୍ତର ନୀଳମାଧବ ପୃଷ୍ଟି

'ଠନ୍ ଗୟି ମୌତ ସେ ଠନ୍ ଗୟି। ଜୁଝ୍‌ନେ କା ମେରା ଇରାଦା ନ ଥା, ମୋଡ଼ ପର ମିଲେଙ୍ଗେ ଇସ୍‌କା ୱାଦା ନ ଥା, ରସ୍ତା ରୋକ କର୍ ୱହ୍ ଖଡ଼ୀ ହୋ ଗୟି ୟୁଁ ଲଗା ଜୈସେ ଜିନ୍ଦେଗୀ ସେ ବଡ଼ୀ ହୋ ଗୟି।' ମୃତ୍ୟୁ ସହ ହାତାହାତିର ଅଭିପ୍ରାୟ ନରଖି, ରାସ୍ତା ଓଗାଳି ଛିଡ଼ା ହୋଇଗଲା ଜୀବନର ସବୁ ଶୂନ୍ୟତା। ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ ଧରି ଦେଶର ରାଜନୀତି ଓ କୂଟନୀତି ଜଗତ ତଥା ନୈତିକତାର ସୂର୍ଯ୍ୟ ଭାବେ ଏହି କିମ୍ବଦନ୍ତୀ ଅଜାତଶତ୍ରୁ ଅଟଳ ବିହାରୀ ବାଜପେୟୀଙ୍କ ମହାପ୍ରୟାଣ ସହ ଏକ ଯୁଗର ଅବସାନ ଘଟିଲା। ଭାରତୀୟ ସଂସଦୀୟ ଗଣତନ୍ତ୍ରରେ ଲୋକତନ୍ତ୍ରର ପରମ ପୂଜାରୀ ଏକ ଧାଡ଼ିରେ ଲେଖିଥିଲେ - 'କ୍ଷମତାର ଖେଳ ତ ଚାଲିବ, ସରକାର ଆସିବ ଆଉ ଯିବ, ଦଳ ଗଢ଼ା ହେବ ଆଉ ଭାଙ୍ଗିବ। ଏ ଦେଶ ଗୁରୁତ୍ୱପୂର୍ଣ୍ଣ, ଲୋକତନ୍ତ୍ର ଅମର ରହିବା ଜରୁରୀ...'। ସଂକୀର୍ଣ୍ଣ ରାଜନୀତିର ଊର୍ଦ୍ଧ୍ୱକୁ ଉଡି ଏହି ଜନପ୍ରିୟ ପ୍ରଧାନମନ୍ତ୍ରୀ ଦଳମତ ନିର୍ବିଶେଷରେ ବିବିଧତା ଭରା ଭାରତର ସବୁ ରାଷ୍ଟ୍ରନେତାଙ୍କ ହୃଦୟରେ ସେ ଯେଉଁ ସ୍ୱତନ୍ତ୍ର ବନ୍ଧୁତା ଅତୁଟ ରଖିଥିଲେ ତାହାର ଅନ୍ତଃ ଘଟିଲା।

ଓଡ଼ିଶାକୁ ନିଜ ହୃଦୟରେ ସ୍ୱତନ୍ତ୍ର ଭଲ ପାଇବାର ଶ୍ରଦ୍ଧା ଓ ମମତା ଅତୁଟ ରଖିବା ସହ ଓଡ଼ିଶାବାସୀଙ୍କୁ ସେ ବେଶ ଭଲପାଉଥିଲେ। ଅନେକ ହୁଏତ ଜାଣିନଥିବେ ଓଡ଼ିଶାର ବିଜେଡ଼ି ଦଳ ଓ ନବୀନ ବାବୁଙ୍କୁ ସେ ଏପରି ଭଲପାଉଥିଲେ ଯେ ଦଳର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ହିମାଳୟ ସଦୃଶ ଭାବେ ଲୌହ ପୁରୁଷ ହୋଇ ନବୀନ ବାବୁଙ୍କ ପଛରେ ଥିଲେ। ୨୦୦୨ରେ ଦିଲ୍ଲୀ ପ୍ରାୟ ଦଳ ବିରୁଦ୍ଧରେ ଯାଇ ରାଜ୍ୟସଭାକୁ ନିର୍ବାଚିତ ହେଲେ। ଏପରି ଏକ ସଙ୍କଟଜନକ ମୁହୂର୍ତ୍ତରେ ନୂଆ ନୂଆ ଗଢ଼ା ହୋଇଥିବା ବିଜେଡ଼ି ସଂସଦୀୟ ଦଳରେ ଗୋଷ୍ଠୀ କନ୍ଦଳ ବିଭାଜନ ମୁହାଁ ଆଡ଼କୁ ଚାଲିଥାଏ। କେବଳ ସେତିକି ନୁହେଁ ସେ ସମୟରେ ଅସନ୍ତୁଷ୍ଟ ବିଜେଡ଼ିର ଏକ ଗୋଷ୍ଠୀ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ନିଜ ନେତା ଭାବେ ନିର୍ବାଚିତ କରିସାରିଥାନ୍ତି। ନିଜ ବନ୍ଧୁ ବିଜୁବାବୁଙ୍କ ପୁଅ ନବୀନ ବାବୁଙ୍କୁ ସେ ନିଜ ପୁତ୍ରବତ୍ ସ୍ନେହ କରିବା ସହ ତାଙ୍କ ରାଜନୈତିକ କ୍ୟାରିୟରକୁ ସତେ ଯେପରି କଣ୍ଟକବିହୀନ କରି ସୁରକ୍ଷିତ ରଖିବାର ପଣ ନେଇଥିଲେ ନିଜ ଘନିଷ୍ଠ ବନ୍ଧୁ ଲାଲକୃଷ୍ଣ ଆଡ଼ଭାନୀଙ୍କ ସହ। ୧୯୯୭ରେ ବିଜୁବାବୁଙ୍କ ଦେହାବସାନ ପରେ ବିଜେଡ଼ି ଗଠନ ହୋଇଥିଲା। ବାଜପେୟୀ ଜୀ ନିଜ ଅନ୍ତରଙ୍ଗ ଓ ଅନୁଗତ ତତ୍କାଳୀନ ବିଜେପିର ସଙ୍କଟମୋଚକ ଭାବେ ପରିଚିତ ପ୍ରମୋଦ ମହାଜନଙ୍କ ଦ୍ୱାରା ନବଗଠିତ ବିଜେଡ଼ି ଓ ନବୀନ ବାବୁଙ୍କ ବିଷୟରେ ସବୁ ଭଲମନ୍ଦ ବୁଝିଥିଲେ। ଓଡ଼ିଶାରେ ବିଜେଡ଼ି ବିଜେପି ମେଣ୍ଟ ଗଠନର ଏହି ଅନ୍ୟତମ ବିନ୍ଧାଣୀ ବାଜପେୟୀ ଜୀ ସର୍ବପ୍ରଥମେ ନିଜେ ହିଁ ଘୋଷଣା କରିଥିଲେ। ଓଡ଼ିଶା ରାଜନୀତିର ଡୋର ଧରିବା ପୂର୍ବରୁ ନବୀନ ବାବୁ ବାଜପେୟୀଙ୍କ ମନ୍ତ୍ରୀମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଇସ୍ପାତ ଓ ଖଣିଜ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

ତତ୍କାଳୀନ ପ୍ରଧାନମନ୍ତ୍ରୀ ନେହରୁଙ୍କ ଯେଉଁ ଦୁଇଜଣ ଯୁବରାଜନୀତିଜ୍ଞ ଅତୁଟ ଭଲପାଇବା ପାଇଥିଲେ ସେ ଦୁଇଜଣ ଥିଲେ କଳିଙ୍ଗବୀର ବିଜୁପଟ୍ଟନାୟକ ଓ କିମ୍ବଦନ୍ତୀ ରାଜନେତା ଅଟଳ ବିହାରୀ ବାଜପେୟୀ। ନୂଆଦିଲ୍ଲୀରେ କେନ୍ଦ୍ର ରାଜନୀତି ହେଉ ବା ଓଡ଼ିଶା ରାଜନୀତି ଅନେକ ଘଟଣା ଓ ପ୍ରସଙ୍ଗରେ ଏହି ଦୁଇଜଣ ଗୋଟିଏ ଆଲୋଚନାରେ ବସୁଥିଲେ। ଓଡ଼ିଶାବାସୀଙ୍କୁ ବାଜପେୟୀଙ୍କ ଅତୁଟ ଶ୍ରଦ୍ଧାର ନିଦର୍ଶନ ଥିଲା ୨୦୦୪ ମେ ୨୪ ତାରିଖରେ ଭାରତୀୟ ତୈଳ ବିଶୋଧନାଗାର ପ୍ରକଳ୍ପର ପ୍ରତିଷ୍ଠା। ସେହିପରି ପରେ ଓଡ଼ିଶାର ରାଜପଥ ନବେକଳେବର ନିମିତ୍ତ ତାଙ୍କ ସ୍ୱର୍ଣ୍ଣ ଚର୍ତୁଭୁଜ ସଡ଼କ ଯୋଜନାରେ ବାଲେଶ୍ୱରରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଚାରିଶହ କିଲୋମିଟର ଜାତୀୟ ରାଜପଥର ବିକାଶ ଓ ଓଡ଼ିଶାକୁ ଭାରତର ପ୍ରମୁଖ ମେଟ୍ରୋ ସହର ମୁମ୍ବାଇ, ଦିଲ୍ଲୀ, କୋଲକାତା, ଚେନ୍ନାଇ ସହ ସଂଯୋଗୀକରଣ ତାଙ୍କ ଭୂମିକା ଅବିସ୍ମରଣୀୟ। ୨୦୦୩ ଜୁଲାଇ ୧୫ରେ ଭୁବନେଶ୍ୱର ସନ୍ନିକଟ ସିଜୁଆ ଠାରେ ଏହାର ଉଦ୍‌ଘାଟନ ହୋଇଥିଲା। ୧୯୯୯ ଭୟାବହ ମହାବାତ୍ୟା ବିପର୍ଯ୍ୟୟ ସମୟରେ ଓଡ଼ିଶାବାସୀଙ୍କୁ ସହଯୋଗର ହାତ ବଢ଼ାଇ ଏକ ହଜାର କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। କେବଳ ସେତିକି ନୁହେଁ ତାଙ୍କ ମନ୍ତ୍ରୀ ମଣ୍ଡଳରେ ରାଜ୍ୟରୁ ସର୍ବକାଳୀନ ପାଞ୍ଚ ଜଣ କ୍ୟାବିନେଟ ସହଯୋଗୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଝାରସୁଗୁଡ଼ାର ବିମାନ ବନ୍ଦର ଏବଂ ଭୁବନେଶ୍ୱର ଠାରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇନ୍‌ଫର୍ମେସନ ଏଣ୍ଡ ଟେକ୍‌ନୋଲୋଜି ଭଳି ସର୍ବଭାରତୀୟ ଶିକ୍ଷା ଅନୁଷ୍ଠାନ ସ୍ଥାପନ। ଓଡ଼ିଶାକୁ ଦାରିଦ୍ର୍ୟମୁକ୍ତ ରାଜ୍ୟ ନିମନ୍ତେ ତାଙ୍କର ସାତସୂତ୍ରୀ ପ୍ରକଳ୍ପ ଓ ସର୍ବପ୍ରଥମେ ନିଜ ମନ୍ତ୍ରୀମଣ୍ଡଳରେ ଆଦିବାସୀ ଉନ୍ନୟନ ମନ୍ତ୍ରାଣଳୟ ଖୋଲିବା ସହ ନିଜର କ୍ୟାବିନେଟ ସହଯୋଗୀ ଜୁଏଲ୍ ଓରାମ୍‌ଙ୍କୁ ଏହି ଦାୟିତ୍ୱ ଦେଇଥିଲେ। ହେଲେ ଅନ୍ୟଏକ ଦୁର୍ଭାଗ୍ୟ ମଧ୍ୟ ତାଙ୍କର ଏହି ଓଡ଼ିଶା ସହ ଜଡ଼ିତ ହୋଇ ରହିଗଲା ତାହା ହେଉଛି ୧୯୯୯ରେ ବାଜପେୟୀଙ୍କ ସରକାର ସଂସଦରେ ଆସ୍ଥା ଭୋଟକୁ ସାମ୍ନା କରୁଥିବାବେଳେ ସେ ସମୟରେ ଲୋକସଭା ସଦସ୍ୟ ଥାଇ ମଧ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିବା ଗିରିଧର ଗମାଙ୍ଗୋ ଆସ୍ଥା ଭୋଟ ବିରୁଦ୍ଧରେ ଭୋଟ ଦେବା ଯୋଗୁଁ ଏହି ଏକମାତ୍ର ଗୋଟିଏ ଭୋଟ ହିଁ ବାଜପେୟୀ ସରକାରର ପତନ ଘଟିଥିଲା। ତେବେ ଅବିଶ୍ୱସନୀୟ ସଂଯୋଗ ହେଉଛି ବାଜପେୟୀଙ୍କ ପତନ ଘଟାଇଥିବା ଏହି ଗିରିଧର ଗମାଙ୍ଗୋ ବାଜପେୟୀଙ୍କ ହାତଗଢ଼ା ବିଜେପିରେ ଯୋଗ ଦେଇ କର୍ମକର୍ତ୍ତା ରହିଛନ୍ତି। ଆଜି ନବୀନ ବାବୁଙ୍କ ବିଜେଡ଼ି ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳ ଭାବେ ସର୍ବଭାରତୀୟ ସ୍ତରରେ ନିଜ ସ୍ୱତନ୍ତ୍ରତା ସୃଷ୍ଟି କରିପାରିଥିବାବେଳେ ବାଜପେୟୀଙ୍କ ଅନୁଗତ ଆଜିର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରଙ୍କୁ ନବୀନ ବାବୁଙ୍କ ବିଜେଡ଼ିର ସହଯୋଗ ଲୋଡ଼ା ପଡୁଛି। ଏହା ହିଁ ହେଉଛି କାଳର ସବୁଠାରୁ ବଡ଼ ବିଚିତ୍ରତା। ବାଜପେୟୀଙ୍କ ସରକାରରେ ନବୀନ ବାବୁଙ୍କ ପ୍ରଥମ କ୍ୟାବିନେଟ ଦାୟିତ୍ୱ ତାଙ୍କ ପାଇଁ ଯେପରି ଏକ ଶିକ୍ଷାନବିଶ କ୍ଷେତ୍ର ଥିଲା ଆଉ ରାଜନୀତି ହେଉ ବା ପ୍ରଶାସନ ଏହି କିମ୍ବଦନ୍ତୀ ପୁରୁଷ ବାଜପେୟୀ ଥିଲେ ନବୀନ ବାବୁଙ୍କ ପିତୃତୁଲ୍ୟ ପ୍ରଶିକ୍ଷକ। ଆଜି କେବଳ ବିଜେପି ଦଳ ନୁହେଁ ଭାରତୀୟ ରାଜନୀତିର ଏହି ଅମର କୀର୍ତ୍ତି ପୁରୁଷଙ୍କ ମହାପ୍ରୟାଣ ସହ ଏକ ଯୁଗର ଅନ୍ତ ଘଟିଲା। ତାଙ୍କ ମହାନ ଆତ୍ମା ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ତାଙ୍କରି କବିତାରେ ହିଁ ଶେଷ କରୁଛି - 'ଟୁଟେ ହୁଏ ସପନେ କି ସୁନେ କୌନ୍ ସିସ୍‌କୀ, ଅନ୍ତର କୋ ଚିର୍ ବ୍ୟଥା ପଲ୍‌କୋଁ ପର୍ ଠିକ୍‌ତି ହାର୍ ନେହିଁ ମାନୁଙ୍ଗା, ରାର୍ ନେହିଁ ଠାନୁଙ୍ଗା କାଲ୍ କେ କପାଲ୍ ପର୍ ଲିଖ୍‌ତା - ମିଟାତା ହୁଁ ଗୀତ୍ ନୟା ଗାତା ହୁଁ....'।



*ପାଣିକୋଇଲି, ଯାଜପୁର,*
*ମୋ : ୯୪୩୯୪୮୨୫୨୬*

# ସ୍ୱାଧୀନତାର ଅନୁଚିନ୍ତା ମୁକ୍ତିର ମାଧୁର୍ଯ୍ୟ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

**ଆ**ଜିର ଦିନଟି ଦୁଇଟି ଦୃଷ୍ଟିରୁ ଆମ ପାଇଁ ଅତ୍ୟନ୍ତ ଆନନ୍ଦର ଦିନ। ପ୍ରଥମତଃ ଆଜି ସାରା ଦେଶରେ ପାଳିତ ହେଉଛି ୭୨ତମ ସ୍ୱାଧୀନତା ଦିବସ। ପ୍ରଥମେ ସ୍ୱାଧୀନତା ଦିବସ ସମ୍ବନ୍ଧରେ। ସାରା ବିଶ୍ୱରେ ଆମ ଦେଶ ଭାରତର ମୁଖ୍ୟତଃ ଦୁଇଗୋଟି ଏକ ସ୍ୱତନ୍ତ୍ର ପରିଚିତି ରହିଛି। ତାହା ହେଉଛି ଶକ୍ତିଶାଳୀ ବ୍ରିଟିଶ ସରକାର ବିରୁଦ୍ଧରେ ଅହିଂସାର ମାର୍ଗ ଅନୁସରଣ କରି ସ୍ୱାଧୀନତା ହାସଲ କରିବା ଏବଂ ବିବିଧତା ଭିତରେ ଏକତା। ଜାତିର ପିତା ମହାତ୍ମା ଗାନ୍ଧୀ ତଥା ଦେଶର କିଛି ଜନନାୟକଙ୍କ ନେତୃତ୍ୱରେ ଅହିଂସା ମାର୍ଗରେ ପରିଚାଳିତ ହୋଇ ଦେଶର ଜନସାଧାରଣ ଆଜିକୁ ୭୨ବର୍ଷ ତଳେ ହାସଲ କରିଥିଲେ ସ୍ୱାଧୀନତା। ଆଉ ସ୍ୱାଧୀନ ହେବା ପରେ ଖୁବ୍ ଆନନ୍ଦରେ ଗାଇ ଉଠିଥିଲେ - ଆମରି ନାଆର ଆମେ ନାଉରୀ / ଆମେ ଚଳାଉଛୁ ଦେଶ ଆମରି। ଦେଶ ଚଳାଇଲେ ଆମରି ଭାରତୀୟ ନେତାମାନେ। ବିଗତ ୭୧ବର୍ଷ ଭିତରେ ଦେଶରେ ଘଟିଯାଇଛି ଅନେକ ଘଟଣା ଦୁର୍ଘଟଣା; ଉଲ୍ଲେଖନୀୟ ଭାବରେ ବଦଳି ଯାଇଛି ସବୁ କ୍ଷେତ୍ରର ପରିସଂଖ୍ୟାନ ତାହା ପୁଣି ଦ୍ରୁତ ବେଗରେ। ଆଜିର ଏଇ ସ୍ୱାଧୀନତା ଦିବସ ଅବସରରେ ସେ ସବୁ ଉପରେ ପୁଣିଥରେ ଆଖି ପହଁରାଇ ଆଣିବାର ପ୍ରାସଙ୍ଗିକତା ରହିଛି ବୋଲି ଆମେ ମନେକରୁ। ପ୍ରଥମେ ଦେଶ ବିଭକ୍ତ ହୋଇଯାଇଛି ଦୁଇ ଭାଗରେ - ଭାରତ ଓ ପାକିସ୍ତାନ ନାମକ ଦୁଇଟି ରାଷ୍ଟ୍ରରେ। ତା'ପରେ ଗଣତାନ୍ତ୍ରିକ ପଦ୍ଧତିକୁ ଆପଣାଇଥିବା ଆମ ଦେଶରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ନେତୃତ୍ୱରେ ଗଢ଼ିବାକୁ ଆରମ୍ଭ କରିଥିବା ପ୍ରଗତିର ରଥ ଏବେ ପ୍ରଗତି ପଥରେ ମାଡ଼ି ଚାଲିଛି। ବିକାଶ ନାଁରେ ଶିଳ୍ପ ପ୍ରତିଷ୍ଠାଠାରୁ ଆରମ୍ଭ କରି ବିଜ୍ଞାନ ଓ କାରିଗରୀ ବିଦ୍ୟାର ପ୍ରସାର, ନଦୀବନ୍ଧ ଯୋଜନା ଇତ୍ୟାଦିର କାର୍ଯ୍ୟାରମ୍ଭ ହୋଇଛି। ଫଳସ୍ୱରୂପ, ଆଜି ଆମ ଦେଶ ବିଶ୍ୱର ଅନ୍ୟତମ ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ବିବେଚିତ ହେବା ସହିତ ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ଅର୍ଜନ କରିପାରିଛି ଯଥେଷ୍ଟ ସୁନାମ। ଅର୍ଥନୀତି ଦୃଷ୍ଟିରୁ ଯଦିଓ ଦେଶ ଏବେ ବି କେତେକାଂଶରେ ବିଶ୍ୱର ବିକଶିତ ରାଷ୍ଟ୍ରମାନଙ୍କ ଠାରୁ ପଛରେ ରହିଛି, ତଥାପି ଏକ ଦ୍ରୁତ ବିକାଶଶୀଳ ଅର୍ଥନୀତି ଭାବରେ ଏହା ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇପାରିଛି।

ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସ୍ୱାଧୀନତା ପ୍ରସଙ୍ଗରେ ଅତ୍ୟନ୍ତ ଲଳିତ ମଧୁର କଣ୍ଠରେ କହିଲେ - ସ୍ୱାଧୀନତାର ମର୍ମ କେତେ ଲୋକ ବୁଝନ୍ତି ? ତାହା ଯିଏ ବୁଝେ ଓ କରେ ସେ ସପରିବେଶ ଜୀବନର ମାଧୁର୍ଯ୍ୟ ଉପଲବ୍ଧି କରିପାରେ। ସ୍ୱ ମାନେ ସେହି ଏକ ଓ ଅଦ୍ୱିତୀୟ ପରମ ସତ୍ତା ଯାହା ବହୁଧା ପ୍ରକଟ ହୋଇଅଛନ୍ତି ବିଶ୍ୱମୟ। ପରମସତ୍ତା ଓ ତନ୍ନିଃସୃତ ଯାବତୀୟ ସତ୍ତାର ଧାରଣ - ପୋଷଣରେ ଯେତେବେଳେ ଆମ୍ଭେମାନେ ରତ ରହୁ, ସେତେବେଳେ ହିଁ ଆମ୍ଭେମାନେ ସ୍ୱାଧୀନ। ସ୍ୱାଧୀନ ମାନେ - ନିଖିଳ-ପ୍ରିୟ ଯିଏ ତାଙ୍କ ଆଳୟରେ ପାରସ୍ପରିକ ପ୍ରୀତି ବିଧୃତ ଅବସ୍ଥାନ। ସେ ହିଁ ସ୍ୱାଧୀନ ଯିଏ ପ୍ରବୃତ୍ତି, ରିପୁ ବା ଅନ୍ୟ କାହାର ଦାସ ନୁହେଁ, ଯିଏ ଈଶ୍ୱରଙ୍କର ପ୍ରୀତି ଦାୟରେ ସ୍ୱେଚ୍ଛାରେ ସମସ୍ତଙ୍କର ସେବା-ସମ୍ପୋଷଣାର ସକ୍ରିୟ ଦାୟ-ଦାୟିତ୍ୱରେ ନିଜକୁ ଆବଦ୍ଧ ରଖେ। ଏହି ସ୍ୱାଧୀନତାର ସ୍ୱାଦ ଯିଏ ପାଇଛି ସେ ଜଗତର ସମସ୍ତଙ୍କୁ ତାହା ନ ବାଣ୍ଟି ରହିପାରେନାହିଁ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଦୃଢ଼ ଚିତ୍ତରେ ପ୍ରକାଶ କଲେ - ଆତ୍ମିକ ମୁକ୍ତି ଓ ଐଶ୍ୱର୍ଯ୍ୟ ଜାଗତିକ ସର୍ବବିଧ ମୁକ୍ତି ଓ ଐଶ୍ୱର୍ଯ୍ୟକୁ ବାଦ ଦେଇ ନୁହେଁ, ପୁଣି ଜାଗତିକ ମୁକ୍ତି ଓ ଐଶ୍ୱର୍ଯ୍ୟ ଆତ୍ମିକ ମୁକ୍ତି ଓ ଐଶ୍ୱର୍ଯ୍ୟକୁ ବାଦ ଦେଇ ସ୍ଥାୟୀ, ସାର୍ଥକ ଓ କ୍ରମୋର୍ଦ୍ଧ୍ୱଗତିସମ୍ପନ୍ନ ହୁଏନାହିଁ। ପ୍ରବୃତ୍ତିଲିପ୍‌ସାର ଚକ୍ରରେ ପଡ଼ି ଦିନକୁ ଦିନ ଅଧୋଗତିକୁ ଆମନ୍ତ୍ରଣ କରେ। ପୁନର୍ବାର ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଶ୍ଚୟାତ୍ମକ ଭଙ୍ଗୀରେ ପ୍ରକାଶ କଲେ - ମାଆ-ବାପା, ଭାଇ-ଭଉଣୀ, ସ୍ତ୍ରୀ-ପୁତ୍ର, ଆତ୍ମୀୟ-ସ୍ୱଜନ, କୁଟୁମ୍ବ-ବନ୍ଧୁବାନ୍ଧବ, ପାରିପାର୍ଶ୍ୱିକ-ପରିସ୍ଥିତି, ଦେଶ-ବିଦେଶ ଇତ୍ୟାଦି ଭିତରେ ଯେତେବେଳେ ବାସ୍ତବ ଭାବରେ ଦେବା-ନେବା ଭିତର ଦେଇ ସକ୍ରିୟ ସହାନୁଭୂତି ଓ ସହଯୋଗିତାରେ ପାରସ୍ପରିକ ସଙ୍ଗଠନ ସୃଷ୍ଟି ହୁଏ, ମନୁଷ୍ୟ ଆଦର୍ଶ ପରିପୂରଣୀ, କର୍ମଠ ଓ ଅର୍ଜ୍ଜୀ ହୋଇଉଠେ, ପ୍ରତ୍ୟେକଙ୍କର ପୂରଣ, ପୋଷଣ, ରକ୍ଷଣ ଓ ଅଶିଷ୍ଟ ଦମନରେ - ସ୍ୱାଧୀନତା ସେତେବେଳେ ହିଁ ସତ୍ୟକାର ରୂପ ନିଏ - ଆଉ ତାହା ଉଚ୍ଛଳ ଉନ୍ନତିରେ ଆଗେଇ ଚାଲେ - ଏହାର ତାତ୍ପର୍ଯ୍ୟ ହିଁ ଏହିଠାରେ, ଆଉ ଭାରତରେ ଚନ୍ଦ୍ରଗୁପ୍ତ, ଧର୍ମାଶୋକ, ସମୁଦ୍ରଗୁପ୍ତ ଓ ବିକ୍ରମାଦିତ୍ୟ ଥିଲେ ଏହି ସ୍ୱାଧୀନତାର ବାସ୍ତବ ପରିଣୟନୀ ସିଦ୍ଧପୁରୁଷ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପୁନର୍ବାର ପ୍ରକାଶ କଲେ - ବୈଶିଷ୍ଟ୍ୟପାଳୀ ଆପୂରୟମାଣ ଆଦର୍ଶକୁ କେନ୍ଦ୍ର କରି ଦେଶର ଜନସାଧାରଣ ଯେତେବେଳେ ପରସ୍ପରର ସତ୍ତା-ସ୍ୱାର୍ଥେ ସ୍ୱାର୍ଥନ୍ୱିତ ହୋଇ ସ୍ୱ-ସ୍ୱ-ବୈଶିଷ୍ଟ୍ୟାନୁଯାୟୀ ପରସ୍ପରକୁ ପରିପୂରଣ, ସେବା ଓ ସଂରକ୍ଷଣ କରିଚାଲନ୍ତି, ସେତେବେଳେ ହିଁ ଦେଶରେ ଆସେ ପ୍ରକୃତ ସ୍ୱାଧୀନତା। ପ୍ରତ୍ୟେକ ଯଦି ପ୍ରତ୍ୟେକଙ୍କର ପାଳକ ଓ ପୋଷକ ହୋଇଉଠନ୍ତି ସ୍ୱ-ସ୍ୱ-ବୈଶିଷ୍ଟ୍ୟାନୁଯାୟୀ, ଅସତ୍‌ନିରୋଧୀ ଶାସକ ପାରସ୍ପରିକ ଭାବରେ ହୋଇଉଠନ୍ତି, ସେତେବେଳେ ପ୍ରତ୍ୟେକଙ୍କର ସତ୍ତା ବୃଦ୍ଧି ପଥରେ ଉଦାତ୍ତ ହୋଇ ଆଗେଇ ଚାଲେ। ଏହି ପରିସ୍ଥିତିରେ ସ୍ୱାଧୀନତା ସ୍ୱତଃ ହୋଇଉଠେ। ଜନସାଧାରଣଙ୍କର ଏହି ଚରିତ୍ର ଓ ପ୍ରବଣତା ହିଁ ସ୍ୱାଧୀନତାର ସୁବର୍ଣ୍ଣ ସ୍ତମ୍ଭ। ଏହି ପ୍ରସଙ୍ଗରେ ନୋବେଲ ବିଜେତା ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଗାଇ ଉଠିଲେ - କେବେ ପ୍ରାଣ ଖୋଲି କହି ମୁଁ ପାରିବି, ପାଇଛି ମୋର ଶେଷ। ତୁମ୍ଭେ ସଭିଏଁ ଆସ ମୋ ପଛେ, ଗୁରୁ ତୁମ ସଭିଙ୍କୁ ଡାକିଛେ, ମୋର ଜୀବନେ ଲଭଇ ଜୀବନ, ଜାଗରେ ସକଳ ଦେଶ।

*ସହ-ପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର*
*ଭଞ୍ଜ ମେଡ଼ିକାଲ କଲେଜ, କଟକ*
*ମୋ : ୯୪୩୭୦୫୧୯୫୭*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୧୮

**"ଶୁଣିଣ ଗୋବିନ୍ଦ ବୋଲନ୍ତି ବଚନ**
**ଶୁଣ ତୁମ୍ଭେ ଆଗୋ ରାଣୀ।**
**ଆଜିଯାଏ ତୁମ୍ଭେ ଭାର୍ଯ୍ୟା ରୂପେ ଥିଲ**
**ଏବେ ହୋଇଲ ଜନନୀ ॥"**

ଗୁରୁଙ୍କ ନିର୍ଦ୍ଦେଶରେ ଗୋବିନ୍ଦ ଯୋଗୀବେଶ ଧାରଣ କରି ସୂର୍ଯ୍ୟୋଦୟକୁ ପ୍ରତୀକ୍ଷା କଲେ। ରାତ୍ର ପାହନ୍ତେ ବାଳସୂର୍ଯ୍ୟଙ୍କୁ ଦର୍ଶନ କରି ସାଷ୍ଟାଙ୍ଗେ ପ୍ରଣାମ ଜଣାଇଲେ। ଗୁରୁଙ୍କୁ ପ୍ରଣିପାତ କରି କଲ୍ୟାଣ ମାଗିଲେ। ଶ୍ରୀହରିଙ୍କ ପୟରରେ ଧ୍ୟାନ ଲଗାଇ ଅମରପଥରେ ଶୁଭଯାତ୍ରା ଆରମ୍ଭ କଲେ। ନଗରରେ ପ୍ରବେଶ କରି ଦେଖିଲେ ରାଜନଅର ସମ୍ମୁଖ ସିଂହଦ୍ୱାରରେ ଫଳନ୍ତା କଦଳୀବୃକ୍ଷ, ଆମ୍ବଡାଳ, ନାନାରଙ୍ଗର ଫୁଲ, ପୂର୍ଣ୍ଣକୁମ୍ଭରେ ସଜ୍ଜିତ ହୋଇଛି। ବ୍ରାହ୍ମଣମାନେ ସାମବେଦ ପାଠ କରୁଛନ୍ତି। ନାୟକର ଢୋଲ ମହୁରୀ ବାଦ୍ୟରେ ପରିବେଶ ଉଚ୍ଛୁଳି ପଡୁଛି। ଶାନ୍ତ ସ୍ନିଗ୍ଧ ପରିବେଶ ଐଶ୍ୱରୀକ ବାତାବରଣ ସୃଷ୍ଟି କରିଛି। ଗୋବିନ୍ଦ କେଉଁ ଦିଗକୁ ନଜର ନ ଦେଇ ସିଧା ଯାଇଁ ସିଂହଦ୍ୱାରରେ ଦଣ୍ଡାୟମାନ ହେଲେ। ମାତା, ଯୁବାରାଣୀମାନଙ୍କ ସହିତେ ନବରବାସୀ ସେଠାରେ ପ୍ରତୀକ୍ଷା କରିଥିଲେ। ଗୋବିନ୍ଦ ସିଂହଦ୍ୱାର ମୁହଁରେ ପହଞ୍ଚିବା କ୍ଷଣି ଉପସ୍ଥିତ ନବରବାସୀଙ୍କ ଭିତରେ ନିରବତା ଛାଇଗଲା। ସଭିଙ୍କ ଚକ୍ଷୁରୁ ଅଶ୍ରୁଧାର ବହୁଥିଲା! ଲାଉତୁମ୍ବ ବେନି ହସ୍ତରେ ଧରି ବିକଳ ନାଦରେ ଗୋବିନ୍ଦ ତିନିଥର ଡାକିଲେ- ଭିକ୍ଷାଦେହିଂ ମା, ଭିକ୍ଷାଦେହିଂ ମା, ଭିକ୍ଷାଦେହିଂ ମା! ପୁତ୍ରର ଆର୍ତ୍ତ ଡାକରେ ସତେ ଯେପରି ଶୁଷ୍କତରୁ ପଲ୍ଲବିତ ହୋଇ ଉଠିଲା! ମୁକ୍ତାଦେଈ ଶିବପାର୍ବତୀଙ୍କୁ ସ୍ମରଣ କରି ମନରେ କହିଲେ,ନିସ୍ତରିଲି,ନିସ୍ତରିଲି ପ୍ରଭୁ! ତୁମ୍ଭେ ଜୀବର ପରିତ୍ରାଣଦାତା! ଦୀର୍ଘଦିନ ଅନ୍ତେ ମନୋବାଞ୍ଛା ପୂରଣ କଲ ପ୍ରଭୁ! ତୁମ୍ଭଙ୍କୁ ଶତକୋଟି ନମସ୍କାର! ମୁକ୍ତାଦେଈ ଆନନ୍ଦାଶ୍ରୁ ବୁହାଇ ସୁବର୍ଣ୍ଣ ପାତ୍ରରେ ଭିକ୍ଷା ଧରି ଗୋବିନ୍ଦଙ୍କ ଲାଉତୁମ୍ବରେ ଢାଳି କହିଲେ,ହେ' ପୁତ୍ର ଏଇ ଭିକ୍ଷାମୁଠି ତୋତେ ଅମରତ୍ୱ ପଥରେ ବାହି ନେଉ! ଯାଅ ପୁତ୍ର, ଯମଦଣ୍ଡକୁ ଅତିକ୍ରମ କରି ମୁକ୍ତବିହଙ୍ଗ ଭଳି ଅନନ୍ତ ଆକାଶରେ ଉଡ଼ି ବୁଲ!

ଏହି ସମୟରେ ଯୁବାରାଣୀମାନେ ଗୋବିନ୍ଦଙ୍କୁ ଘେରି ଯାଇ ଉଚ୍ଚସ୍ୱରରେ କ୍ରନ୍ଦନ କରିବାକୁ ଲାଗିଲେ। ସୌମ୍ୟ ଯୁବରାଜଙ୍କର ଦୀନହୀନ ବେଶ ଦେଖି କେତେକ ରାଣୀ ହାୟରେ ବିଧାତା କହି ସଞ୍ଜାହୀନ ହୋଇ ପଡ଼ିଲେ। ପାଟରାଣୀ ରୋଦମା କୋଦମା ଦ୍ୱୟ ଗୋବିନ୍ଦଙ୍କ ପାଦ ଧରି ଭୂମିରେ ଗଡ଼ିଲେ! କହିଲେ,ହେ'ସ୍ୱାମୀ,ବୟସର ପୂର୍ବାହ୍ନରେ ଆମ୍ଭଙ୍କୁ ଛାଡ଼ି କେଉଁ ଦେଶରେ ଯାଇଁ ରହିବ, କିପରି ବଞ୍ଚିବ ଆମ୍ଭଙ୍କୁ କହିଦିଅ! ନାରୀର ମନ କଥା ନାରୀ ବୁଝନ୍ତି। ଆମ୍ଭ ସହିତ ବୁଝା ଶୁଝା ନ କରି ରାତିକ ଭିତରେ ଯେଉଁ ଘୋର ପରିବର୍ତ୍ତନ ଘଟିଲା, ତାହାର ମୂଳରେ ରହିଛନ୍ତି ପୁତ୍ରହନ୍ତା ଶାଶୁ। ମନରେ କପଟ ବାନ୍ଧି ଆମ୍ଭ ଶାଶୁ ଏପରି ଦୁଃଖସାଗରରେ ବୁଡ଼ାଇଲେ। ତୁମ୍ଭେ ମାତା ପୁତ୍ର ଦୁହେଁ କଳ୍ପନା କରି ବିଚ୍ଛେଦରଲୀଳା ଘଟାଇଲ! ତୁମ୍ଭ ମୁଖ ନ ଦେଖି ଆମ୍ଭେ ସ୍ତ୍ରୀରିଗଣ କିପରି ଜୀବନ ଧରିବୁ? ଏଇ ଧନଦୌଲତ,ରାଜଭବନ ତୁମ୍ଭ ବିନୁ ସବୁ ତୁଚ୍ଛ ବୋଧ ହେଉଛି। ହେ'ସ୍ୱାମୀ, ଦୋଷ ତୁମ୍ଭର ନୁହେଁ। ଆମ୍ଭ କର୍ମମନ୍ଦରୁ କପାଳରେ ବିହି ଯାହା ଲେଖିଛି ତାହା ଘଟୁଛି। ତୁମ୍ଭେ ଯୁଆଡ଼େ ଯାଉଛ ଯାଅ,ଆମ୍ଭ ସ୍ତ୍ରୀରିମାନଙ୍କୁ ସଙ୍ଗରେ ନେଇ ଯାଅ। ଆମ୍ଭେ ତୁମ୍ଭ ତପ ଭଙ୍ଗ କରିବୁ ନାହିଁ। କେବଳ ସେବାରେ ବ୍ରତୀ ରହିବୁ। ସ୍ୱାମୀ ରାଜା ହେଉ ଅଥବା ଭିକାରୀ, ସ୍ୱାମୀର ସେବା କରିବା ପତ୍ନୀର ପରମ କର୍ତ୍ତବ୍ୟ। ସେ ପୁଣ୍ୟ ଅର୍ଜନ କର୍ମ ଆମ୍ଭଠାରୁ ଛଡ଼ାଇ ନିଅ ନାହିଁ ସ୍ୱାମୀ! ଆମ୍ଭ ବଚନ ରକ୍ଷା କରି ତୁମ୍ଭେ ରାଜ ସିଂହାସନକୁ ଫେରି ଆସ ନଚେତ୍ ଆମ୍ଭଙ୍କୁ ସଙ୍ଗରେ ନେଇ ଚାଲ।

ରାଣୀମାନଙ୍କ ବିକଳ କ୍ରନ୍ଦନର ରୋଳ ଓ ଅନୁନୟ ବିନୟ ବଚନ ଶ୍ରବଣ କରି ଗୋବିନ୍ଦ ମ୍ରିୟମାଣ ହୋଇ ପଡ଼ିଲେ। ସାନ୍ତ୍ୱନା ଦେଇ କହିଲେ,ତୁମ୍ଭେ ପତ୍ନୀଗଣ ଯାହା କହୁଛ ତାହା ଯୋଗର ବାଟ ନୁହେଁ। ତପସ୍ୱୀ ନିମନ୍ତେ ନାରୀମାୟା ଅଗ୍ନି ସଦୃଶ୍ୟ। ଏପରି ସାରହୀନ ତପରୁ ପାପ କରି ନର୍କ ଯନ୍ତ୍ରଣା ଭୋଗିବା ଛଡ଼ା ଅନ୍ୟ ଫଳ ମିଳିବ ନାହିଁ। ଆଜଯାଏଁ ତୁମ୍ଭେମାନେ ମାୟାଜଗତରେ ଭାର୍ଯ୍ୟା ଥିଲ। ଆଜ ଦିବସରୁ ଚିତ୍‌ଜଗତରେ ଜନନୀ ରୂପରେ ପୂଜ୍ୟା ନାରୀ ହେଲ! ଯୋଗମାୟା ହୋଇ ସ୍ତ୍ରୀ ରୂପରେ ଯାହାଙ୍କୁ ସ୍ୱାମୀ ଭାବ ଧରି ପାଇଥିଲ,ଏବେ ମହାମାୟା ରୂପରେ ପୁତ୍ର ଭଳି ଆଦରି ନିଅ! ମା'ର ହୃଦୟରେ ପୁତ୍ରକୁ କ୍ଷମା କରିଦିଅ! ଏତିକି ବେଳେ କୋଳାହଳ ଶୁଭିଲା। ରାଜ୍ୟର ପ୍ରଜାମାନେ ଏ ଖବର ପାଇ ସିଂହଦ୍ୱାରରେ ଆସି ରୁଣ୍ଡ ହେଲେ। ରାଜାଙ୍କର ଏ ଅବସ୍ଥା ଦେଖି ଦୁଃଖ ଓ କ୍ରୋଧରେ ଉତ୍ତେଜିତ ହୋଇ ପଡ଼ିଲେ। ହୋ-ହଲ୍ଲା ବଢ଼ି ଚାଲିଲା। କାନ୍ଦ ବୋବାରେ ନବର ଦାଣ୍ଡ ଉଚ୍ଛୁଳି ପଡ଼ିଲା। କେହି କେହି ପାଟି କରି କହିଲେ,ଆମ ରାଜାଙ୍କୁ ଯିଏ ଏପରି ଦୁଃଖ ଦେଇଛି,ତାକୁ ଧରି ଆଣି ସର୍ବସମ୍ମୁରେ ମୁଣ୍ଡ କାଟ କରି ଦିଅ। ଆଉ କେହି ମନ୍ତବ୍ୟ ଦେଲେ ଏଇ ଦୁର୍ଦ୍ଦିନ କାଳରେ ରାଜାଙ୍କୁ ଆମେ ସହାୟତା କରିବୁ। ଯେତେ ଅଧିକ କର ଚାହିଲେ ବି ଦେବୁ। ମାତ୍ର ଆମେ ରାଜାଙ୍କୁ ଛାଡ଼ିବୁ ନାହିଁ। ହରି ଓଁ ତତ୍‌ସତ୍!

*ଦୂରଭାଷ-୯୭୬୮୬୩୧୨୫୭*



ଉପନ୍ୟାସ

ଡ. ମୌସୁମୀ ପରିଡ଼ା

# ଅମୁହାଁ ଦେଉଳ

ଭାଗ-୪୬

ପାରୋ..ଏ ଅଲକ୍ଷଣି..କୁଆଡେ ମଲୁ କି? ଅନ୍ଧାର ହେଲାଣି ତୋତେ ଦିଶୁନି କି? ଲାଇଟ୍ ନ ଜଳାଇ ଖୁଂଟଟା ପରି କୋଉ ଘଇତା କଥା ଭାବୁଛୁ? ଆରେ ଏତେ ଅନ୍ଧାର କେମିତି ଆଜି । ବାପାଙ୍କ କଥା ଶୁଣି ତରବରରେ ଘରେ ସନ୍ଧ୍ୟା ଦେଇ ମନ୍ଦିରକୁ ବାହାରିଲା ସେ। ଆଳତୀ ସରିବାକୁ ବସିଛି! ଘଂଟଷ୍ଟଘଂଟା ଶବ୍ଦରେ ପୂରିଉଠୁଛି ସେ ଅଂଚଳ! ପାରୋର ଆଖିରୁ ଶ୍ରାବଣର ଧାରା ଅଜାଡି ହୋଇପଡିଲା। ଅସାର ମନେହେଲା ସବୁକିଛି ଆଜି। ଅଚେତ ହୋଇ ପଡିଯିବା ପୂର୍ବରୁ ଧରିନେଲା ହୃଷି..! ସାଷ୍ଟାମ କରିବାକୁ ପାଣି ଆଣି ଦେଲା ପିଇବାକୁ ଆଉ କିଛି ତା ମୁହଁରେ ସିଂଚିଲା।

ଭକ୍ତମାନେ ଅପସରି ଯାଉଥିଲେ ଘରକୁ। ଆଜିକାଲି ବାପା ତାକୁ ଦେଖିଲେ ହିଁ ଗାଳି ବର୍ଷଣ କରେ। ସେଥିପାଇଁ ତା ଆଖି ଆଗରୁ ଚାଲିଆସି ମନ୍ଦିରରେ ବସେ କିଛି ସମୟ। ଆଜି ଦେବା ଘରକୁ ଯାଇପାରିଲାନି ସଞ୍ଜଦେବାକୁ। ଅନ୍ୟମନସ୍କତାରେ ସବୁ ଭୁଲ୍ ହୋଇଗଲା। ଏମିତି ମନ୍ଦିର ବେଢାକୁ ଆଉଜି ବସିଥାଏ ପାରୋ। ମ୍ଲାନ ମୁହଁ..ଶୁଷ୍କ ଆଖି..ଯେମିତି ବଂଚିବାର ସ୍ୱପ୍ନ ଟିକେକ ଶୁଖିଆସିଲାଣି! ଦେବାର ଉପସ୍ଥିତିରେ ସେ ପୁଣି ପଲ୍ଲବିତ ହୋଇଉଠିବ। ସ୍ୱାଭାବିକ ହୋଇ ଅଜାଡି ହୋଇପଡିବ ଖୁସିରେ। ହୃଷି ପଚାରିଲା-କିଛି କହ ପାରୋ। ଏମିତି ଆତ୍ମହତ୍ୟା କରନା ଜାଣିଶୁଣି। ମନକଥା ଖୋଲିଦେ'। ମୁଁ ଶୁଣିବି ଆଉ କେହି ନଶୁଣୁ ପଛେ।

ବିକଳ ହୋଇ ସେ ଚାହିଁଲା। ତା ଭିତରୁ ଭାଷା ମରିଗଲାଣି ବୋଧେ। ଡବଡବ ହୋଇ ସେ ଅନେକ ବେଳଯାଏଁ ଚାହିଁଲା ଆକାଶକୁ,ମନ୍ଦିରକୁ,ଚାଲିଯାଉଥିବା ନନା, ଲାଇଟ୍ ଆଗରେ ଉଡୁଥିବା ପୋକ ଓ ହୃଷି ସମସ୍ତଙ୍କୁ। କିନ୍ତୁ ନିଜକୁ ଦେଖିପାରିଲାନି। କହିଲା-ମୋତେ ଜାଣିବାକୁ ଚାହୁଁ? ଚାଲ୍ ..ଯିବା।

କୋଉଠିକୁ? ହୃଷି ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲା।

ମୋ ଉପରେ ତୋ ବିଶ୍ୱାସ ଅଛି?

ନିଜଠୁ ବି ବେଶୀ। ଦୃଢତାର ସହିତ କହିଲା ହୃଷି।

ତେବେ ଚାଲ୍..ମୋ ସହିତ। ଯୋଉଠି ମୃତ୍ୟୁକୁ ଅପେକ୍ଷା କରିଥିବା ଗୋଟେ ଅସହାୟା ମାଆକୁ ମୁଁ କଥା ଦେଇଥିଲି ତା ପୁଅର ଖିଆଲ ରଖିବି। ତା ଉତରଦାୟିତ୍ୱ ମୁଁ ବହନ କରିବି। ତା ଅପୂରଣୀୟ ଇଚ୍ଛାକୁ ମୁଁ ପୂର୍ଣ୍ଣ କରିବି। କହି ସେ ଅଜାଣତରେ ହୃଷିର ହାତଧରି ଭିନ୍ନ ଆବେଗ କି ଆକ୍ରୋଶରେ ଚାଲିଥିଲା ଜାଣିପାରୁନଥିଲା ହୃଷି। ସେ ବୋଧେ ଜାଣି ପାରୁନଥିଲା ଯେ ହୃଷିକୁ ଟାଣିଟାଣି ନେଉଛି ବୋଲି! ଭାଗ୍ୟକୁ ରାସ୍ତାରେ ଲୋକ ନଥିଲେ। ହୃଷି ନିଜକୁ ଆବିଷ୍କାର କଲା ଦେବାର ଝଟିମାଟି ଘରେ। ଯେଉଁ ଘର ପାରୋ ପାଇଁ ତୀର୍ଥଠାରୁ ବି କମ୍ ନୁହେଁ। ଏଇଠି ସେ ଯୋଡି ହୋଇଛି ଦେବା ସହିତ! ସାଧନା ସ୍ଥଳୀ ଭଳି ଏଇଠି ସେ ଚାହିଁରହିଛି ମୁକ୍ତା ପରି ଲୁହମାନଙ୍କୁ ଆହୁତି ଦେଇ। ସତେଯେମିତି ଏଠି କେହି ରହୁଛି।

ପରିଷ୍କାର ପରିଚ୍ଛନ୍ନ ଘର। କିଛିଟା ପୁରୁଣା ଆସବାବ ପତ୍ରକୁ ଯତ୍ନର ସହିତ ରଖାହୋଇଛି। କିଛି ପୁରୁଣା ବହି..ସପ..କନ୍ଥା,ଦଉଡିଆ ଖଟ, ଚେୟାର, ଆଲଣାରେ ଝୁଲୁଥିବା ଛୋଟ ସାର୍ଟ ଓ ପ୍ୟାଂଟ୍ କେତୋଟି। କାନ୍ଥରେ ଝୁଲୁଥିଲା ଦେବାର ସ୍କୁଲ ବେଳର ପାସପୋର୍ଟ ସାଇଜର ଫଟୋ। ବୋଧେ ନୂଆ ଫ୍ରେମ୍‌ରେ ବନ୍ଧେଇ ହୋଇଛି ତା ଯିବା ପରେ। ଆଗପରି ବାସନ କୁସନ..ଗରା, ବାଲ୍ଟି,ଦୁଆରେ ବସା ହୋଇଥିବା ନଳକୂଅ..ସବୁ ସେମିତି ମହଜୁଦ୍ ଅଛି। ବେଖାପ୍ ଲାଗୁନି କିଛି। ଲାଗୁଛି ଏ ଘରୁ ଯେମିତି କେହି ଯାଇନାହାନ୍ତି କୁଆଡକୁ। ଯେ ଦେବାର ସ୍ମୃତିକୁ ବି ଏତେ ଆଦରରେ ସାଇତି ରଖିପାରେ ସେ ଦେବାକୁ କେତେ ଭଲପାଉଥିବ ତାର କଣ କିଛି ଉତର ଅଛି! ଯେ ଦେବାର ପିଲାଦିନର ସାର୍ଟ୍‌ପ୍ୟାଂଟକୁ ସଫା କରି ଆଜି ବି ତାରରେ ଶୁଖାଇ ଦେଉଛି ତାକୁ କଣ ତା ପ୍ରେମର ପ୍ରମାଣ ଦେବାକୁ ହେବ ନା ବିରତ କରାଯାଇପାରିବ। ଏସବୁ କେବଳ ତପସ୍ୟା ହୋଇପାରେ! ଖାଲି ଭଲ ପାଇବା ନୁହେଁ। ହୃଷି ଅବାକ୍ ହୋଇ ଚାହିଁଥିଲା..ପାରୋକୁ ଓ ଦେବାର ଘରକୁ।

ପାରୋ କବାଟ କଣ୍ଟୁ ନେଇଆସିଲା ଗୋଟେ ବସ୍ତା..! ତା ମୁହଁ ଖୋଲିଦେଲା ମାତ୍ରେ ଗଦା ହୋଇପଡିଲା ଛୋଟଛୋଟ ଅକ୍ଷରରେ ଲେଖାହୋଇଥିବା ଅସଂଖ୍ୟ ଚିଠି। ହୃଷି ଯନ୍ତ୍ରବତ୍ ସେସବୁକୁ ପଢିଲା..। ଆଖିରୁ ଲୁହମାନେ ଖସୁଥାନ୍ତି ଅମାନିଆଁ ଧାର ହୋଇ। ପାରୋର ଦୁଃଖ ତା ଭିତରକୁ ସଂକ୍ରମିତ ହୋଇଯାଇଥାନ୍ତି ବୋଧେ। ସେ ଚିଠି ନୁହେଁ ତ ପାରୋର ହୃଦୟ! ଉପେକ୍ଷିତ ମନର ହାହାକାର। ଥକିପଡୁଥିଲା ହୃଷି..ପଢୁଥିଲା ପାରୋ ମନର ଆବେଗକୁ। ସମସ୍ତେ ଚୁପ୍ ଥିଲେ। ସଂସାରର ଲୋକ,ହୃଷି ଓ ପାରୋ। କିନ୍ତୁ ଲାଗୁଥିଲା ହୃଷି ଆଖି ଆଗରେ ହୃଦୟଟେ କମ୍ପିଉଠୁଛି। କେତେବେଳେ ଅସଂଖ୍ୟ ତୀରରେ ରକ୍ତାକ୍ତ ହୋଇପଡୁଛି ତ ପୁଣି କେତେବେଳେ ସ୍ଥିର ଅବିଚଳିତ। ଦେବା ବୋଲି ଡାକିଦେଲେ ସେ ପୁଣି ଡେଉଁଛି..! ତା ଶବ୍ଦ ମତୁଆଲା କରୁଛି। ହେଲେ ଦେବା କାନରେ ପଡୁନି କେମିତି! ଏମିତି କେତେକାଳ ଚାଲିଗଲା ଜାଣିହେଲାନି।

ପାରୋ..ତୁ ମଣିଷ ନା ଦେବୀ?

ଏଥିରୁ କୋଉଟା ବି ନୁହଁ? କିନ୍ତୁ ତୁ ଯୋଉ ନାଁ ଦବୁ ଗ୍ରହଣ କରିବି। ଅଲକ୍ଷଣି,କୁଳଟା,ପାପୀ,ଦୋଚାରୁଣୀ..ଏମିତି କେତେକଣ କହିଯାଉଥିଲା ପାରୋ।

ପବିତ୍ର..ଶୁଦ୍ଧ ଗଙ୍ଗା ତୁ ପାରୋ..। ଏଇ କେଇଟା ଶବ୍ଦରେ ମୋହ ଭାଙ୍ଗିଗଲା ପାରୋର। ସେ ଚମକିପଡି ଚାହିଁଲା। ସତେଯେମିତି ତା ଉତର ପାଇଯାଇଛି ନହେଲେ ଏତେଦିନ ପରେ ତାକୁ କେହି ଠିକ୍ ଭାବେ ବୁଝିଛି! ବନ୍ୟାର ଉଚ୍ଛୁଳା ସ୍ରୋତ ପରି ଉଚ୍ଛୁଳି ପଡିଲା ସେ। ମନଭରି କାନ୍ଦିଲା। ଏଥର ଉଠିଲା ଯିବାକୁ। ହୃଷି କିନ୍ତୁ ନିର୍ଦ୍ଦିଷ୍ଟ କରି ସାରିଥିଲା ସବୁ। ସେ ନିଜ ଆଖି ଆଗରେ ଏମିତି ପାରୋକୁ ଉଜାଡି ଦେଇପାରିବନି। ବିନା ଅପରାଧରେ ସେ ଏତେ ପ୍ରାୟଶ୍ଚିତ କାଇଁ କରିବ? ସାରା ଜୀବନ ଜଳି ଜଳି ଯାହାକୁ ଆଲୋକ ଦେଖାଇଛି ସେ ନିଷ୍ଠୁର ମଣିଷକୁ ବୁଝିବାକୁ ହେବ ତା ଭିତରର ଯନ୍ତ୍ରଣା! ତା ଅପରାଧସବୁକୁ ଗ୍ରହଣ କରିବାକୁ ହେବ ତାକୁ।

ପାରୋକୁ ନେଇ ଘରେ ଛାଡିଲା ହୃଷି। ଦୁଇ ଖୋଜ ବାହାରକୁ ଆସିଛି ତ ପାରୋର ଉତ୍କଟ ଚିତ୍କାର। କଣ ହେଲା ବୋଲି ହୃଷି ଧାଇଁଯାଇ ଦେଖେ ତ ତା ବାପା ଦେହ ଶୀତଳ ପଡିଯାଇଛି ପୁରା..। ପୋଷ୍ଟମର୍ଟମ କଲା ପରେ ଜଣାଗଲା ସେ ହାର୍ଟ ଷ୍ଟ୍ରୋକ୍‌ରେ ଚାଲିଯାଇଛନ୍ତି! ପାରୋ ଆଉ କାନ୍ଦିପାରୁନି। ଏଥରକ ସେ ଭୁସୁଡି ପଡିଛି ମାଟି ଉପରେ। ବାପା ବୋଲି ଛାତଟେ ଥିଲା ତା ବି ଚାଲିଗଲା ମଥା ଉପରୁ। ଆଉ କେହି ନାହିଁ ଅଲକ୍ଷଣି,ପୋଡାମୁହିଁ କହି ଗାଳି ଦେବାକୁ। ସେ ଗାଳି ଭିତରେ ତା ସ୍ନେହ ଦେଖାଇବାକୁ। ଏତେ ବଡ ସଂସାରରେ ବିଚାରି ପୁରା ଏକା।

କିନ୍ତୁ ସମସ୍ତେ ତାକୁ ହିଁ ଦୋଷ ଦେଉଛନ୍ତି-ଏ ପାରୋ ପାଇଁ ବୁଢାଟା ଚାଲିଗଲା। କୋଉ ଘଡିମୂଳେ ଜନ୍ମ ନେଇଥିଲା କେଜାଣି ମାଆକୁ ଖାଇଲା। ଅଶାନ୍ତିରେ ବୁଢା ବାପାଟାକୁ ବି ଖାଇଗଲା। ପାରୋ ଅଭ୍ୟସ୍ତ ହୋଇଯାଇଥିଲା ଏସବୁ ନିନ୍ଦା କାଳିମାରେ। ଆଉ ବାଧିବ କାଇଁକି। ସେ କଣ କିଛି ଶୁଣୁଥିଲା? ଜଡ ପାଲଟିଯାଇଥିଲା।

ତା ବାପାର ଶୁଦ୍ଧି କ୍ରିୟା ପରେ ହୃଷି ସ୍ଥିର କରିସାରିଥିଲା ବ୍ୟାଂଗାଲୋର୍ ଯିବ ଦେବା ପାଖକୁ। ତା ପଛରେ କଣ ସବୁ ଦୁର୍ଘଟଣା ଘଟିଛି ତାକୁ ଜଣାଇବ। ପାରୋକୁ ଏମିତି ଅସହାୟ ଅବସ୍ଥାରେ ସେ ଆଉ ଦେଖିପାରିବନି। ସେ ଦିନକୁ ଦିନ ଶୁଖିଆସୁଛି। ଯୋଉଠି ବସୁଛି ସେମିତି ତଳକୁ ଚାହିଁରହୁଛି। ଆଜିକାଲି ଆଉ ମନ୍ଦିରକୁ ଯାଉନି। ତା ବାପା ଯିବାଠାରୁ ସେ ଦେବାର ଝଟିମାଟି ଘରକୁ ଚାଲିଆସିଛି। ଯୋଉଠି ମିନିଖୁଡୀ ଶେଷ ନିଶ୍ୱାସ ତ୍ୟାଗ କରିଥିଲା ସେଇ ଘରେ ଗୋଟେ ସପ ଉପରେ ପଡିରହିଛି ଦିନ ଦିନ। ଆଉ ଖିଆପିଆ ଯତ୍ନ କିଛି ନାହିଁ। ସତେଯେମିତି ସେ ଶପଥ କରିଛି..ଏମିତି ଶୁଖିଶୁଖି ଚାଲିଯିବ ଏ ସଂସାରରୁ।

ହୃଷିର ଆଉ ଧୈର୍ଯ୍ୟ ନାହିଁ ଏ ଅବସ୍ଥାରେ ତାକୁ ଦେଖିବାକୁ। କିଛି ତ କରିବାକୁ ହେବ। ଏମିତି ପାରୋ ସହିତ ଅନ୍ୟାୟ ହୋଇଚାଲିଥିବ ତା ଆଗରେ ଆଉ ସେ ଅସହାୟ ପରି ହାତବାନ୍ଧି ଚାହିଁରହିବ! ନା ସେ ଯିବ ଦେବଦାସକୁ ଖୋଜିବାକୁ। ଯେଉଁଠି ଥିଲେ ବି ଖୋଜି ବାହାର କରିବ। ପାରୋ ଲୁହର ହିସାବ ମାଗିବ। ତା ଅପେକ୍ଷା ଅସହାୟତା,ବ୍ୟର୍ଥତା ସବୁର ଉତର ତାକୁ ଦେବାକୁ ହିଁ ହେବ। ସେ କରିନଥିବା ପାପ ପାଇଁ ତାକୁ ହିଁ ପ୍ରାୟଶ୍ଚିତ କରିବାକୁ ହେବ।

ଅବଶ୍ୟ ସେ ପାରୋକୁ କିଛି ପ୍ରତିଶ୍ରୁତି ଦେଇନି ହେଲେ ନିଜ ମାଆର ଆତ୍ମା ପ୍ରତି କଣ କେହି ଏତେ ଅବହେଳା ପ୍ରଦର୍ଶନ କରିପାରେ! ଏମିତିକି ତା ମାଆ,ବାପାଙ୍କ ଶ୍ରାଦ୍ଧ କ୍ରିୟା ନକରି ବାହାରେ ବର୍ଷ ବର୍ଷ ଅତିବାହିତ କରି ଦେଇପାରେ! ତାର ଜମା ବି ମନେନଥିବ ତା ମାଆବାପାଙ୍କ ମୃତ୍ୟୁବାର୍ଷିକୀ।

ବ୍ୟାଙ୍ଗାଲୋର୍ ଯିବାର ଟିକେଟ୍ ସରିଯାଇଛି। ପାରୋ ଏବେ ଜୀବନ୍ତ ଶବ ପାଲଟିଯାଇଛି! ଆଖିର ଜ୍ୟୋତି କେବେଠୁ ହଜିସାରିଛି ତା ବାପା ମୃତ୍ୟୁ ସହିତ। ନିଜକୁ ଦାୟୀ କରୁଛି ସେ! ଗୋଟେ ତୀବ୍ର ଅଭିମାନରେ ନିଜକୁ ସମାପ୍ତ କରିଦେବାକୁ ଯେପରି ଜିଦ୍ ଧରିଛି!

(କ୍ରମଶଃ...)



# ମା'ମାନେ

**ମୂଳ ରଚନା : ଅଗ୍ନିଶେଖର**

**ଅନୁବାଦ : ପାରମିତା ଷଡଙ୍ଗୀ**

ମା'ମାନେ କରୁଥିଲେ ଅପେକ୍ଷା
ସୀମା ପାର କରିଥିବା
କେତେ ଗୁଡିଏ ପାଗଳ ପିଲାଙ୍କୁ
ବିନତୀ କରୁଥିଲେ
ପାହାଡ ସେପାରୁ ସେମାନଙ୍କର
ସ୍ୱସ୍ଥ ଫେରିବାକୁ



ମା'ମାନେ ନିଦରେ ଖୋଜୁଥିଲେ
ତାଙ୍କ ପିଲାମାନଙ୍କୁ
ପାକିସ୍ଥାନୀ ଟ୍ରେନିଙ୍ଗ ଶିବିରରେ
ଆଉ ଦେଖୁଥିଲେ ଝରକା ମଧ୍ୟରୁ
ଖାଲି ଆକାଶଟାକୁ

ମା'ମାନେ ଶରଣାର୍ଥୀ କ୍ୟାମ୍ପରେ
ଫାଟି ପଡିଥିବା ତମ୍ବୁ ଭିତରେ
ଚୁପ୍ କରାଉଥିଲେ
ଭୋକରେ ବିକଳ ଛୁଆମାନଙ୍କୁ
ତାଙ୍କର ଶୁଖି ଯାଉଥିବା ଛାତି
ଓ ଶୋକ ସନ୍ତପ୍ତ ରାତି,
ନିଜର ଏପରି ଅବସ୍ଥାରେ
ଆଶ୍ଚର୍ଯ୍ୟ ସେମାନେ
ଅନଧିକାର କରିଥିବା
କେତେଗୁଡିଏ ପ୍ରଶ୍ନଙ୍କୁ ନେଇ



ମା'ମାନେ ଚାହିଁଥିଲେ
କାଶ୍ମୀରରେ ନିଯୁକ୍ତ
ସୈନିକ ପୁଅର ଫେରିବା ବାଟକୁ
ସଂଧ୍ୟାର ଟିଭି ଖବରରେ
ପଥର ଫୋପାଡୁ ଥିବା
ଆତଙ୍କୀ ମାନଙ୍କର
ରକ୍ତାକ୍ତ ଆକ୍ରମଣ
ଶୁଖି ଯାଉଥିଲା ସେ
ମା'ର ଜୀବନ
ପାର୍ଥନା ଇଷ୍ଟଦେବଙ୍କୁ
ରକ୍ଷା କରିବାକୁ ତା
ସନ୍ତାନର ପ୍ରାଣ।

କେବଳ ବିଳାପ କରୁଛନ୍ତି ମା'ମାନେ
ସହୁଛନ୍ତି ସବୁ ଆଘାତ
ହେଲେ, ଏଇ ଯୁଦ୍ଧରେ
କିଏ ବା କହୁଛି
ତାଙ୍କ କାହାଣୀକୁ?

ମୁମ୍ବାଇ
ମୋ ୯୮୬୭୧୧୩୧୧୩

# ପିଲାଙ୍କ ଦୁନିଆ





ଭୁବନେଶ୍ୱରୀ ଦାଶ
ଷ୍ଟାଣ୍ଡାର୍ଡ - ୫
ବିଜେଇଏମ୍ - ୨
ଭୁବନେଶ୍ୱର





ସୁନେନା ବେହେରା
ଷ୍ଟାଣ୍ଡାର୍ଡ - ୩
କ୍ରିଷ୍ଣାମୂର୍ତ୍ତି ୱାର୍ଲ୍ଡ ସ୍କୁଲ
ଫୁଲନଖରା, କଟକ

# ବିଧାତାର ଖେଳ

**ନୃସିଂହ ଚରଣ ବେହେରା**

ସୁବ୍ରତ ବୁଝି ପାରୁନି ହଠାତ୍ ମା'ଙ୍କର ହେଲା କ'ଣ..? କାହିଁକି ସେ ତାକୁ ଧରି ଭୋ ଭୋ ହୋଇ କାନ୍ଦି ଚାଲିଛନ୍ତି..! କାହିଁ ସେ ତ ସେମିତି କିଛି ଖରାପ କାମ କରିନି ଯେଉଁଥିପାଇଁ ମା'ଙ୍କୁ ଏମିତି କାନ୍ଦିବାକୁ ପଡିବ । ଓହୋ..! କ'ଣ ହେଇଛି ମା'ଙ୍କର.. । ତା' ମୁଣ୍ଡଟା କାହିଁକି କେଜାଣି ଗୋଳମାଳ ହୋଇଯାଉଥାଏ ।

ଆଜି ସକାଳେତ ସବୁଦିନ ପରି ସୂର୍ଯ୍ୟ ପୂର୍ବରେ ଉଇଁଲେ । ତେବେ ଅସୁବିଧାଟା କେଉଁଠି..? କାହିଁକି ଆଜି ତା' ଭାଗ୍ୟକାଶରେ ଅମାବାସ୍ୟାର ଅମା ଅନ୍ଧକାର ଛାଇ ହୋଇଗଲା ବୋଲି ଭାବୁଥାଏ ସରିତା । କେମିତି ସୁବ୍ରତକୁ ବୁଝେଇବ ତା' କାନ୍ଦିବାର କାରଣ କ'ଣ..? କେମିତି କହିବ ସୁକାନ୍ତଙ୍କ ବିଷୟରେ ।

ସରିତାର ବିକଳ କାନ୍ଦ ଶୁଣି ସାଇ ପଡିଶା କେହି ସମ୍ଭାଳି ପାରିଲେନି । ସମସ୍ତେ ରୁଣ୍ଡ ହୋଇ ସାନ୍ତ୍ୱନା ଦେଉଥାଆନ୍ତି ତାକୁ। ହେଲେ ତା'ପାଖରେ ସେ ସବୁର କିଛି ମୂଲ୍ୟ ନଥାଏ। ସବୁ ସାନ୍ତ୍ୱନା ପବନରେ ମିଳେଇ ଯାଇ ନିସ୍ତେଜ ହୋଇ ଯାଉଥାନ୍ତି ଯେମିତି..ଆଉ କାନ୍ଦି କାନ୍ଦି ଭୂମି ଉପରେ ଗଡି ଯାଉଥାଏ ସରିତା । ସେ କାନ୍ଦର କାରଣ ଯେ ଅତି ହୃଦୟ ବିଦାରକ ତାହା କେବଳ ଜାଣିଥିଲା ସରିତା ।

ବିବାହର ଦୁଇବର୍ଷ ପରେ ଜନ୍ମ ଏଇ ସୁବ୍ରତର । ପୁଅ ଛଅ ମାସର ହୋଇଥିଲା ପୁଅକୁ ଧରି ସେ ବାପଘରକୁ ଆସି ଆଉ ଫେରିଲାନି ଶାଶୁ ଘରକୁ । ସୁକାନ୍ତଙ୍କର ବାପା ମା' ସରିତାକୁ ପୁତ୍ରବଧୂ କରିବା ପାଇଁ ଠିକ୍ କରିଥିଲେ । ସୁକାନ୍ତ ସରିତାକୁ ଦେଖି ନଥିଲେ ମଧ୍ୟ ସମ୍ମତି ପ୍ରଦାନ କରିଥିଲେ ଏହି ବିବାହ ପାଇଁ । ବେଶ୍ ଧୁମ୍‌ଧାମରେ ବାହାଘର ହୋଇଥିଲା । ଠିକ୍‌ଠାକ୍ ଚାଲିଥିଲା ସବୁ କିଛି । ହେଲେ ସରିତା ବାପଘରକୁ ଯାଇ ଆଉ ଫେରିଲା ନାହିଁ । "କାହିଁକି..? କାରଣ କ'ଣ..?" କିଛି ବି ଜଣା ପଡିଲାନି । ସୁକାନ୍ତ ଅନେକ ଥର ଆସିଛନ୍ତି ଫେରାଇ ଆଣିବା ପାଇଁ । ହେଲେ ସବୁଥର ସେ ଶଶୁର ଘର ଲୋକଙ୍କଠାରୁ ଅପମାନିତ ହୋଇ ଫେରିଛନ୍ତି । ସରିତା ସହିତ ତାଙ୍କର ଭେଟ ମଧ୍ୟ ହୁଏନି । କେବଳ ପୁଅ ସୁବ୍ରତକୁ ଦେଖି ସୁକାନ୍ତ ଚୁପ୍ ଚାପ୍ ଫେରିଯାଆନ୍ତି । ଥରେ ସୁକାନ୍ତ ସରିତା ଘରେ ପହଞ୍ଚି ଜିଦ୍ ଦରି ବସିଲେ କି ସେ ସାଙ୍ଗରେ ସ୍ତ୍ରୀ ଓ ପୁଅକୁ ନେଇ ଫେରିବେ । ହେଲେ ଫଳ ହେଲା ଓଲଟା..। ନାନା ପ୍ରକାରର ଅପମାନ ପାଇ ଆହାତ ମନରେ ଘରକୁ ଫେରିଲେ ସେଠୁ ।

ତା'ପରେ ସୁକାନ୍ତଙ୍କୁ ତାଙ୍କର ବନ୍ଧୁମାନେ ବିବାହ ବିଚ୍ଛେଦ ପାଇଁ ଯେତେ କହିଲେ ମଧ୍ୟ ସେ ସେ କଥାକୁ ସହଜରେ ଗ୍ରହଣ କରିପାରିଲେନି । ସେ କହିଲେ ସରିତା ବ୍ୟତୀତ ସେ ଅନ୍ୟ ଜଣକୁ ସ୍ତ୍ରୀ ହିସାବରେ ଗ୍ରହଣ କରିବା କଥା କେବେ ଭାବିନାହାନ୍ତି । ସରିତା ବି କେବେ ହେଲେ ଚିଠିଟିଏ ଲେଖିନି ସୁକାନ୍ତ ପାଖକୁ । ସୁକାନ୍ତ କେତେ ଯେ ଚିଠି ଦେଇଛି ସରିତାକୁ ତା'ର ହିସାବ ନାହିଁ ହେଲେ କୌଣସି ଚିଠିର ଉ???ର ପାଇନାହାନ୍ତି ସେ ଦିନଟିଏ ପାଇଁ । ସରିତା ପାଖକୁ କେତେଥର ମନି ଅର୍ଡର କରିଛି ହେଲେ ସେ ସବୁ ବି ଫେରି ଆସିଛି ସୁକାନ୍ତ ପାଖକୁ । ମୋଟ୍ ଉପରେ କହିବାକୁ ଗଲେ ସେମାନଙ୍କର ସମ୍ପର୍କ ତୁଟି ଯାଇଥିଲା । ହେଲେ କାହିଁକି..?

ସୁକାନ୍ତ ଟିକିଏ ରାଗି ପ୍ରକୃତିର ଲୋକ । କଥା କଥାକେ ଗାଳି ଗୁଲଜ କରେ ସେ ସରିତାକୁ । ସରିତାର ବି ଆତ୍ମ ସମ୍ମାନ ଅଛି । ବାହା ହୋଇଛି ବୋଲି କ'ଣ ସବୁ ଅପମାନକୁ ଚୁପ୍‌ଚାପ୍ ସହିଯିବ । ଯଦି ସହିବ କେତେ ଦିନ ବା' ସହିବ । ସହିବାର ବି ଗୋଟେ ସୀମା ଅଛି । ତେଣୁ ସେ ଚାଲି ଆସିଥିଲା ବାପଘରକୁ ତା'ର କୁନି ପୁଅ ସହିତ ।

ହେଲେ ସୁକାନ୍ତ ଭାବେ ଅଗ୍ନିକୁ ସାକ୍ଷୀ ରଖି ସେ ଯାହାକୁ ବିବାହ କରିଛି ସେ ତା'ର ଧର୍ମପତ୍ନୀ, ସହଧର୍ମିଣୀ । ସେ ତା' ସହିତ ଯେମିତି ବ୍ୟବହାର କଲେ ମଧ୍ୟ ସହିବାଟା ତା'ର ଧର୍ମ । ହଁ..ସେ ଗାଳି ଗୁଲଜ କରେ ସରିତାକୁ । ହେଲେ ତାକୁ ବହୁତ ଭଲ ମଧ୍ୟ ପାଏ । ସେଥିପାଇଁ ତ ସେ ସରିତା ବ୍ୟତୀତ ଆଉ କାହାକୁ ସ୍ତ୍ରୀ ରୂପରେ ବରଣ କରିବାକୁ ଅରାଜି । ତା' ହିସାବରେ ଦିନେ ନା' ଦିନେ ସରିତା ତା' ଜୀବନ ପରିଧିକୁ ଫେରି ଆସିବ । ସେହି ବିଶ୍ୱାସରେ ସେ ଦିନ ପରେ ଦିନ ଆଉ ବର୍ଷ ପରେ ବର୍ଷ ବିତେଇ ଚାଲିଥାଏ ଏକୁଟିଆ ସରିତା ଅପେକ୍ଷାରେ ।

ସମୟ କାହାକୁ ଅପେକ୍ଷା କରେ ନାହିଁ । ଯା ଭିତରେ ବିତିଗଲା କୋଡିଏ ବର୍ଷ । କୋଡିଏ ବର୍ଷ କିଛି କମ୍ ସମୟ ନୁହେଁ । ଏବେ ସୁବ୍ରତ ଇଞ୍ଜିନିୟରିଂ ପଢୁଛି । ଆଉ ବର୍ଷ କେଇଟାରେ ପାଠପଢା ଶେଷ ହେବ । ସେ ଚାକିରୀ କରିବ । ସୁକାନ୍ତ ସ୍ୱାମୀ ହିସାବରେ ଯାହା ହେଇଥାଉ ନା' କାହିଁକି ବାପା ହିସାବରେ କେବେ ଅବହେଳା କରିନାହାନ୍ତି । ସେ ସୁବ୍ରତର ସୁବିଧା ଅସୁବିଧା ବିଷୟରେ ପଚାରିବା ପାଇଁ ଆସି ନିରାଶ ହୋଇ ଫେରିଛନ୍ତି ତା' ପାଖରୁ । ତଥାପି ସେ ସୁବ୍ରତକୁ ଆସି ଦେଖା କରିଯାଆନ୍ତି ପ୍ରାୟ । ଆଉ ସୁବ୍ରତ ବି ବହୁତ ଭଲ ପାଏ ସୁକାନ୍ତକୁ ।

ହେଲେ ଆଜି ସରିତାର କାନ୍ଦିବାର କାରଣ ସେଇ ସୁକାନ୍ତ । ଯାହାକୁ ଜୀବନ ଯାକ ସେ ଅପମାନିତ କରି ଆସିଛି.. ଆଜି ତାଙ୍କ ପାଇଁ ସେ ଏମିତି ବିକଳ ହୋଇ କାନ୍ଦୁଛି । ହେଲେ କାହିଁକି..? "କାହିଁକି ନା' ସୁକାନ୍ତ ଆଉ ଜୀବିତ ନାହାନ୍ତି ।" ସେ ସକାଳୁ ଖବର ପାଇଲା ଯେ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି ସୁକାନ୍ତଙ୍କର । ସେ ନିଜେ ଆଜି ଆଶ୍ଚର୍ଯ୍ୟ..! ତା'ମାନେ ସେ କ'ଣ ସତରେ ସୁକାନ୍ତକୁ ଭଲ ପାଉଥିଲା ବୋଲି ଆଜି ସେ କାନ୍ଦୁଛି..ନା' ପ୍ରତିଶୋଧ ନେବା ପାଇଁ ସୁକାନ୍ତ ଆଉ ନାହାନ୍ତି ବୋଲି କାନ୍ଦୁଛି..? ସେ ଆଜି ନିଜକୁ ନିଜେ ପଚାରୁଛି..କ'ଣ ନାରୀଟେ ନିଜ ଆତ୍ମ ସମ୍ମାନ ପାଇଁ ଅଲଗା ରହିବାଟା କ'ଣ ଭୂଲ୍! ବିଧାତାର ଖେଳ ଆଗରେ ସାମାନ୍ୟ ମଣିଷର ବା କ'ଣ ଅସ୍ତିତ୍ୱ ଅଛି?

୨୧୭,ୟୁନିଟ-୯(ଫ୍ଲାଟ)
ବାୟାବାବା ମଠ ଲେନ
ଭୋଇ ନଗର,ଭୁବନେଶ୍ୱର-୨୨
ମୋ -୭୯୭୮୮୩୦୬୧୧

# ଏଇତ ଜୀବନ



**କ୍ଷୀରୋଦିନୀ ବେହେରା (ସ୍ୱପ୍ନା)**

ଜଳି ଯାଉଥିବା ଘର ଓ
ପୋଡି ଯାଉଥିବା ତାଅଣଠୁ' ବି
ଖୁବ୍ ଭୟଙ୍କର ଏଇ
କୁହୁଳି ଜଳୁଥିବା
ଭାଗ୍ୟ, ଭବିଷ୍ୟତ...
ଉତୁରୀ ପଡୁଥିବା କ୍ଷୀର ଓ
ବସି ଯାଉଥିବା ଦହିଠୁ' ବି
ଖୁବ୍ ଅସହାୟ
ଏ ଦେହର ଦୁର୍ବଳ ଅସ୍ତିତ୍ୱ।

ପାପୁଲିରେ ପଡିଥିବା ଗାର ଓ
ଅତୀତରେ ଉଡିଥିବା
ନେତଙ୍କ ଭିତରେ ଏବେ
ଶୀତଳ ସଂଘର୍ଷ
ବଢୁଥିବା ରାତି ପରି
ମୋ ଛାତି ଭିତରେ
ବିଦ୍ରୋହର ସ୍ୱର୍ଶ।

ଧୀରେ ଧୀରେ ନୀରବୁ ଥାଏ
ସବୁ ଅବସୋସ
ଭୁଲୁଣ୍ଠିତ ସମସ୍ତ ପ୍ରୟାସ ...
ମୁକ୍ତିର ଆଶାରେ
ମାଟିରୁ ଆକାଶ ଚାହିଁଲା ବେଳକୁ
ମାଡି ଆସେ ସମସ୍ତ ବିପଦ
ବଢ଼ିଲା ବେଳକୁ ଶୋଷ
ସୁଖି ଯାଉଥାଏଁ ଏଠି
ସୁଖର ସମୁଦ୍ର।

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
ମୋ - ୯୭୭୭୭୭୯୦୦୨






# ରାସ୍ତା ପାଲଟିଛି ଆଶ୍ରୟସ୍ଥଳୀ

## ବୁଲା ଗାଈଗୋରୁଙ୍କ ଥଇଥାନ ନାହିଁ



**ସୋନପୁର :** ସୋନପୁର ସହର ସମେତ ସମଗ୍ର ଦେଶରେ ଗୋ ସୁରକ୍ଷା ଏବେ ବଡ଼ ଆହ୍ୱାନ ପାଲଟିଛି। ବିଶେଷକରି ସହରାଞ୍ଚଳରେ ଗାଈମାନେ ରାସ୍ତା ଉପରେ ଶୋଉଥିବାରୁ ପ୍ରତିଦିନ ଦୁର୍ଘଟଣା ହେଉଥିବା ବେଳେ ଅନେକ ସମୟରେ ବେଆଇନ ଗୋଚାଲାଣ ମାମଲା ବିବାଦର କାରଣ ପାଲଟୁଛି। ତେବେ ଏହାର ସମାଧାନ ପାଇଁ ଓଡ଼ିଶା ସରକାର 'ଓଡ଼ିଶା ଗୋଶାଳା ଆଇନ ୧୯୬୧' ପାରିତ କରିଥିଲେ ହେଁ ସଚେତନତା ଅଭାବ ଯୋଗୁଁ ଅନେକେ ଏହାର ଲାଭ ନେଇ ପାରୁନାହାନ୍ତି ଓ ଗାଈମାନେ ଅବହେଳିତ ହୋଇ ବୁଲୁଛନ୍ତି। ପ୍ରକୃତରେ ଗୋସୁରକ୍ଷା ପାଇଁ କାମ କରୁଥିବା ସଂସ୍ଥାକୁ ଗୋଶାଳା ଆଇନରେ ଆର୍ଥିକ ସହାୟତା ଦିଆଯାଉଥିଲେ ହେଁ ସେ ପ୍ରତି ଅଜ୍ଞ ଥିବାରୁ କେହି ଏହାର ଲାଭ ନେଇ ପାରୁ ନାହାନ୍ତି। ଫଳରେ ଗାଇ ଗୋରୁ ମାନେ ରାସ୍ତା ଉପରେ ଅଶ୍ରୟ ନେଉଛନ୍ତି।ସୁଣାଯାଏ କି ବହୁ ବର୍ଷ ହେଲା ସୋନପୁର ପୌରପରିଷଦ ଅଧିନରେ ଥିବା କଂଜିଆହୁଦା ଆଉ ନାହିଁ। ଏହାର ସୁଯଗେ ନେଇ କିଛି ଲୋକ ନିଜର ଗାଇ ଗୋରୁକୁ ନିର୍ଭୟରେ ଛାଡି ଦେଉଛନ୍ତି । ଫଳରେ ରାସ୍ତା ଗୁଡିକ ଓ ତେଲନଦି ଓ ମହାନଦି ବ୍ରିଜ ଗାଇଗୋରୁଙ୍କ ଆଶ୍ରୟ ସ୍ଥଳ ପାଲଟୁଛି । ଫଳରେ ଦୁର୍ଘଟଣା ମାନ ଘଟୁଛି । ବେଳେ ବେଳେ ଗାଇ ଗୋରୁଙ୍କ ମଧ ଭାରି ଜନ ଦୁର୍ଘଟଣାରେ ମୃତ୍ୟୁ ଘଟୁଛି । ବିଭାଗ ଏଥିପ୍ରତି ତୁରନ୍ତ ପଦକ୍ଷପେ ନେବାକୁ ଜନସାଧାରଣରେ ଦାବି ହେଉଛି।

# ବାରମ୍ବାର ବିଦ୍ୟୁତ୍ କାଟ ପ୍ରତିବାଦରେ ରାସ୍ତାରୋକ୍



**ଦଶପଲ୍ଲା :** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଦେଢଶର ଓ ଶିମିଳିସାହି ଗ୍ରାମବାସୀମାନେ ବିଦ୍ୟୁତ୍ କାଟ ପ୍ରତିବାଦରେ ଦଶପଲ୍ଲା ଭଞ୍ଜନଗର ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଦଶପଲ୍ଲା ଅଞ୍ଚଳରେ ବାରମ୍ବାର ବିଦ୍ୟୁତ କାଟ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟା ଉପରେ ବହୁବାର ବିଦ୍ୟୁତ ବିଭାଗକୁ ଅଭିଯୋଗ କରାଯାଇଥିଲେ ମଧ କେତେକ ମୁଷ୍ଟିମେୟ କର୍ମଚାରୀଙ୍କ ରାଜ୍ ଓ ମନୋମୁଖୀ କାର୍ଯ୍ୟର ତୀବ୍ର ପ୍ରତିବାଦରେ ଜନସାଧାରଣ ଏହାର ସମାଧାନ ପାଇଁ ରାଜରାସ୍ତାକୁ ଓହ୍ଲାଇ ଥିଲେ । ଫଳରେ ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ହେବା ସଙ୍ଗେ ସଙ୍ଗେ ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ମଟର ଅଟକି ରହିଥିଲା । ବିଳମ୍ବରେ ବିଭାଗୀୟ ଅଧିକାରୀ ଓ ଦଶପଲ୍ଲା ତହସିଲଦାର ପହଞ୍ଚି ପରିସ୍ଥିତିକୁ ନିୟନ୍ତଣ କରିଥିଲେ। ଆଗାମୀ ଦିନରେ ଏହିଭଳି ଅସୁବିଧା ହେବନାହିଁ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା।

# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ

**ଖୋରଧା :** ଜିଲ୍ଲାସ୍ତରୀୟ ୭୨ତମ ସ୍ୱାଧୀନତା ଦିବସ ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ମହା ସମାରୋହରେ ପାଳିତ ହୋଇଯାଇଛି। ସକାଳ ୯.୧୫ ମିନିଟ ସମୟରେ ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଠାରେ ବରେଣ୍ୟ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ସେ ଏକ ବିରାଟ ଜନ ସମାବେଶକୁ ଉଦ୍‌ବୋଧନ ଦେଇ କହିଲେ ଯେ, ଆଜି ସାରା ଭାରତ ବର୍ଷ ପାଇଁ ଏକ ମହାନ ଦିବସ। ଯେଉଁ ସ୍ୱାଧୀନତା ସଂଗ୍ରାମୀ ଏବଂ ଦେଶ ଭକ୍ତ ମାନେ ଆତ୍ମବଳି ଦେଇ ଆମ ଦେଶକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ସେମାନଙ୍କ ଉଦ୍ଦେଶ୍ୟରେ ଗଭିର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧାର ଅବଦାନ ଅତୁଳନୀୟ। ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଏହି ମାଟିରୁ ହିଁ ୧୮୧୭ ମସିହାରେ ପାଇକମାନେ ଆରମ୍ଭ କରିଥିଲେ।ଏହି ମାଟିରେ ଜନ୍ମ ଗ୍ରହଣ କରି ଜୟୀରାଜଗୁରୁ ବକ୍ସି ଜଗବନ୍ଧୁ ପିଣ୍ଡିକି ବାହୁବଳେନ୍ଦ୍ର ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ, ପଦ୍ମନାଭ ଛୋଟରାୟ ପ୍ରମୁଖ ବହୁ ନେତା ନେତୃତ୍ୱ ନେଇଥିଲେ। ରାଜ୍ୟ ସରକାରଙ୍କର ବିଭିନ୍ନ ଜନ କଲ୍ୟାଣ ମୁଖୀ ଯୋଜନାର ସୁଫଳ ନିଜେ ଜାଣିବା ସହିତ ଅନ୍ୟମାନଙ୍କ ପାଖରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ବିଜୁ ସ୍ୱାସ୍ଥ୍ୟ ବୀମା



ଯୋଜନା ଅନ୍ତର୍ଗତ ଖୋର୍ଦ୍ଧା ବ୍ଲକ୍ ଏବଂ ପୌରପରିଷଦର ୬ଜଣ ହିତାଧିକାରୀମାନଙ୍କୁ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀଙ୍କର ପତ୍ର ପ୍ରଦାନ କରିଥିଲେ। ପ୍ରବଳ ବର୍ଷା ଓ ବଜ୍ରପାତ ଯୋଗୁଁ ଗୃହ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ସ୍କୁଲ ଏବଂ କଲେଜର ଛାତ୍ର ଛାତ୍ରୀମାନଙ୍କୁ ପ୍ୟାରେଡ଼ରେ ଅଂଶ ଗ୍ରହଣ କରିବାକୁ ବାରଣ କରାଯାଇଥିଲା। କେବଳ ୪ଗୋଟି ଦଳ ଯଥା ଆଇ.ଆର.ବି.ଏନ୍, ଖୋର୍ଦ୍ଧା ଏ.ପି.ଆର. ମହିଳା ଓ ପୁରୁଷ ଏବଂ ହୋମଗାର୍ଡ଼ ଖୋର୍ଦ୍ଧା ଦଳ ଅଂଶ ଗ୍ରହଣ କରିଥିଲେ। ଏହା ପରେ ଜିଲ୍ଲାପାଳ ଜେଲ୍‌ର ଅନ୍ତେବାସୀମାନଙ୍କୁ ମିଷ୍ଟାନ୍, ଫଳ ଏବଂ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଏହି ଉତ୍ସବରେ ଖୋର୍ଦ୍ଧାର ଅତିରିକ୍ତ ଜିଲ୍ଲାପାଳ ମନୋରଞ୍ଜନ ମଲିକ, ଉପଜିଲ୍ଲାପାଳ ସରୋଜ କୁମାର ସାହୁ, ଖୋର୍ଦ୍ଧା ବିଧାୟକ ତଥା ଯୋଜନା ବୋର୍ଡ଼ର ଅଧକ୍ଷ ରାଜେନ୍ଦ୍ର କୁମାର ସାହୁ ଖୋର୍ଦ୍ଧାର ବିଶିଷ୍ଟ ବୁଦ୍ଧିଜୀବି, ଗଣମାଧ୍ୟମର ପ୍ରତିନିଧି ସମସ୍ତ ସରକାରୀ ପଦାଧିକାରୀ ଉପସ୍ଥିତ ଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରଜିତ୍ ମିଶ୍ର ପରିଚାଳନା କରିଥିଲେ।

**ଦଶପଲ୍ଲା :** ଦଶପଲ୍ଲା ଅଞ୍ଚଳର ବିଭିନ୍ନ ସ୍ଥାନରେ ୭୨ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି । ଦଶପଲ୍ଲା ଏନ୍.ଏ.ସି ତରଫରୁ ନେତାଜୀ ମଇଦାନରେ ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ପତାକା ଉତ୍ତୋଳନ କରିଥିଲେ। ଏନ୍‌ଏସି ଅଧକ୍ଷା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ବିଭିନ୍ନ କାଉସିଲର ମାନେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କ ପ୍ୟାରେଡ




ବର୍ଷାଯୋଗୁଁ ବାତିଲ ହେବା ଫଳରେ ମଇଦାନ ଖାଁ ଖାଁ ଲାଗିଥିଲା । ଏନ୍.ଏ.ସି ପରିସରରେ ଅଧକ୍ଷା ବବିତା ସାହୁ ପତାକା ଉତ୍ତୋଳନ କରିଥିଲେ। ବିଜୁଯୁବବାହିନୀ ପକ୍ଷରୁ ମଧ ଏହି କାର୍ଯ୍ୟକ୍ରମ ଏନ୍.ଏ.ସି ଯୁବ ସଂଯୋଜକ ଓମପ୍ରକାଶ ନାୟକଙ୍କ ଦ୍ୱାରା କରାଯାଇଥିଲା । ସେହିଭଳି ଦଶପଲ୍ଲା ବ୍ଲକ ପରିସରରେ ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ ପତାକା ଉତ୍ତୋଳନ କରିଥିଲେ। ଦଶପଲ୍ଲା ତହସିଲ ପରିସରରେ ତହସିଲଦାର ପତାକା ଉତ୍ତୋଳନ କରିଥିଲେ। । ଦଶପଲ୍ଲା ସାମ୍ବାଦିକ ସଂଘ ତରଫରୁ ସାତପାଟଣା ଠାରେ ସଂଘର ସଭାପତି ଅର୍ଜୁନ ସାହୁଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା। ପତାକା ଉତ୍ତୋଳନ ସମୟରେ ସଂଘର ସମସ୍ତ ସାମ୍ବାଦିକ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ମଞ୍ଚ ତରଫରୁ ପ୍ରଗତି ସଂଘ ଠାରେ ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ ପତାକା ଉତ୍ତୋଳନ କରିଥିଲେ । ଜଗଦେବପାଟଣା ସେବା ସମବାୟ ସମିତି ପରିସରରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଚାରିଆଡେ ବର୍ଷା ଯୋଗୁଁ ଜନ ସମାଗମ କମ ହୋଇଥିଲା ।

**ମାର୍ଶାଘାଇ :** ମାର୍ଶାଘାଇ ବ୍ଲକ୍ ର ବିଭିନ୍ନ ସ୍ଥାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ଆମ ଦେଶର ୭୨ ତମ ସ୍ୱାଧିନତା ଦିବସ ବୁଧବାର ପାଳିତ ହୋଇଯାଇଛି। ମାର୍ଶାଘାଇ ମହାବିଦ୍ୟାଳୟରେ ଅଧ୍ୟକ୍ଷା କ୍ରିଷ୍ଣା ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବରିଷ୍ଠ ଅଧ୍ୟାପକ ଅମୀୟ ଜେନା,ମକରଧ୍ୱଜ ରାଉତ,ପ୍ରଭାତ କୁମାର ଲେଙ୍କା,ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ବନମାଳୀ କର ,ଅଶୋକ ମହାନ୍ତି,ଦିଲୀପ କୁମାର ସାହୁ, ଧିରେନ ଚୌଧୁରୀ ,ଏନଏସଏସ ଟିମ୍‌ର ଛାତ୍ରଛାତ୍ରୀଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଏହି ଉତ୍ସବରେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ନାୟକ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ମାର୍ଶାଘାଇ ବ୍ଲକ୍ କାର୍ଯ୍ୟାଳୟ,ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏବଂ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ମଧ୍ୟ ବିଧାୟକ ଶ୍ରୀ ନାୟକ ଯୋଗ



ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଲତା ପରିଡା,ଉପାଧ୍ୟକ୍ଷା ମମତା ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ଗାହାଣ,ବିଜେଡି ନେତା ପ୍ରଫୁଲ୍ଲ ଚନ୍ଦ୍ର ଦାସ,ଉପେନ୍ଦ୍ର କୁମାର ବେହେରା,ଚନ୍ଦ୍ରମଣି ସାହୁ,ମଧୁସୂଦନ ବେହେରା,ଧ୍ରୁବ କିଶୋର ନାୟକ,ଯୁବ ନେତା ସରୋଜ ନାୟକ,ସୁବ୍ରତ ପ୍ରଧାନ,ଜ୍ଞାନରଂଜନ ରାଉତ, ପ୍ରମୁଖ ଉପସ୍ଥିତ ଥିଲେ।ସେହିପରି ମାର୍ଶାଘାଇ ସବ୍ ରେଜିଷ୍ଟ୍ରି କାର୍ଯ୍ୟାଳୟରେ ସବ୍ ରେଜିଷ୍ଟାର ଅମୀୟ କରତନ ସ୍ୱାଇଁ,ମାର୍ଶାଘାଇ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଚନ୍ଦ୍ରକାନ୍ତ ପଣ୍ଡା,ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକାରୀ ଡା. ଅକ୍ଷୟ କୁମାର ଦାସ,ମାର୍ଶାଘାଇ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସରୀତା ପ୍ରଧାନ,ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟରେ ଉପାଧ୍ୟକ୍ଷା କବିତା ଦାସ,ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ଦଳାଇ,ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ମହାନ୍ତି,ଡଲଫିନ +୨ଆବାସିକ ମହାବିଦ୍ୟାଳୟରେ ନିର୍ଦ୍ଦେଶକ ତାପସ କୁମାର ପାଲ୍,ମାର୍ଶାଘାଇ ନେତାଜୀ କ୍ଲବ୍ ପରିସରରେ ସଭାପତି ବିଚିତ୍ରାନନ୍ଦ ବେହେରା,ଗୋପବନ୍ଧୁ କ୍ଲବ ପରିସରରେ ମଧୁସୂଦନ ବେହେରା,କରିଲୋପାଟଣା ଜୟରାମ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ ପାଇକରାୟ,ମାର୍ଶାଘାଇ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ଜ୍ୟୋତ୍ସ୍ନାମୟୀ ମହାପାତ୍ର ପତାକା ଉତ୍ତୋଳନ କରିଥିଲେ। ସେହିପରି ଅନ୍ତେଇ ବିଜୁପଟ୍ଟନାୟକ ମହାବିଦ୍ୟାଳୟ,ଆଖୁଆ ଓଡଙ୍ଗ ଚିତ୍ରୋତ୍ପଳା ମହାବିଦ୍ୟାଳୟ,ନରେନ୍ଦ୍ର ପୁର ତୁଳସୀ ସଂସ୍କୃତ ମହାବିଦ୍ୟାଳୟ,କରିଲୋପାଟଣା ମହାବିଦ୍ୟାଳୟ ସମେତ ବିଭିନ୍ନ ବ୍ୟାଙ୍କ,ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକରେ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି।

**ସୋନପୁର :** ସୁବର୍ଣ୍ଣପୁର ଜିଲ୍ଲାସ୍ତରିୟ ଷ୍ଟାଡିୟମ ପଡିଆ ଠାରେ ୭୨ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲାପାଳ ମଧୁସୁଧନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ତିରଙ୍ଗା ପତାକା ଉଡାଇବା ସହିତ ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଦିବସରେ ଜିଲ୍ଲାପାଳ ଜିଲ୍ଲାବାସୀଙ୍କୁ ଉଦ୍‌ବୋଧନ ଦେବା ସହିତ ରାଜ୍ୟ ଓ ଜିଲ୍ଲାର ଉନ୍ନୟନ କାର୍ଯ୍ୟର ସରକାରଙ୍କ ତରଫରୁ ହେଉଥିବା କାର୍ଯ୍ୟ ବିଷୟରେ ଲୋକମାନଙ୍କୁ ଜଣାଇଥିଲେ। ଏହି ଅବସରରେ ଜିଲ୍ଲାର ତିନିଜଣଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱଚ୍ଛ ପରିମଳରେ ଏହି ଜିଲ୍ଲା ୮୪% ହୋଇଥିବା ସେ କହିଥିଷଲ। ଅନ୍ୟପଟେ ଜିଲ୍ଲାର ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାବାସୀଙ୍କୁ ସୂଚନା ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଟଳ...

ନୈତିକ ମୂଲ୍ୟବୋଧ ସର୍ବଦା ଦେଶବାସୀଙ୍କୁ ମାର୍ଗଦର୍ଶନ କରିବ।

ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସମ୍ପନ୍ନ ହୋଇଯାଇଛି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶେଷକୃତ୍ୟ। ଯବାନଙ୍କ ୨୧ ତୋପ ସଲାମୀ, ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣ ଓ ଗୀତା ପାଠ ଏବଂ ଲକ୍ଷାଧିକ ଲୋକଙ୍କ 'ଅଟଳଜୀ ଅମର ରହେ' ଧ୍ୱନି ଭିତରେ ତାଙ୍କ ଚିତାରେ ଅଗ୍ନି ସଂଯୋଗ କରାଯାଇଥିଲା। ଅଟଳଜୀଙ୍କ ପାଳିତା କନ୍ୟା ନମିତା ଭଟ୍ଟାଚାର୍ଯ୍ୟ ମୁଖାଗ୍ନି ଦେଇଥିଲେ। ଏହି ସମୟରେ ଶେଷକୃତ୍ୟରେ ଉପସ୍ଥିତ ଥିବା ଦେଶ ବିଦେଶର ବହୁ ନେତା ଓ ପଦାଧିକାରୀ ଦଣ୍ଡାୟମାନ ହୋଇ ଶେଷ ସମ୍ମାନ ଜଣାଇବା ସହ ଏହି ମହାନ ନେତାଙ୍କୁ ଅନ୍ତିମ ବିଦାୟ ଦେଇଥିଲେ। ଶେଷକୃତ୍ୟରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍ ଭେଙ୍କିୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ, କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧିଙ୍କ ସମେତ ଜାତୀୟ ଓ ଆଞ୍ଚଳିକ ସ୍ତରର ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହା ବ୍ୟତୀତ ଭୁଟାନର ରାଜା ଜିଗ୍‌ମେ ଖେସର୍ ନାମ୍‌ଗ୍ୟାଲ୍ ୱାଙ୍ଗ୍‌ଚୁକ୍, ଆଫଗାନିସ୍ତାନର ପୂର୍ବତନ ରାଷ୍ଟ୍ରପତି ହମିଦ୍ କାରଜାୟୀ, ନେପାଳର ବୈଦେଶିକ ମନ୍ତ୍ରୀ ପ୍ରଦୀପ କୁମାର ଗ୍ୟାୱାଲି ମଧ ଉପସ୍ଥିତ ରହିଥିଲେ। ଚିତାରେ ଅଗ୍ନି ସଂଯୋଗ ପୂର୍ବରୁ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ନେତୃବୃନ୍ଦ ଓ ୩ ବାହିନୀର ମୁଖ୍ୟ ଅଟଳଜୀଙ୍କ ପ୍ରତି ଶେଷ ସମ୍ମାନ ଜଣାଇଥିଲେ। ଏଥିପୂର୍ବରୁ ସକାଳେ ଅଟଳଜୀଙ୍କ ପାର୍ଥିବ ଶରୀରକୁ ତାଙ୍କ ବାସଭବନରୁ ଅଣାଯାଇ ଦୀନଦୟାଲ ଉପାଧ୍ୟାୟ ମାର୍ଗସ୍ଥିତ ବିଜେପି ମୁଖ୍ୟାଳୟରେ ରଖାଯାଇଥିଲା। ସେଠାରେ ଦଳର ତୁଙ୍ଗ ନେତା ଓ କର୍ମୀମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହା ପରେ ବିଜେପି ମୁଖ୍ୟାଳୟରୁ ସ୍ମୃତିସ୍ଥଳ ଅଭିମୁଖେ ଆରମ୍ଭ ହୋଇଥିଲା ଅନ୍ତିମ ଯାତ୍ରା। ଏଥିରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ଲୋକଙ୍କ ଗହଣରେ ଶବାଧାର ପଛେ ପଛେ ଚାଲିଥିଲେ ପ୍ରଧାନମନ୍ତ୍ରୀ ମୋଦି ଓ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହ। 'ଅଟଳଜୀ ଅମର ରହେ' ଧ୍ୱନିରେ ସମଗ୍ର ପରିବେଶ ମୁଖରିତ ହୋଇ ଉଠିଥିଲା। ସମସ୍ତଙ୍କ ଆଖିରୁ ଝରିଯାଉଥିଲା ଲୁହ। ଏଭଳି ଏକ ଶୋକାକୁଳ ପରିବେଶ ମଧରେ ଶବାଧାର ସ୍ମୃତିସ୍ଥଳରେ ନିର୍ଦ୍ଧାରିତ ସମୟରେ ପହଞ୍ଚି ଚିତାରେ ଅଗ୍ନି ସଂଯୋଗ କରାଯାଇଥିଲା। ଏଥିପୂର୍ବରୁ ପାର୍ଥିବ ଶରୀରରେ ଆଚ୍ଛାଦିତ ହୋଇଥିବା ତ୍ରିରଙ୍ଗାକୁ ଅଟଳଜୀଙ୍କ ନାତୁଣୀ ନିହାରିକାଙ୍କୁ ହସ୍ତାନ୍ତର କରାଯାଇଥିଲା। ବିଶିଷ୍ଟ କବି ଅଟଳଜୀଙ୍କ ଚିତା ଜଳିଲା ବେଳେ ତାଙ୍କର କବିତାର ପଂକ୍ତି ପୃଷ୍ଠଭାଗରୁ ଶୁଣାଯାଉ ଥିଲା, 'ମୌତ୍ କି ଉମ୍ର କ୍ୟା ହେ? ଦୋ ପଲ୍ ଭି ନହିଁ, ଜିନ୍ଦେଗୀ ସିଲ୍‌ସିଲା, ଆଜ୍ କଲ୍ କି ନହିଁ। ମେଁ ଜିଉର୍ ଜିୟା, ମେଁ ମନ୍‌ସେ ମରୁଁ, ଲୌଟ୍‌କର୍ ଆଉଙ୍ଗା, କୁଚ୍‌ସେ କ୍ୟୋଁ ଡରୁଁ?' ତାଙ୍କ ମୃତ୍ୟୁରେ ଦେଶରେ ସାତଦିନିଆ ରାଷ୍ଟ୍ରୀୟ ଶୋକ ପାଳନ ଘୋଷଣା କରାଯାଇଛି।

### ଓଡ଼ିଶା ପାଇଁ ...

ସର୍ବାଧିକ ଚର୍ଚ୍ଚିତ ବିଷୟ ଥିଲା ପାରାଦୀପରେ ଇଣ୍ଡିଆନ୍ ଅଏଲ୍‌ର ଅଏଲ୍ ରିଫାଇନାରୀ ପ୍ରତିଷ୍ଠା। ୨୦୦୦ ମସିହା ମେ ୨୪ ତାରିଖରେ ବାଜପେୟୀ ପାରାଦୀପରେ ୩୫ ହଜାର କୋଟି ଟଙ୍କାର ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଯାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୬ ଫେବୃଆରୀ ୭ ତାରିଖରେ ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନବରତ୍ନ କମ୍ପାନୀ ନାଲକୋର ବଡ଼ ଅଂଶଧନର ଘରୋଇକରଣ କରିବା ପାଇଁ ପୂର୍ବବର୍ତ୍ତୀ ସରକାରମାନଙ୍କ ପ୍ରସ୍ତାବ ଉପରେ ବାଜପାୟୀ ହିଁ ନା' ବୋଲି କହି ଏହା ଉପରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଏପରିକି ବିଜୁ ପଟ୍ଟନାୟକ ବିମାନ ବନ୍ଦରକୁ ଆନ୍ତର୍ଜାତିକ ବିମାନ ବନ୍ଦରର ମାନ୍ୟତା ଦେବାର ମୂଳଦୁଆ ମଧ ବାଜପେୟୀଙ୍କ ସରକାର ସମୟରେ ପଡ଼ିଥିଲା। ତାଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ସ୍ୱର୍ଣ୍ଣ ଚତୁର୍ଭୁଜ ସଡ଼କ ନେଟ୍‌ୱର୍କ (ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା) ଯୋଗୁ ଓଡ଼ିଶାର ପ୍ରାୟ ୪୦୦ କିଲୋମିଟର୍ ଜାତୀୟ ରାଜପଥର ଉନ୍ନତିକରଣ ହୋଇପାରିଥିଲା। ବ୍ରହ୍ମପୁର ଓ ବାଲେଶ୍ୱର ମଧରେ ସଡ଼କ ଯୋଗାଯୋଗରେ ସୁଧାର ହୋଇପାରିଥିଲା। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ମାଧମରେ ଓଡ଼ିଶାରେ ଯୋଗାଯୋଗର ଭିତ୍ତିଭୂମି ସୁଧାରିବାରେ ବାଜପାୟୀଙ୍କ ଦୂରଦର୍ଶୀ ନିଷ୍ପତ୍ତି ଓ ସାମଗ୍ରିକ ବିକାଶର ମୂଳଦୁଆ ପକାଇବାରେ ତାଙ୍କର ଅବିସ୍ମରଣୀୟ ଭୂମିକା ପାଇଁ ରାଜ୍ୟବାସୀଙ୍କ ନିକଟରେ ସେ ଚିରସ୍ମରଣୀୟ ହୋଇ ରହିବେ। ୧୯୯୯ ମସିହାରେ ଓଡ଼ିଶାରେ ପ୍ରଳୟଙ୍କରୀ ମହାବାତ୍ୟା ବେଳେ ବାଜପେୟୀ ପ୍ରଧାନମନ୍ତ୍ରୀ ଥିଲେ। ସେହି ସମୟରେ ଓଡ଼ିଶା ପାଇଁ ତାଙ୍କର ଅବଦାନକୁ ଆଜି ରାଜ୍ୟବାସୀ ସ୍ମରଣ କରୁଛନ୍ତି।

### ଆଇନ୍‌କୁ ...

କାରଣ ସରକାର ମୋତେ ପାଞ୍ଚଟି ବିଭାଗର ଦାୟିତ୍ୱରେ ରଖିଛନ୍ତି । ଦାଖଲ ଖାରଜ ବାବଦରେ ସରକାରଙ୍କର ଅନ୍‌ଲାଇନ ମ୍ୟୁଟେସନ ଆରମ୍ଭ ହେବା ଠାରୁ ଅଫ୍‌ଲାଇନକୁ ଆମେ ବନ୍ଦ କରିଛୁ। ତେଣୁ ଯେଉଁମାନେ କୌଣସି କାରଣରୁ ଦାଖଲ ଖାରଜ କରିନାହାନ୍ତି ସେମାନେ ଆଉ କେବେବି କରିପାରିବେ ନାହିଁ । ଯାହାଫଳରେ କିଛି ଦିନ ତଳେ ବ୍ୟାକ୍-ଲକ ମାଧମରେ ହେଉଥିବା ଦାଖଲ ଖାରଜକୁ ମଧ ଏଠାରେ ବନ୍ଦ କରିଦିଆଯାଇଛି। ତେବେ ପ୍ରଶ୍ନଉଠେ ଯେଉଁମାନେ ପ୍ରକୃତରେ ଜମିର ଦାଖଲ ଖାରଜ କରିନାହାନ୍ତି ସେମାନେ କ'ଣ ଆଉ ନିଜ ନାମରେ ନିଜ ଜମିକୁ କରିପାରିବେ ନାହିଁ? ଏ ସମ୍ପର୍କରେ ଦାଖଲ ଖାରଜ କରୁଥିବା କିରାଣୀ ମହାଶୟଙ୍କୁ ପଚାରିବାରେ ଜଣାପଡିଲା ଯେ, ଅଧିକ ସଂଖ୍ୟାର ଦାଖଲ ଖାରଜ ମାମଲା ପଡି ରହିଥିବାରୁ ଜିଲ୍ଲାପାଳ ମୌଖିକ ଆଦେଶ କରି ଏହାକୁ ବନ୍ଦ କରିଦେଇଛନ୍ତି । ଏଠାରେ ଦୀର୍ଘ ୩୮ବର୍ଷ ହେବ ଅନେକ ମାମଲା ପଡିରହିଛି। ଏହି ଭିତରେ ଜିଲ୍ଲାପାଳ ମହାଶୟ ଜନୈକ ଦକ୍ଷ କିରାଣୀଙ୍କୁ ରେକର୍ଡ ରୁମ ଦାୟିତ୍ୱରେ ଅବସ୍ଥାପିତ କରିଛନ୍ତି। ତାଙ୍କ ଆସିବା ପରଠାରୁ ଅଫିସର କାର୍ଯ୍ୟଧାରାରେ କିଛିଟା ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ପୁରୁଣା ଏବଂ ନୂଆ ମାମଲାକୁ ମିଶାଇ କିଛି ଲୋକଙ୍କୁ ଜମିପଟ୍ଟା ମିଳିଛି। ହେଲେ ଯାହା ଶୁଣାଯାଏ ଏପରିକି ୨୦୧୩ ମସିହାରେ ଆବେଦନ କରାଯାଇଥିବା ନୋଜଲ ପ୍ରଜା କେସ୍‌ର ସମାଧାନ କରାଯାଇ ଲୋକଙ୍କୁ ପଟ୍ଟା ଦିଆଯାଇଛି। ତେବେ ଏହାର ଅଧିକ ଅନୁସନ୍ଧାନ ଆବଶ୍ୟକ। କାରଣ ୨୦୧୧-୧୨ ମସିହାରୁ ପଡିଥିବା ମାମଲାର ସମାଧାନ ନ ହୋଇ ୨୦୧୬-୧୭ ମସିହା ମାମଲାର ସମାଧାନ କରାଯାଉଛି। ଯେଉଁ କେସ୍ ଗୁଡିକ ସମାଧାନ ହେଉଛି ତାହାର ନମ୍ବର ସୂଚନା ବୋର୍ଡ ନଥିବାରୁ କାର୍ଯ୍ୟାଳୟ କବାଟରେ ଝୁଲାଇ ଦିଆଯାଉଛି। ଏଭଳି ଅନେକ ସମସ୍ୟା ଏଠାରେ ଦେଖିବାକୁ ମିଳିଛି। ଗତ ୩ବର୍ଷ ଭିତରେ ରାଜସ୍ୱ କମିଶନର, ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଏହି କାର୍ଯ୍ୟାଳୟକୁ ବାରମ୍ବାର ଆସି ପରିଦର୍ଶନ କରିଛନ୍ତି। ହେଲେ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ଦେଖା ନଦେବାରୁ ସ୍ଥାନୀୟ ଜନସାଧାରଣଙ୍କ ମନରେ ଘୋର ଅସନ୍ତୋଷ ସୃଷ୍ଟି ହେଉଛି। ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବିବାହ ଆଳ ...

ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ଗଞ୍ଜାମ ଓ କେନ୍ଦୁଝରରେ ବାଲ୍ୟବିବାହର ସଂଖ୍ୟା ଅଧିକ। ମାଲକାନଗିରିରେ ବାଲ୍ୟବିବାହର ପରିମାଣ ୭୮.୧% ରହିଥିବାବେଳେ ନବରଙ୍ଗପୁରରେ ୭୨.୫%, କୋରାପୁଟରେ ୬୨.୧%, ରାୟଗଡ଼ାରେ ୫୮.୩%, ଗଞ୍ଜାମରେ ୫୧.୫%, ନୟାଗଡ଼ରେ ୪୩ %, ଗଜପତିରେ ୪୩ % ଓ ମୟୂରଭଞ୍ଜରେ ୪୨.୨ ପ୍ରତିଶତ ରହିଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମଣିପୁର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଲକ୍ଷ୍ମୀକାନ୍ତ ମହାପାତ୍ର କହିଥିଲେ ଯେ ଦାରିଦ୍ର୍ୟ, ନିରକ୍ଷରତା ଏବଂ ଅନ୍ଧବିଶ୍ୱାସ ଯୋଗୁଁ ବାଲ୍ୟବିବାହ ଆମ ଦେଶରେ ବଢ଼ିବାରେ ଲାଗିଛି। ଯୌତୁକ ମଧ ବାଲ୍ୟବିବାହର ପ୍ରମୁଖ କାରଣ। ତେବେ ଏଭଳି ଏକ ସାମାଜିକ ବ୍ୟାଧିରୁ ମୁକୁଳିବା ପାଇଁ ସଚେତନତାର ଆବଶ୍ୟକତା ରହିଛି। ଏହି କର୍ମଶାଳାରେ ଅନ୍ୟତମ ଅତିଥିଭାବେ ଯୋଗଦେଇ ବରିଷ୍ଠ ଆଇନଜୀବୀ ସୌର୍ଯ୍ୟ ସୁନ୍ଦର ଦାସ କହିଥିଲେ ଯେ, ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ ତୁଳନାରେ ଆମ ରାଜ୍ୟରେ ବାଲ୍ୟବିବାହର ସଂଖ୍ୟା କମ୍। ତେବେ ଏହାକୁ କିଭଳି ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇପାରିବ ସେ ଦିଗରେ ସଚେତନ କରାଯିବାର ଆବଶ୍ୟକତା ରହିଛି।

### ଶିକ୍ଷା ପାଇଁ ...

ଭାରତ ଓ ଅଷ୍ଟ୍ରେଲିଆ ମଧରେ ସମ୍ପର୍କର ସେତୁ ଭଳି କାର୍ଯ୍ୟକରିଛି। ଭାରତକୁ ବିଦେଶୀ ଛାତ୍ର ଆସିବା ସଂଖ୍ୟା କମିବାରେ ଲାଗିଛି। ୨୦୧୮ ମସିହା ଜାନୁଆରୀରେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଲୋକସଭାରେ ଦେଇଥିବା ସୂଚନା ଅନୁଯାୟୀ ୨୦୧୭ ମସିହାରେ ଭାରତ ୩୬,୮୮୭ ଛାତ୍ରଙ୍କୁ ଭିସା ପ୍ରଦାନ କରିଛି। ଏହା ୨୦୧୬ ମସିହାରେ ୩୭,୯୪୭ ଥିଲା। ୟୁକେ ଏବଂ ଆୟରଲ୍ୟାଣ୍ଡରେ ଭାରତୀୟଙ୍କ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟରତ ଏକ କମ୍ପାନୀ ଫତେ ଏଜୁକେସନ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁନୀତ ସିଂହ କୋଚରଙ୍କ କହିବା ଅନୁଯାୟୀ, ଭାରତରେ ବିଦେଶୀ ଛାତ୍ରମାନଙ୍କର ଯେଉଁଭଳି ଆଶା ରହୁଛି, ସେହିଭଳି ସଫଳତା ମିଳିପାରୁନାହିଁ, ତେଣୁ ସେମାନେ ପୁଣି ସ୍ୱଗୃହ ପ୍ରତ୍ୟାବର୍ତ୍ତନ କରୁଛନ୍ତି। କିନ୍ତୁ ଅଷ୍ଟ୍ରେଲିଆ ଭଳି ସ୍ଥାନରେ ବୃତ୍ତି ପରି ଅଫର ଭାରତୀୟଙ୍କ ଆକର୍ଷିତ କରିବାରେ ସମର୍ଥ ହୋଇଛି। ଗତ କିଛି ବର୍ଷ ହେଲା ବ୍ରିଟେନ୍, ଆମେରିକା ଏବଂ କ୍ୟାନାଡ଼ା ଆଦି ଦେଶର କମ୍ପାନୀସମୂହ ଭାରତରୁ ଅଧିକ ମାତ୍ରାରେ ନିଯୁକ୍ତି ଦେବାରେ ସକ୍ରିୟତା ଦେଖାଇଛନ୍ତି। ଏହା ହିଁ ଭାରତୀୟ ଛାତ୍ରଛାତ୍ରୀଙ୍କ ଅଧିକ ବିଦେଶ ଯାତ୍ରା ଏବଂ ବିଦେଶରେ ଅଧିକ ଖର୍ଚ୍ଚର ପ୍ରମୁଖ କାରଣ ବୋଲି କୁହାଯାଉଛି।

### ସାବାଡ ହେବେ ...

ଏହି ନିୟମ ସବୁଦିନ ପାଇଁ ବଳବତ୍ତର ରହିଲେ ଏହା ସହବରସୀଙ୍କ ପାଇଁ ବେଶ୍ ଲାଭଦାୟକ ହେବ। ପ୍ରତ୍ୟେକ ଦିନ ରାଜଧାନୀରେ ବେପରୁଆ ଗାଡି ଚାଳନା ଯୋଗୁଁ ଦିନକୁ ୩ ରୁ ୪ ଜଣ ନିରୀହ ବ୍ୟକ୍ତିଙ୍କ ଜୀବନ ଚାଲିଯାଉଛି। କମିଶନରଙ୍କ ଏହି କଡାକଡି ନିୟମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ଶିକ୍ଷାକେନ୍ଦ୍ର ନା ମରଣଯନ୍ତା !



**କେନ୍ଦ୍ରାପଡ଼ା :** ସ୍ୱଚ୍ଛ ଭାରତ ନିମନ୍ତେ ସରକାର ଖୁବ୍ ଚେଷ୍ଟିତ ଥିବା ବେଳେ, ଶିକ୍ଷାକ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଥିବାର ଡିଣ୍ଡିମ୍ ପିଟୁଛନ୍ତି। ହେଲେ କେନ୍ଦ୍ରାପଡାର ଏକ ଘରୋଇ ଶିକ୍ଷାକେନ୍ଦ୍ର ପ୍ରତି ପ୍ରଶାସନ ଅଣଦେଖା କରୁଛନ୍ତି। ସହରର ମୀରପାଟଣା ସ୍ଥିତ ଏକ ଘରୋଇ ବିଦ୍ୟାଳୟ ଯାହାକି ଜିଲ୍ଲାର ପୁରାତନ ଶିକ୍ଷାକେନ୍ଦ୍ର ଭାବେ ବେଶ୍ ଜଣାଶୁଣା। ଆଜିଯାଏ ଏହା ଅନେକ ଆଦର୍ଶ ଛାତ୍ରଛାତ୍ରୀ ଗଢିବା ସହ ଜିଲ୍ଲା ପାଇଁ ଅନେକ ଖ୍ୟାତି ଅର୍ଜନ କରିଥିବା ଜଣାଯାଏ। ହେଲେ ଆଜିର ଦିନରେ ଏହି ଶିକ୍ଷାକେନ୍ଦ୍ରର ବାହ୍ୟ ପରିବେଶ ଯେତିକି ଦୁଃଖଦ ସେତିକି ଭୟଙ୍କର। ଏହି ସ୍କୁଲ୍ ଯିବା ବାଟରେ ସ୍ଥାନୀୟ ଲୋକେ ଗାଈଗୋରୁଙ୍କୁ ବାନ୍ଧିବା ସହ ଉକ୍ତ ରାସ୍ତାରେ ଅଇଁଠା ବାସନମଜା ପାଣି, ଗାଧୁଆ ପାଣି ଏବଂ ନର୍ଦ୍ଦମା ପାଣି ଛାଡି ଏହି ଶିକ୍ଷା ପରିବେଶକୁ ଖୁବ୍ ପୂତିଗନ୍ଧମୟ କରିଛି। ଏହାଛଡା ଆଉ ଏକ ସାଙ୍ଘାତିକ ସମସ୍ୟା ସୃଷ୍ଟି କରିଛି ଏହି ଶିକ୍ଷାନୁଷ୍ଠାନର ସମ୍ମୁଖଭାଗ। ଏଠାରେ ଥିବା ଡ୍ରେନର ସ୍ଲାବ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଅଭିଭାବକମାନେ କୋମଳମତୀ ଶିଶୁଙ୍କୁ ଏଠାକୁ ଛାଡ଼ିବାକୁ ଅସୁରକ୍ଷିତ ମନେକରୁଛନ୍ତି, ଯାହାକି ମରଣଯନ୍ତା ସଦୃଶ। ଏ ସମ୍ପର୍କରେ ବିଦ୍ୟାଳୟର କର୍ମକର୍ତ୍ତା କୁହନ୍ତି ଯେ ଏହାର ମରାମତି ପାଇଁ ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଗୋଚର କରାଯାଇଛି। ତେଣୁ ଏହାର ସମାଧାନ ଖୁବ୍ ଶିଘ୍ର ହୋଇଯିବ। ସୂଚନାଯୋଗ୍ୟ- ଏ ସମ୍ପର୍କରେ ଆମ୍ଭ ଗଣମାଧମରେ ପୂର୍ବରୁ ପ୍ରକାଶ ହୋଇଥିଲା, ହେଲେ ଫଳ ଶୂନ୍ୟ। ତେବେ ବେଳହୁଁ ସାବଧାନ, ଜିଲ୍ଲା ପ୍ରଶାସନ ହୁଅନ୍ତୁ ବା ଶିକ୍ଷା କେନ୍ଦ୍ରର କର୍ମକର୍ତ୍ତା ଖୁବ୍‌ଶିଘ୍ର ଏଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ, ନ ହେଲେ ଆଗକୁ ପରିସ୍ଥିତି ଭୟଙ୍କର ହୋଇପଡ଼ିଲେ ଦାୟୀ କିଏ ହେବ?

ପର୍ଯ୍ୟଟନ ଚିତ୍ର

## ଅଗଷ୍ଟାଇନ୍ ଚର୍ଚ୍ଚ ଓ ଗୋପନ ଦସ୍ତାବିଜ

# ନନେରୀ ଅଫ୍ ସେଣ୍ଟ୍ ମୋନିକା



ଆପଣ ମାନଙ୍କର ମନେ ଥିବ ଯେ, ପୂର୍ବ ସ୍ତମ୍ଭରେ ଆପଣମାନଙ୍କୁ ସେଣ୍ଟ୍ ଅଗଷ୍ଟାଇନ୍ ଚର୍ଚ୍ଚ ବିଷୟରେ ସୂଚନା ଦେଇଥିଲି। କିନ୍ତୁ ସେହି ଚର୍ଚ୍ଚର ଇତିହାସ ଏବଂ ପରମ୍ପରା ଏତେ ବିଭଦରେ ଭରି ରହିଥିଲା ଯେ, ତାହା ଗତ ସ୍ତମ୍ଭରେ ଶେଷ ହୋଇ ନଥିଲା। ପୁଣିଥରେ ମନେ ପକାଇ ଦେବି ଯେ, ମୁଁ କିଛି ପର୍ଯ୍ୟଟକ ମାନଙ୍କ ସହ ଥିବା ଜଣେ ଗାଇଡ୍‌ଙ୍କ ସହ ମୁଁ ଏକାଠି ବୁଲୁଥିଲି ଏବଂ ଅନେକ ସମୟ ଲୁଚିଲୁଚି ବୁଲିବା ପରେ ଶେଷରେ ଗାଇଡ୍‌ଙ୍କ ସାମ୍ନାରେ ପଡିଥିଲି। ହେଲେ ମୋର ଜିଜ୍ଞାସୁ ମନକୁ ବୋଧେ ସମ୍ମାନ ଜଣାଇ ସେ ଏବେ ମୋତେ ସେଣ୍ଟ୍ ଅଗଷ୍ଟାଇନ୍ ଚର୍ଚ୍ଚ ସମ୍ପର୍କରେ ଥିବା ଅନେକ ଅଜଣା କଥା କହିବାକୁ ଆରମ୍ଭ କରିଥିଲେ। ଯେମିତି କି ଆପଣମାନଙ୍କୁ ସୂଚନା ଦେଇଥିଲି ଯେ, ଜର୍ଜିଆର କାଖେଟି ରାଜବଂଶର ରାଣୀ କେଟେଭାନ୍‌ଙ୍କ ସମ୍ପର୍କ ମଧ୍ୟ ଏହି ର୍ଚ୍ଚ ସହ ଥିବା ଅନେକ ବିଶ୍ୱାସ କରନ୍ତି। ଏହିକଥା ଗାଇଡ୍ ଜଣଙ୍କ ପର୍ଯ୍ୟଟକମାନଙ୍କୁ ବୁଝାଇବା ସମୟରେ ରାଜାଙ୍କର ମୃତ୍ୟୁ ପରେ ଶାହା ଆବାସ ଏହି ରାଜ୍ୟକୁ ଦଖଲକୁ ନେଇଥିଲେ। ଏହାପରେ ରାଣୀ କେଟେଭାନ୍‌ଙ୍କୁ ଶାହା ଆବାସ ବନ୍ଦୀ କରିଥିଲେ ଏବଂ ତାଙ୍କୁ ମୁସଲମାନ୍ ଧର୍ମ ଗ୍ରହଣ କରିବାକୁ କହିଥିଲେ। ହେଲେ ରାଣୀ କାଟେଭାନ୍ ନିଜ ଧର୍ମ ପରିବର୍ତ୍ତନ କରିବାକୁ ମନା କରିଦେଇଥିଲେ। ଏପରି ବି କୁହାଯାଏ ଯେ ପ୍ରାୟ ଏକ ଦଶନ୍ଧି ଧରି ସେ ଏପରି ବନ୍ଦୀ ଭାବରେ ଇରାନ୍‌ରେ ରହିଥିଲେ। ଶେଷରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। କୌଣସି ଶେଷକର୍ମ କରାନଯାଇ ତାଙ୍କ ମରଶରୀରକୁ ମାଟି ତଳେ ପୋତା ଯାଇଥିଲା। କିନ୍ତୁ ସୌଭାଗ୍ୟ ବଶତଃ ତାଙ୍କ ଜୀବନର ଶେଷ ସମୟ ଆଡକୁ ରାଣୀ ଦୁଇଜଣ ଅଗଷ୍ଟାଇନ୍ ସନ୍ଥଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ ଆଉ ସେଇ ଅଗଷ୍ଟାଇନ୍ ସନ୍ଥମାନେ ମଧ୍ୟ ଅନେକ ପର୍ତ୍ତୁଗୀଜ ପ୍ରାଚୀନ ରଚନାରେ ଏହା ମଧ୍ୟ ବର୍ଣ୍ଣନା ରହିଛି ଯେ, ରାଣୀଙ୍କ ମୃତ ଶରୀରକୁ ଏକ କଳାବାକ୍ସ ମଧ୍ୟରେ ଏହି ଚର୍ଚ୍ଚ ମଧ୍ୟରେ ରଖାଯାଇଥିଲା। ହେଲେ ଯେତେବେଳେ ଏହି ଚର୍ଚ୍ଚ ଧ୍ୱଂସ ହେବାରେ ଲାଗିଲା ସେତେବେଳେ ରାଣୀ କାଟେଭାନ୍‌ଙ୍କର କବର ମଧ୍ୟ ଲୁଟ୍ ହୋଇଥିବା ବିଶ୍ୱାସ କରାଯାଏ। କିନ୍ତୁ ଏବେ ପ୍ରତ୍ନତାତ୍ତ୍ୱିକ ଖନନ ସମୟରେ ଜଣେ ମହିଳାଙ୍କ ହାତରେ ହାଡ ମିଳିଥିବା ସୂଚନା ମିଳେ। ଆଉ ବିଶ୍ୱାସ ମଧ୍ୟ କରାଯାଏ ଯେ, ଏହି ହାଡ ଗୁଡିକ ରାଣୀ କାଟେଭାନ୍‌ଙ୍କର ହୋଇଥାଇପାରେ। ଏମିତି ଏକ ରୋମାଞ୍ଚକର ତଥ୍ୟ ବଖାଣୁ ବଖାଣୁ ଆମେ ପ୍ରାୟ ଚର୍ଚ୍ଚର ପ୍ରତ୍ୟେକ ପାର୍ଶ୍ୱ ବୁଲିସାରିଥିଲୁ। ଗାଇଡ୍ ଜଣକ ଏବେ ଅନ୍ୟ ପର୍ଯ୍ୟଟକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବାରେ ଲାଗିଥିଲେ। ମୁଁ ଆଉ କିଛି ପଚାରିବାକୁ ଚାହୁଁନଥିଲି। ମାଗଣା ପାଇଲେ ରାଳ ପିଇବା ଭଳି ପରିବେଶ ସୃଷ୍ଟି କରିବାକୁ ଚାହୁଁ ନଥିଲି। ମୁଁ ଯେତେବେଳେ ତାଙ୍କୁ ଦନ୍ୟବାଦ ଜଣାଇ ବିଦାୟ ନେବାକୁ ଚାହିଁଲି ସେ ମୋତେ ପାଖରେ ଥିବା ଆଉ ଏକ ପ୍ରାଚୀନ କିର୍ତ୍ତୀ ତାଙ୍କ ସହ ଦେଖିବା ପାଇଁ ଅନୁରୋଧ କଲେ। ତାଙ୍କ କଥା ମୁଁ କାଟି ପାରିଲି ନାହିଁ ଏବଂ ତାଙ୍କ ସହ ଚାଲିବାକୁ ଆରମ୍ଭ କଲି। ପ୍ରକୃତରେ ସେଣ୍ଟ ଅଗଷ୍ଟାଇନ୍ ଚର୍ଚ୍ଚ ନିକଟରେ ରହିଥିଲା ଆଉଏକ ପ୍ରାଚୀନ ସ୍ଥାନ। ଯାହାର ନାଁ ଥିଲା ନନେରୀ ଅଫ୍ ସେଣ୍ଟ୍ ମୋନିକା। ଏମିତି ଏକ ନାଁ ମୋ ପାଇଁ ନୂଆ ଥିଲା। ତେଣୁ ଯେତେବେଳେ ଗାଇଡ୍ ଜଣକ ମୋତେ କହିଲେ ମୁଁ ମଧ୍ୟ ଆଶ୍ଚର୍ଯ୍ୟ ହେଲି। ହେଲେ ବ୍ୟତିବ୍ୟସ୍ତ ନ ହୋଇ ତାଙ୍କ ସହ ସେହି ସ୍ଥାନକୁ ଚାଲିଲି। ତେବେ ଗାଇଡ୍ ଜଣଙ୍କ ବୋଧେ ମୋ ମନରେ ଥିବା ଜିଜ୍ଞାସା ଭାବକୁ ବୁଝି ପାରିଲେ। ସେ ଖାଲି ସଂକ୍ଷେପରେ ମୋତେ ସୂଚନା ଦେଲେ ଯେ, ଏହା ନନ୍ ମାନଙ୍କର ରହିବା ସ୍ଥାନ। ଏବେ ଏହା ଖ୍ରୀଷ୍ଟ ଧର୍ମ ସମ୍ବନ୍ଧୀୟ ବିଭିନ୍ନ କଳା କାରୁକାର୍ଯ୍ୟର ଏକ ସୁନ୍ଦର ମ୍ୟୁଜିୟମ୍ ଅଟେ। ପ୍ରକୃତରେ ଏହି ସ୍ଥାନଟି ସେଣ୍ଟ୍ ଅଗଷ୍ଟାଇନ୍ ଚର୍ଚ୍ଚଠାରୁ ପ୍ରାୟ ୩୦୦ ମିଟର ଦୂରତାରେ ରହିଥିଲା। ଆମେ ସାମାନ୍ୟ କଥାବର୍ତ୍ତା ହେବା ଭିତରେ ହିଁ ସେହି ସ୍ଥାନରେ ପହଞ୍ଚି ସାରିଥିଲୁ। ଆଉ ମୁଁ ଅତି ସମ୍ଭ୍ରମତାର ସହ ଗାଇଡ୍ ଜଣଙ୍କୁ ପ୍ରଥମେ ପଚାରିଥିଲି ଯେ, ସେଣ୍ଟ୍ ମୋନିକା କିଏ ସେ ମୋର ପ୍ରଶ୍ନ ଶୁଣି ଖୁବ୍ ଖୁସି ହେଲେ ଏବଂ ସମସ୍ତ ପର୍ଯ୍ୟଟକ ମାନଙ୍କୁ ଅନୁରୋଧ ମଧ୍ୟ କଲେ ଯେ, ଯାହା ମନରେ ଯାହା ପ୍ରଶ୍ନ ଅଛି ପଚାରିପାରିବେ। ତେବେ ମୋ ପ୍ରଶ୍ନରେ ସେ ସମସ୍ତଙ୍କୁ ସୂଚନା ଦେଲେ ଯେ, ସେଣ୍ଟ ମୋନିକା ହେଉଛନ୍ତି ସେଣ୍ଟ୍ ଅଗଷ୍ଟାଇନ୍‌ଙ୍କ ମା'। ଯାହାଙ୍କ ନାମରେ ଏହି ସ୍ଥାନ ନାମିତ।

କ୍ରମଶଃ...



ଆସ ବୁଲିଯିବା

ଉପସ୍ଥାପନା
ଜାହ୍ନବୀସୁତ



ଗୋଆ

## ଡଅଁରମୁଣ୍ଡ ଗ୍ରାମରେ ମାଙ୍କଡ଼ ଉପଦ୍ରବ

**ମାର୍ଶାଘାଇ :** ମାର୍ଶାଘାଇ ଥାନା ଅନ୍ତର୍ଗତ ଡ଼ଅଁରମୁଣ୍ଡ ଗ୍ରାମରେ ଗତ ୨ଦିନ ହେଲା ଏକ ମାଙ୍କଡ଼ ଲୋକମାନଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡୁଥିବାର ଜଣାପଡ଼ିଛି । ଏଥିରେ ୫ ଜଣ ଆହାତ ହୋଇଥିବା ବେଳେ ଡ଼ଅଁରମୁଣ୍ଡ ଗ୍ରାମର ଅଜୟ ପ୍ରଧାନଙ୍କ ପତ୍ନୀ ଟିକି ପ୍ରଧାନ(୨୫) ଘର ଲିପୁଥିବା ସମୟରେ ମାଙ୍କଡ଼ କାମୁଡ଼ିଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲରୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଅନ୍ୟ ମାନେ ସାଧାରଣ ଭାବରେ ଆହାତ ହୋଇଛନ୍ତି । ଏସମ୍ପର୍କରେ ମାର୍ଶାଘାଇ ବନ ବିଭାଗକୁ ଜଣାଇବା ପରେ ଘଟଣା ସ୍ଥଳରେ ଗୋଟିଏ ମାଙ୍କଡ଼ ଧରା ଟିମ୍ ଅନ୍ୟତ୍ର ଯାଇଥିବାରୁ ଆସନ୍ତାକାଲି ଡ଼ଅଁରମୁଣ୍ଡ ଗ୍ରାମରୁ ମାଙ୍କଡ଼ ଉଦ୍ଧାର କାର୍ଯ୍ୟ କରାଯିବ ବୋଲି କହିଛନ୍ତି ।

## ବିକାଶ ଆବାସିକ ବିଦ୍ୟାଳୟରେ ନୂତନ ନେତୃମଣ୍ଡଳୀ ଚୟନ ଓ ଶପଥ ପାଠ



**ବରଗଡ଼ :** ପ୍ରତିବର୍ଷ ଭଳି ଚଳିତ ବର୍ଷ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ ରେ ନୂତନ ନେତୃମଣ୍ଡଳୀ ଚୟନ କରାଯାଇଛି। ବିଦ୍ୟାଳୟର ଚାରୋଟି ସଦନ ଯଥା - ମହାନଦୀ ସଦନ, ଗଙ୍ଗା ସଦନ, ଯମୁନା ସଦନ, ଗୋଦାବରୀ ସଦନ ରେ ଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୃଙ୍ଖଳା ତଥା ପ୍ରତିଯୋଗିତା ଭାବ ବଜାୟ ରଖିବା ପାଇଁ ନୂତନ ନେତୃମଣ୍ଡଳୀ, ଅଧିନାୟକ ଚୟନ କରାଯାଇଛି ଏବଂ ପ୍ରତ୍ୟେକ ସଦନକୁ ସୁଚାରୁ ଭାବେ ପରିଚାଳନା କରିବା ପାଇଁ ଗୃହ ଶିକ୍ଷକ ଶିକ୍ଷୟିତ୍ରୀ ମନୋନୀତ କରାଯାଇଛି। ଏହି ଚୟନ ପ୍ରକ୍ରିୟାରେ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଡାଇରେକ୍ଟର ଏଡ୍‌ମିନିଷ୍ଟ୍ରେସନ୍ ଶ୍ରୀ ଡି.ନାଗେଶ୍ୱର ରାଓ, ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ଶ୍ରୀ ଚିତରଞ୍ଜନ ପତି, ଉପାଧ୍ୟକ୍ଷ ଶ୍ରୀ ମନୋରଞ୍ଜନ ପତି ମଂଚାସୀନ ହୋଇଥିଲେ। ମଂଚାସୀନ ଅତିଥିବୃନ୍ଦ ବିଦ୍ୟାଳୟର ହେଡ୍‌ବୟ୍ ଅଭିଷେକ ଅଗ୍ରୱାଲ, ହେଡ୍‌ଗାର୍ଲ ସୀମା ମେହେର ଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ବ୍ୟାଚ୍ ପ୍ରଦାନ କରିଥିଲେ। ସେହିପରି ମହାନଦୀ ସଦନର ଛାତ୍ରଛାତ୍ରୀ ପ୍ରତିନିଧି ଭାବେ ୟୁ. ସାଇ ସମୁନ୍ଦର ଓ ଲିପ୍ସିତା ଶତପଥୀ, ଗଙ୍ଗା ସଦନର ନିଶାନ୍ତ ପତି ଓ ଏନ୍. ରିତିକା, ଯମୁନା ସଦନର ଆଦିତ୍ୟ ଶିଦ୍ଧାର୍ଥ ଜ୍ୟୋତି ଓ ଖୁସି ଜୋନ୍‌ପୁରୀ, ଗୋଦାବରୀ ସଦନର ସ୍ୱୟଂ ଶେଖର ବିଶ୍ୱାଳ ଓ ନିହାରୀକା ସାହୁ ତଥା ହଷ୍ଟେଲ୍ ପ୍ରିଫେକ୍ଟ ପାଇଁ ପ୍ରତ୍ୟୁଷ ଭୁକ୍ତା ଓ ସଂସ୍କୃତି ସଂପନ୍ନା ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ ଓ ବ୍ୟାଚ୍ ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୟାନ୍ୟ କ୍ଲବ୍ ଓ କମିଟୀ ପାଇଁ ଚୟନ ହୋଇଥିବା ଛାତ୍ରଛାତ୍ରୀ ପ୍ରତିନିଧି ଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ପରେ ପରେ ପ୍ରତିନିଧିଗଣ ଶପଥ ପାଠ କରି ନିଜ ନିଜ ସଦନ ତଥା ବିଭାଗର ସମ୍ମାନ ବଜାୟ ରଖିବା ପାଇଁ ପ୍ରତିଶୃତି ଦେଇଥିଲେ।

## କଳାହାଣ୍ଡି ଜିଲ୍ଲା ପରିକ୍ରମା

**ଗ୍ରାମ୍ୟ ଉନ୍ନୟନ ବିଭାଗ :** କଳାହାଣ୍ଡି ଜିଲ୍ଲାର ମୁଖ୍ୟମନ୍ତ୍ରୀ ଯୋଜନା ଅଧିନରେ ହେଉଥିବା ବିଭିନ୍ନ ରାସ୍ତାଗୁଡିକ ଏତେ ନିମ୍ନ ମାନର ଯେ, ନୂଆ ତିଆରି ହୋଇଥିବା ରାସ୍ତା ୭ଦିନ ଭିତରେ ଫାଟି ଆଁ କରୁଛି । ବର୍ତ୍ତମାନ ବିପିଦ ଶଙ୍କୁଳ ଅବସ୍ଥାରେ ଭାନପୁର ଠାରୁ ଘୋଡାବନ୍ଧ ଦେଇ ଯାଉଥିବା ପ୍ରଧାନମନ୍ତ୍ରୀ ସଡକ ଓ କିଛି ମୁଖ୍ୟମନ୍ତ୍ରୀ ସଡକ ଯୋଜନାର ଫାଟିଯାଇଥିବା ଫଟୋ ଚିତ୍ର ଯହା କି, ଜୁନାଗଡ ବ୍ଲକର ଏଥିରେ ପଠାଯାଇଛି ।

**ତହସିଲ କାର୍ଯ୍ୟାଳୟ :** ଜୁନାଗଡ ତହସିଲ ଅଧିନରେ ଥିବା ଉତ୍ସ ଗୁଡିକ ଜାଣିଶୁଣି ନିଲାମ ନକରାଇ ଦଲାଲ ମାନଙ୍କ ଦ୍ୱାରା ଚୋରାଚାଲାଣ କରାଇ ତହସିଲଦାର ଓ ତହସିଲ ଅଫିସ ମୋଟା ଅଙ୍କର ଟଙ୍କା ନିଜର ପକେଟସ୍ଥ କରିବାରେ ସକ୍ଷମ ହୋଇଛି । ଏହି ତହସିଲର ଆଟିଗାଁ, ଦାସିଗାଁ, ହାତୀନଦୀ, ଚିଙ୍କୁଡିସର, କୃଷ୍ଣଚନ୍ଦ୍ରପୁର, ତିଲକପୁର, ବଣିଜରା, ହାବସପୁର, ଭତ୍ରାଯୋର କୁସୁମଯୋର, ମାକରଶୋଳା ଓ ବନ୍ଧାଗାଁ ବାଲିଘାଟରୁ ବର୍ଷତମାମ ବାଲିଚୋରାଚାଲାଣ ହୋଇଥାଏ । ଏହି ତହସିଲର ଅନେକ ସଂରକ୍ଷିତ ଗ୍ରାମ୍ୟ ଜଙ୍ଗଲ କିସମର ପାହାଡକୁ ମଧ୍ୟ ନିଲାମ ନକରାଇ ପଥର ଚୋରାଚାଲାଣ କରାଯାଉଛି । ଶୁଣାଯାଏ, ଜୁନାଗଡର ଜୈନକ ମାରୱାଡି ସମ୍ପ୍ରଦାୟର ବ୍ୟକ୍ତି ପ୍ରଶାସନକୁ ଏପରି ଭାବରେ ଜାବୁଡିଧରିଛନ୍ତି ଯେ, ସାମ୍ବାଦିକ ମାନେ ମଧ୍ୟ ତାଙ୍କର ଖବର ବାରମ୍ବାର ଛାପିଲେ ମଧ୍ୟ ପ୍ରଶାସନର ଦିନ ଭାଙ୍ଗନାହିଁ । ଏପରିକି ନଦୀ ଗର୍ଭରେ ପୋକଲିନ୍ ବା ଜେ.ସି.ପି. ଲଗାଇ ବାଲିକାଢିବାକୁ ଲୋକମାନଙ୍କୁ ମୌଖିକ ଆଦେଶ ଦିଆଯାଉଛି । ସେହିପରି କେସିଙ୍ଗା ତହସିଲଦାର ଶ୍ରୀଯୁକ୍ତ ଖମାରୀ ବାଲିଚୋରାଚାଲାଣରେ ଦଲାଲମାନଙ୍କୁ ସାହାଯ୍ୟ କରିବା କିଛି ଦିନ ତଳେ ଫଟୋ ଚିତ୍ର ସହିତ ଧରିତ୍ର ଖବର କାଗରେ ପ୍ରକାଶିତ ହୋଇଥିଲା । ସବୁଠାରୁ ବଡକଥା ରକ୍ଷକ ନିଜେ ଭକ୍ଷକ ସାଜିଛନ୍ତି । ଶ୍ରୀଯୁକ୍ତ ଖମାରୀ ଜଣେ ତହସିଲଦାର ହୋଇ ମଧ୍ୟ ସରକାରୀ ଜାଗା ରାମନଗରପଡାସ୍ଥିତ (ଭବାନୀପାଟଣା) ଜବର ଦଖଲ କରି ବିରାଟ ଅଟ୍ଟାଳିକା ତିଆରି କରିଛନ୍ତି । ଏହି ଖବର ଉପରେ ଅନେକ ତର୍ଜମା କରାଯାଇ ମଧ୍ୟ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ପ୍ରଶାସନ ଦ୍ୱାରା ନିଆଯାଇନାହିଁ । ଯେଉଁ ଜିଲ୍ଲାର ଜଣେ ତହସିଲଦାର ସରକାରୀ ଜମି ଜବଦରଦଖଲ କରନ୍ତି ସେ ଜିଲ୍ଲାର ଗରୀବ ମାନେ ପଟ୍ଟା ପାଇବେ କେମିତି ? ଅନ୍ୟମାନଙ୍କର ଜବରଦଖଲ ଉଚ୍ଛେଦ କରିବେ କିପରି ? ଏହାର ଜବାବ ଜନସାଧାରଣ ମାଗିବା ସ୍ୱାଭାବିକ । ଏସବୁ ବାବଦରେ ଜିଲ୍ଲାପାଳ କେବେ ବି କୌଣସି ପଦକ୍ଷେପ ନେବାର ଦେଖାଯାଇନାହିଁ । କଳାହାଣ୍ଡି ତହସିଲ, ଭବାନୀପାଟଣାଙ୍କ ପୁରୁଣାହୋଇଯାଇଥିବା ଦାଖଲଖାରଜ କେସଗୁଡିକ ଅଲିଆ ଗଦାରେ ପକାଇ ଏବେ ନୂତନ ଭାବରେ ଅନଲାଇନ୍ ଦାଖଲ ଖାରଜକୁ ତୁରନ୍ତ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି କାରଣ ଏହି ସରକାରୀ ଆଦେଶକୁ ବେଖାତିର କଲେ ତହସିଲଦାର ବା ତହସିଲ ଅଫିସର କିରାଣି ମାନଙ୍କର ଚାକିର ଚାଲିଯିବାର ଭୟ ଅଛି । ଏହିପପରି ଜିଲ୍ଲାର ସମସ୍ତ ତହସିଲ ତଥା ରାମପୁର, ନର୍ଲା, ଜୟପାଟଣା, କୋକସରା ଓ କର୍ଲାମୁଣ୍ଡା ତହସିଲରେ ଏହିପରି ଭାବରେ କାର୍ଯ୍ୟଚାଲୁଅଛି ।

**ପଞ୍ଚାୟତ ସମିତି :** ୧୩ ଗୋଟି ପଚାଂୟତ ସମିତି ବିଶିଷ୍ଟ କଳାହାଣ୍ଡି ଜିଲ୍ଲାରେ ବହୁ କମ୍ ବି.ଡି.ଓ.ଙ୍କୁ ରଖାଯାଇ କାର୍ଯ୍ୟ କରାଯାଉଛି ଏପରିକି ଜଣେ ବିଡିଓ ଦୁଇ ରୁ ତିନି ବ୍ଲକ ସମ୍ଭାଳୁଛନ୍ତି । ମନଇଚ୍ଛା ଖର୍ଚ୍ଚକରି ଯେତେ ଉନ୍ନତି ମୂଳକ କାର୍ଯ୍ୟ କଲେ ମଧ୍ୟ ତାହା ଜନସାଧାରଣଙ୍କ ମନକୁ ଛୁଇଁପାରୁନାହିଁ । ଅର୍ଥ ତୋସରପାତ ଓ ଅନୀୟମିତତା ଉପରେ ଖବରକାଗଜରେ ପ୍ରକାଶ କଲେ କିଛି ରାଜନୈତିକ ଲୋକ ହତ୍ୟା ଧମକ ଦେବାକୁ ପଛାଉନାହାନ୍ତି । ନିକଟ ଅତୀତରେ ଭିଜିଲାନ୍ସ ଦ୍ୱାରା ଏକ ପଚାଂୟତ ଅଫିସକୁ ତଦାରକ କଲାପରେ ଜଣେ ପଚାଂୟତ କର୍ମି ଆତ୍ମହତ୍ୟା କରିଥିଲେ ।

**କ୍ଷୁଦ୍ର ଜଳସେଚନ ବିଭାଗ :** କଳାହାଣ୍ଡି କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ଅନିୟମିତତା କାର୍ଯ୍ୟ ଉପରେ ବାରମ୍ବାର ଖବର ପ୍ରସାରିତ ହେଲେ ମଧ୍ୟ କୌଣସି ସୁଧାର ଆସୁନାହିଁ । ଉକ୍ତ ନିର୍ବାହୀଯନ୍ତ୍ରୀ କେବଳ ରାଜନୈତିକ ଲୋକଙ୍କୁ ଡରନ୍ତି । ଜୈନିକ କନିଷ୍ଠଯନ୍ତ୍ରୀ ଏହି ବିଭାଗକୁ ବହୁ ବର୍ଷ ଧରି ନିଜ ଅକ୍ତିଆରରେ ରଖି ଏବେ ମୁଖ୍ୟଯନ୍ତ୍ରୀ କ୍ଷୁଦ୍ରଜଳସେଚନ ବିଭାଗ, ଭୁବନେଶ୍ୱରଙ୍କ ଦ୍ୱାରା ଅନ୍ୟତ୍ର ବଦଳି ହୋଇଛନ୍ତି । ଶୁଣାଯାଏ, ସେହି କନିଷ୍ଠଯନ୍ତ୍ରୀ ବହୁ ଛୋଟ ଛୋଟ ଠିକାଦାରମାନଙ୍କ ଠାରୁ କାମଦେବା ବାହାନାରେ ଅନେକ ଟଙ୍କା ଲୁଟି ନେଇଛନ୍ତି ।

**ରାସ୍ତା ଓ ଗୃହ ନିର୍ମାଣ ବିଭାଗ :** ଏହି ବିଭାଗର ନିର୍ବାହୀ ଯନ୍ତ୍ରୀ ଶ୍ରୀଯୁକ୍ତ ବାବୁ ମହାଶୟ କୌଣସି ଠିକାଦାରଙ୍କ ଠାରୁ ଟଙ୍କା ଲାଂଚ ଆକାରରେ ନିଅନ୍ତି ନାହିଁ ଏବଂ ଯେକେହି ଲୋକ ଗଲେ ଏପରିକି ଠିକାଦାର ନହୋଇଥିଲେ ମଧ୍ୟ ସେ କାମ ଖଣ୍ଡେ ଦେଇ ତାକୁ ସନ୍ତୁଷ୍ଟ କରିଥାନ୍ତି । ତେଣୁ ସେ ଭବାନୀପାଟଣା ଅଂଳରେ ସମସ୍ତଙ୍କର ପ୍ରିୟ ନିର୍ବାହୀଯନ୍ତ୍ରୀ ଭାବରେ ଅବସ୍ଥାପିତ ହୋଇଛନ୍ତି । ଭଗବାନ ଏଭଳି ଲୋକଙ୍କର ଉନ୍ନତି କରନ୍ତୁ ଏହାହିଁ କାମନା ।

ଅବକାରୀ ବିଭାଗ : କଳାହାଣ୍ଡି ଅବକାରୀ ବିଭାଗ ଆଶ୍ରୟରେ ପ୍ରାୟ ଜିଲ୍ଲାର ପ୍ରତ୍ୟେକ ମଦଦୋକନା ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ରୋଜଗାର କରି ବିଭାଗୀୟ ଲୋକଙ୍କୁ ମାଲାମାଲ କରି ରଖଛନ୍ତି । କାରଣ ମଦ ବୋତଲରେ ଛପା ହୋଇଥିବା ଦରଠାରୁ ଅଧିକ ଦଶ ଟଙ୍କା ନେଇ ମଦ ବିକ୍ରି କରନ୍ତି । ଆପତି କଲେ ପ୍ରତ୍ୟେକ ଦୋକାନୀ କହନ୍ତି ଆମ ନାମରେ ଏକସାଇଜ ସୁପରିଟେଣ୍ଡନଙ୍କୁ ଅଭିଯୋଗ କରନ୍ତୁ । ବିଚାର ମଦୁଆ ମାନେ ଡର ଓ ଲଜ୍ୟାରେ ଅଧିକ ପ୍ରାପ୍ୟ ଦେଇ ମଦ କିଣିବାକୁ ବାଧ୍ୟ ହୋଇଥାନ୍ତି । ଏହି ଜିଲ୍ଲାର ମଦ ପିଇବା ପାଇଁ କୌଣସି ଜାଗାର ବାରଣ ନାହିଁ । ଯିଏ ଯେଉଁଠାରେ ଚାହିଁବେ ମଦ ପିଇପାରିବେ।

**ଆଞ୍ଚଳିକ ପରିବହନ ବିଭାଗ :** କଳାହାଣ୍ଡିର ଏହି ବିଭାଗରେ ଅନ୍‌ଲାଇନ ମାଧ୍ୟମରେ ଲାଇସେନ୍ସ ନବୀକରଣ କରିବା ପାଇଁ ଗ୍ରାହକ ମାନେ ଦୀର୍ଘମାନ ପର୍ଯ୍ୟନ୍ତ ଅପୋକ୍ଷା କରନ୍ତି । ଦୀର୍ଘ ଦିନ ହେଲା ଏଠାକାର ବସ୍‌ଷ୍ଟାଣ୍ଡରେ ଏକ ଡିଜିଟାଲ ବୋର୍ଡ ଲଗାଇ ବିଭିନ୍ନ ବସ୍‌ମାନଙ୍କର ରୁଟ ଚାର୍ଟ ଓ ରେଟ ଚାର୍ଟ ଲଗାଇବା ପାଇଁ ଜନସାଧାରଣ ବାରମ୍ବାର ଅନୁରୋଧ ଖବରକାଗଜରେ ପ୍ରକାଶିତ ସାରିଛି । ପ୍ରଥମ କଥା ହେଲା ଜଣେ ଯାତ୍ରୀ ବସରେ ବସିବା ପୂର୍ବରୁ ଜାଣିବାର କଥା ଯେଉଁ ବସରେ ଯିବ ବସର ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କର ଲାଇସେନ୍ସ ଅଛି କି ନାହିଁ ଏବଂ ସରକାରଙ୍କର ଧାର୍ଯ୍ୟ ଦର କଣ ଅଛି ଏବଂ ଏହା କେଉଁ ରୁଟରେ ଯାଉଛି ଓ ଗାଡିକର ଇନ୍ୟୁସୁରେନ୍ସ ଅଛି କି ନାହିଁ ? ଏହି କଥା ଡିଜିଟାଲ ବୋର୍ଡ ଦ୍ୱାରା ସୂଚିତ କରାଗଲେ ଏଠାକାର ଜନସାଧାରଣଙ୍କ ଦାବି ପୂରଣ ହେବ ।

**ପୋଲିସ ବିଭାଗ :** କଳାହାଣ୍ଡି ଜିଲ୍ଲାର ପୋଲିସ ବିଭାଗର ନିଜର ରେକର୍ଡଭୁକ୍ତ ଜାଗାରେ କିଛି ବର୍ଷ ତଳେ ଦୋକାନ ଘରମାନ ନିର୍ମାଣ କରାଯାଇଥିଲା । ଗତ ବର୍ଷ ଏହାକୁ ଭାଙ୍ଗି ନୂତନ ଭାବରେ ରାସ୍ତାକୁ ଲଗାଇ ତିଆରି କରିବା ପାଇଁ ପ୍ରସ୍ତାବ ଅନୁମୋଦନ ହେଲା । କିନ୍ତୁ ଆଶ୍ଚର୍ଯ୍ୟର କଥା ପ୍ରଥମ ଥର ଦୋକାନ ଗୃହ ତିଆରି କଲାବେଳେ ଦୋକାନୀମାନଙ୍କ ଠାରୁ ଅମାନତ ପୋଲିସ ବିଭାଗର କୌଣସି ଏକ ଫଣ୍ଡରେ ରଖାଯାଇଥିଲା । କିନ୍ତୁ ଦ୍ୱିତୀୟ ଥର ନିର୍ମାଣ କଲାବେଳେ ପୁର୍ନବାର ଅମାନତ ଅର୍ଥ ଉପ-ଜିଲ୍ଲାପାଳଙ୍କ ମାର୍ଫତରେ ଭବାନୀପାଟଣା ବିଡିଓଙ୍କୁ ଦିଆଗଲା ଏବଂ ପୂର୍ବରୁ ଥିବା ଦୋକାନ ଗୃହର ସାଇଜ ଠାରୁ ପରବର୍ତୀ ପର୍ଯ୍ୟାୟରେ ତାକୁ ଛୋଟ କରାଯାଇ ରାସ୍ତାକୁ ଲଗାଇଦିଆଗଲା । ଇତି ମଧ୍ୟରେ ପୂର୍ବତନ ଆରକ୍ଷୀ ଅଧିକ୍ଷକ ଅନ୍ୟତ୍ର ବଦଳି ହୋଇଯାଇଛି ଓ ନୂଆ ଆରକ୍ଷୀ ଅଧିକ୍ଷକ ପଦଭାର ଗ୍ରହଣ କରିଛନ୍ତି । ଦେଖିବା ଆଗକୁ ଏ ଦୋକାନୀ ମାନଙ୍କର ଭାଗ୍ୟ ପୁଣି ବଦଳୁଛି ନା ଆଗପରି ରହୁଛି, କିନ୍ତୁ ପ୍ରଶ୍ନ ଉଠେ କେଉଁ କାରଣରୁ ଦୁଇ ଦୁଇ ଥର ଅମାନତ ଦୁଇଟି ଜାଗାରେ ରଖାଗଲା ତାହାର ପ୍ରକୃତ ରହସ୍ୟ ଅନୁସନ୍ଧାନ କଲେ ଜଣାପଡିବ । କିଛି ଦିନ ହେଲା ଭବାନୀପାଟଣା ଟାଉନରେ ଅନେକ ଗାଈ, ଗୋରୁ, ଛେଳି ଓ ମେଣ୍ଢା ଟ୍ରାଫିକ ସମ୍ଭାଳିବାରେ ବ୍ୟସ୍ତ ଅଛନ୍ତି। ବୋଧହୁଏ ପୋଲିସ ବିଭାଗ ଓ ପୌରପାଳିକ ଜାଣିଶୁଣି ଚୁପ୍ ରହିଛନ୍ତି ବୋଲି ଜନସାଧାରଣରେ ଆଲୋଚନା ହେଉଛି।



## ଶ୍ରୀକ୍ରିଷ୍ଟା ଇଣ୍ଟରନ୍ୟାସନାଲ ସ୍କୁଲରେ ସ୍ୱାଧୀନତା ଦିବସ ପାଳିତ

# ‘ସଂଗ୍ରାମୀଙ୍କ ବଳିଦାନ ଅବିସ୍ମରଣୀୟ’



**ଭୁବନେଶ୍ୱର :** ମଳିପଡା ସ୍ଥିତ ଶ୍ରୀକ୍ରିଷ୍ଟା ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ୭୨ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପରାଧୀନତାର ଶୃଙ୍ଖଳାରୁ ମୁକ୍ତ ହୋଇ ଯେତେବେଳେ ସମଗ୍ର ଭାରତବର୍ଷ ମୁକ୍ତିର ନୂତନ ସୂର୍ଯ୍ୟାଲୋକ ଦେଖିଲା ତାକୁ ସମଗ୍ର ଭାରତବାସୀ ‘ସ୍ୱାଧୀନତା ଦିବସ’ ରୂପେ ମାନ୍ୟତା ଦେଲେ। ଏହି ଅବସରରେ ବିଦ୍ୟାଳୟର ପରିବେଶକୁ ତ୍ରିରଙ୍ଗା ପତାକା ମାଧ୍ୟମରେ ସୁନ୍ଦର ଭାବରେ ସଜା ଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିଶିଷ୍ଟ ଆଇନଜ୍ଞ ଜଗନ୍ନାଥ ଦାସ ଓ ବିଦ୍ୟାଳୟର ଚେୟାରମ୍ୟାନ୍ ପବିତ୍ର ରାଉତରାୟ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ପିଲାମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଭାରତମାତାର ଜୟ ଜୟକାର ଧ୍ୱନୀରେ ସାରା ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା। ମୁଖ୍ୟଅତିଥି ଶ୍ରୀ ଦାସ ପିଲାମାନଙ୍କୁ ସ୍ୱାଧୀନତା ଦିବସର ମର୍ମ ଓ ବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କ ବିଷୟରେ ଅବଗତ କରାଇଥିଲେ। ବିଦ୍ୟାଳୟର ଅଧକ୍ଷ ଡ. ସ୍ୱରୂପାନନ୍ଦ ମିଶ୍ର ସ୍ୱାଗତ କରିବା ସହିତ ସ୍ୱାଧୀନତା ପାଇଁ ନିଜକୁ ଗର୍ବିତ ହେବା ପାଇଁ ପିଲାମାନଙ୍କୁ ପ୍ରେରଣା ଦେଇଥିଲେ। ବିଦ୍ୟାଳୟର ଚେୟାରମ୍ୟାନ୍ ପବିତ୍ର ରାଉତରାୟ କହିଥିଲେ ଯେ, ପିଲାମାନେ ଉତ୍ତମ ନାଗରିକ ହୋଇ ଦେଶ ଓ ଜାତିର ଟେକ ରଖିବା ପାଇଁ ଛାତ୍ର ଜୀବନରୁ ଉଦ୍ୟମ କରିବା ଜରୁରୀ। ସମ୍ମାନିତ ଅତିଥି ବରିଷ୍ଠ ଶିକ୍ଷାବିତ୍ ଜଲିଲ ଖାନ୍ ଓ ଯୁବ ବିଜେଡି ସମ୍ପାଦକ ଆଶୀଷ ମିଶ୍ର ସ୍ୱାଧୀନତାର ପ୍ରକୃତ ପରିଚୟ ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ତ୍ୟାଗ, ବଳିଦାନ ସମ୍ପର୍କରେ ପିଲାମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ଶେଷରେ ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମ ହୃଦୟସ୍ପର୍ଶୀ ହୋଇପାରିଥିଲା। କିଛି ସମୟ ପାଇଁ ସତେଯେପରି ସମସ୍ତେ ଦେଶପ୍ରେମରେ ଭାବବିହ୍ୱଳ ହୋଇପଡିଥିଲେ। କୁନିକୁନି ପିଲାମାନେ ନିଜକୁ ସ୍ୱାଧୀନତା ସଂଗ୍ରାମୀ ବେଶରେ ସଜାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରିଶେଷରେ ବିଦ୍ୟାଳୟର ଉପାଧକ୍ଷ କବିନ୍ଦ୍ର ଦାଶ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ମିଳିମିଶି କାର୍ଯ୍ୟ କଲେ ଜୀବନରେ ସଫଳତା ନିଶ୍ଚୟ ମିଳିବ ବୋଲି କହିଥିଲେ।



ବାରିପଦା : ସ୍ୱାଧୀନତା ଦିବସ ପ୍ୟାରେଡରେ ଅଭିବାଦନ ଜଣାଉଛନ୍ତି କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ

# ବାଜପେୟୀଙ୍କ ବିୟୋଗରେ ‘ଲୟର୍ସ ଗ୍ରୁପ୍’ ପକ୍ଷରୁ ସ୍ମୃତିସଭା




**ଭୁବନେଶ୍ୱର :** ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ରାଷ୍ଟ୍ରନାୟକ ଅଟଳ ବିହାରୀ ବାଜପେୟୀଙ୍କ ପରଲୋକରେ ଲୟର୍ସ ଗ୍ରୁପ୍ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର କୋର୍ଟ ପରିସରରେ ଆୟୋଜିତ ଏହି ଶୋକାଞ୍ଜଳି କାର୍ଯ୍ୟକ୍ରମରେ ବହୁ ଆଇନଜୀବୀ ଯୋଗଦେଇ ପ୍ରଖ୍ୟାତ ଜନନାୟକ, ବିଚକ୍ଷଣ ବାଗ୍ମୀ, ବିଶିଷ୍ଟ କବି ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରିବା ସହିତ ନିଜର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି କାଳଜୟୀ ପୁରୁଷଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ଦେଶର ଯେଉଁଳି ବିକାଶ ହୋଇଥିଲା ତାହା ଦେଶବାସୀଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ସେମାନଙ୍କ ମଧ୍ୟରେ ଲିଙ୍ଗରାଜ ଦାଶ, ମନୋଜ ବଳିୟାରସିଂ, ବିଶ୍ୱମ୍ଭର ଦାଶ, ବାସୁଦେବ ଜେନା, ଗୋରଖ ନାୟକ ଅକ୍ଷୟ ଦାଶ, ସାରଙ୍ଗଧର ମାଝୀ, ସୁବ୍ରତ ମହାପାତ୍ର, ଦିଲିପ କୁମାର ମିଶ୍ର ଓ ସୁଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ‘ଏଗଜାମ୍ ୱାରିୟର୍ସ’ର ଓଡ଼ିଆ ସଂସ୍କରଣ ଉନ୍ମୋଚିତ

# ସୁପରମ୍ୟାନ୍ ହେବାକୁ ଦୃଢ଼ ସଙ୍କଳ୍ପ ଓ ଇଚ୍ଛାଶକ୍ତି ଦରକାର : ରାଜ୍ୟପାଳ




**ଭୁବନେଶ୍ୱର :** ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ୍‌ଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୁସ୍ତକ ‘ଏଗଜାମ୍ ୱାରିୟର୍ସ’ର ଓଡ଼ିଆ ସଂସ୍କରଣ ଲୋକାର୍ପିତ ହୋଇଯାଇଛି। ସ୍ଥାନୀୟ ଜୟଦେବ ଭବନଠାରେ ଏହି ପୁସ୍ତକକୁ ଲୋକାର୍ପିତ କରି ରାଜ୍ୟପାଳ କହିଛନ୍ତି, ଜଣେ ସାଧାରଣ ପିଲା ଦୃଢ଼ ସଂକଳ୍ପ ଓ ଇଚ୍ଛାଶକ୍ତି ବଳରେ ସୁପରମ୍ୟାନ୍ ହୋଇପାରିବ। ମୋଦି ଗୋଟିଏ ସାଧାରଣ ପରିବାରରୁ ଆସିଥିଲେ। ଜୀବନରେ ଅନେକ ଘାତ, ପ୍ରତିଘାତ ଓ ସଂଘର୍ଷର ସାମ୍ନା କରି ସେ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। ମୋଦିଙ୍କୁ ଆମେରିକାର ‘ଟାଇମ୍’ ମାଗାଜିନ୍ ଓ ଇଂଲଣ୍ଡର ‘ଗାର୍ଡିଆନ୍’ ପତ୍ରିକା ସୁପରମ୍ୟାନ୍ ବୋଲି ଅଭିହିତ କରିଛନ୍ତି। ଆଜିର ଯୁବକଙ୍କ ଉପରେ ଦେଶ ନିର୍ଭର କରୁଛି। ପରୀକ୍ଷାକୁ ଉତ୍ସାହର ସାମ୍ନା କରି ଏକ ଉତ୍ସବ ଭଳି ପାଳନ କରିବାକୁ ମୋଦିଜୀ ଏହି ପୁସ୍ତକରେ ପରାମର୍ଶ ଦେଇଛନ୍ତି। ଛାତ୍ରଛାତ୍ରୀ ସତ୍ୟ, ପ୍ରେମ ଓ କରୁଣା ସହ ନିର୍ଭୀକ ହେବା ଆବଶ୍ୟକ। ଆଜିର ଯୁବକ ଶ୍ରେଷ୍ଠ ଭାରତ ଗଢ଼ିପାରିବେ ବୋଲି ରାଜ୍ୟପାଳ କହିଛନ୍ତି। ପୁସ୍ତକ ଉନ୍ମୋଚନ ଉତ୍ସବର ଅନ୍ୟତମ ଅତିଥି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ସରକାରୀ ସ୍କୁଲରେ ପାଠ ପଢୁଥିବା ଗରିବ ଓଡ଼ିଆ ପରିବାରର ପିଲାମାନଙ୍କ ପାଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଲିଖିତ ‘ଏଗଜାମ ୱାରିୟର୍ସ’ର ପହଞ୍ଚୁ, ଏହା ତାଙ୍କର ଇଚ୍ଛା ଥିଲା। ଓଡ଼ିଶା ଭଳି ଏକ ଭାଷାସର୍ବସ୍ୱ ରାଜ୍ୟରେ ୧୮୮୫ ମସିହାରେ ମଧୁସୂଦନ ରାଓ ‘ଛବିଳ ମଧୁ ବର୍ଣ୍ଣବୋଧ’ ଲେଖିଥିଲେ। ଜାତୀୟ କଂଗ୍ରେସ ଗଠନ ପୂର୍ବରୁ ଏହି ବର୍ଣ୍ଣବୋଧ ଓଡ଼ିଆ ପିଲାଙ୍କ ପାଖରେ ପହଞ୍ଚିଥିଲା। ମଧୁ ବର୍ଣ୍ଣବୋଧକୁ ପ୍ରକାଶ କରିଥିବା ପ୍ରକାଶକ ଓଡ଼ିଶା ବୁକ୍ ଏମ୍ପୋରିୟମ୍ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲିଖିତ ପୁସ୍ତକ ‘ଏଗଜାମ୍ ୱାରିୟର୍ସ’ର ଓଡ଼ିଆ ଅନୁବାଦ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ବହୁ ଛୋଟଛୋଟ କଥା ଉପରେ ବହୁ ଗୁରୁତ୍ୱ ଦେଇଥାନ୍ତି। ଓଡ଼ିଶାର ପ୍ରକାଶ ରାଓ ପରି କଟକରେ ଚା’ ବିକୁଥିବା ବ୍ୟକ୍ତିତ୍ୱ ହୁଅନ୍ତୁ ଅଥବା ବାଲେଶ୍ୱରର ନୀଳଗିରିରେ ମଶାରୀ ବାଣ୍ଟୁଥିବା ଝିଅ ଯମୁନାମଣି ହୁଅନ୍ତୁ, ସେମାନଙ୍କୁ ପ୍ରଧାନମନ୍ତ୍ରୀ ନିଜେ ଖୋଜି ବାହାର କରିଛନ୍ତି। ଅନ୍ୟତମ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ପଦ୍ମବିଭୂଷଣ ଶିଳ୍ପୀଗୁରୁ ଡ. ରଘୁନାଥ ମହାପାତ୍ର, ବିଜେପି ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂହଦେଓ, ଜ୍ଞାନପୀଠ ବିଜୟିନୀ ପଦ୍ମଶ୍ରୀ ପ୍ରତିଭା ରାୟ, ଅଧ୍ୟାପକ ବିଶ୍ୱରଞ୍ଜନ ଓ ଓଡ଼ିଶା ବୁକ୍ ଏମ୍ପୋରିୟମର ସତ୍ତ୍ୱାଧିକାରୀ ପ୍ରକାଶକ ଶୁଭାଶିଷ କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁସ୍ତକର ଓଡ଼ିଆ ଅନୁବାଦକ ଡା. ଦୁର୍ଯ୍ୟୋଧନ ଦାସ, ପ୍ରଣବ ରଞ୍ଜନ ଭୂୟାଁ ଓ ଅଧ୍ୟାପକ ହିମାଂଶୁ ଭୂଷଣ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିକାଶ ପରିସରରେ ସ୍ୱାଧୀନତା ଦିବସ ପାଳିତ



**ବରଗଡ଼ :** ବରାହଗୁଡ଼ା ସ୍ଥିତ ବିକାଶ ମୁଖ୍ୟ କ୍ୟାମ୍ପସରେ ୭୨ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗର ଡେପୁଟି ଡାଇରେକ୍ଟର ପ୍ରଫେସର ତୁଷାର କାନ୍ତି ତ୍ରିପାଠୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହା ପରେ ପରେ ବିକାଶ ରେସିଡେନ୍ସିଆଲ୍ ସ୍କୁଲ୍ (ସିନିୟର ସେକେଣ୍ଡାରୀ) ର ଇଂରାଜୀ ୱାଲ୍ ମ୍ୟାଗେଜିନ୍ “ଦି ୱିଣ୍ଡୋ” ଓ ହିନ୍ଦୀ ୱାଲ୍ ମ୍ୟାଗେଜିନ୍ “ସ୍ମୃତି” ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିକାଶ ସ୍କୁଲ୍ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟ ର ଅଧ୍ୟକ୍ଷ ଡ.କ୍ଷୀରୋଦ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଡେପୁଟି ଡାଇରେକ୍ଟର ହେଲେ ମଧ୍ୟ ନିଜକୁ ଗଣିତ ଶିକ୍ଷକ ଭାବରେ ଖୁସି ଅନୁଭବ କରୁଥିବା ପ୍ରଫେସର ତ୍ରିପାଠୀ ମର୍ମସ୍ପର୍ଶୀ କ୍ଷୁଦ୍ରଗଳ୍ପ ମାଧ୍ୟମରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ କର୍ତ୍ତବ୍ୟପରାୟଣ ହେବା ପାଇଁ ଉଦ୍‌ବୋଧନ ଦେଇଥିଲେ। ଅନୁଷ୍ଠାନର ଚେୟାରମେନ୍ ଶ୍ରୀ ଡି.ମୂରଲୀ କ୍ରୀଷ୍ଣା ଚଳିତ ବର୍ଷର ଉଚ୍ଚକୋଟୀର ପରୀକ୍ଷା ଫଳାଫଳ ଏବଂ ଗୁଣାତ୍ମକ ଶିକ୍ଷା ପାଇଁ ବିକାଶର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉଚ୍ଚପ୍ରଶଂସା କରିବା ସହିତ ଏହି ଅଂଚଳରେ ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ୍ ଭାରତର ବରିଷ୍ଠ ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍‌ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାରେ ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରୁଛି ବୋଲି ଅଭିଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ଡାଇରେକ୍ଟର ଏଡ୍‌ମିନିଷ୍ଟ୍ରେସନ୍ ଶ୍ରୀ ଡି.ନାଗେଶ୍ୱର ରାଓ, ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟ ର ଅଧ୍ୟକ୍ଷ ଶ୍ରୀ ଶିଶିର ପ୍ରସାଦ ରାଉଳ, ବିକାଶ ଜୁନିୟର କଲେଜ ଅଧ୍ୟକ୍ଷ ଶ୍ରୀ ମୂରାରୀ ପ୍ରସାଦ ସାହୁ, ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ୍‌ର ଡାଇରେକ୍ଟର ଡା.ହିମାଂଶୁ ଶେଖର ମିଶ୍ର, ବିକାଶ ଟେକ୍‌ନିକାଲ୍ କ୍ୟାମ୍ପସ୍‌ର ଅଧ୍ୟକ୍ଷ ଇଂ.ଅଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିକାଶ ର ସମସ୍ତ ଶାଖାର ଉପାଧ୍ୟକ୍ଷ-ଉପାଧ୍ୟକ୍ଷା, ଅଧ୍ୟାପକ-ଅଧ୍ୟାପିକାମାନେ ଉକ୍ତ ଉତ୍ସବରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ଶେଷରେ ବିକାଶ ଆବାସିକ ବିଦ୍ୟାଳୟ ର ଅଧ୍ୟକ୍ଷ ଶ୍ରୀ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।


# ସଫା ଟାଙ୍କି • ସଫା ପାଣି

ବୈଜ୍ଞାନିକ ପଦ୍ଧତି (Mechanised Cleaning)ରେ
ପାଣିଟାଙ୍କି ସଫା କରନ୍ତୁ ଓ ରୋଗରୁ ବଞ୍ଚନ୍ତୁ।



୬ସ୍ତରୀୟ ସଫା ପଦ୍ଧତି
ଆମେ ବିଗତ ୨୦୦୬ ମସିହାରୁ କେନ୍ଦ୍ରୀୟ ଭାରତରେ ଏହି ସେବା ଯୋଗାଉଅଛୁ।
ମାତ୍ର ଗୋଟିଏ ଫୋନ୍ କଲ ଦୂରତାରେ...

FASTCLEAN™
Clean Tanks. Faster & Better
ISO 9001 : 2008 Certified
www.fastcleanindia.com

SPS SERVICES
Shop No.-102
Gaganawas Commercial Complex
Gajapati Nagar, Bhubaneswar-34, Odisha
Cell : 9853209485



## ଶୁଭେଚ୍ଛା ବାର୍ତ୍ତା

୭୨ତମ ସ୍ୱାଧୀନତା ଦିବସ ଉପଲକ୍ଷେ
ପୁବୁସାହି ଗ୍ରାମ ପଞ୍ଚାୟତର
ସମସ୍ତ ଗୁରୁଜନ, ମା’ ମାଉସୀ, ଭାଇଭଉଣୀମାନଙ୍କୁ
ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।





ପ୍ରମୋଦ କୁମାର ସ୍ୱାଇଁ (ପମି)
ସରପଞ୍ଚ
ପୁବୁସାହି ଗ୍ରାମ ପଞ୍ଚାୟତ, ଖୋରଧା



Evos EVOS BUILDCON PVT.LTD.

Upcoming Appartment Project
Mahaveer Enclave
Patrapada (Udayagiri Vihar)
300 Mts. from
N.H., Petrol Pump




3200/- Sq.ft
Construction will Start from March 2017
Member Of
AFORD

State Bank of India
Finance Available

Upcoming Mini Township Project (Duplex & Appartment)
HILL VIEW HEAVEN
DEULIAPATANA
2 K.M. from Madanpur, Near
Jagasara, BDA Housing Project



27-40 Lakhs
www.evos.co.in
Mob.: 9438383699, 9040051152



PLOT FOR SALE@BHUBANESWAR



Yellow Zone, 30ft wide Road
Mouza :
Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza :
Pandiapada
Contact Immediately :
8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି